ମୋପାସାଁ କାହାଣୀ

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା : ସଂଖ୍ୟା-୪୫

ମୋପାସାଁ-କାହାଣୀ

[ପ୍ରଥମ ଖଣ୍ଡ]

ଅନୁବାଦ :

ଅଧ୍ୟାପକ ଶ୍ରୀଧର ଦାସ

Digitized by srujanika@gmail.com

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର
କଟକ-୨ : ବ୍ରହ୍ମପୁର-୨

ମୁଦ୍ରକ :
ଚିନ୍ତାମଣି ମିଶ୍ର
ନବଜୀବନ ପ୍ରେସ
କଟକ-୨

ପ୍ରଥମ ମୁଦ୍ରଣ :
ଡିସେମ୍ବର, ୧୯୭୨

ମୂଲ୍ୟ
ଟ ୨. ୫୦

Digitized by srujanika@gmail.com

ସୂଚୀପତ୍ର

୧ । ହୀରା-ହାର The Diamond Necklace ...28 ୧

୨ । ଖଣ୍ଡେ ଦଉଡ଼ି A Piece of String ...34 ୧୨

୩ । ପ୍ରେମ Love ...71 ୨୯

୪ । ପ୍ରେତାତ୍ମା Ghosts 542 ୩୯

୫ । ପ୍ରତିଶୋଧ ... ୪୯

୬ । ସାବତ୍ରର ପାପସ୍ୱୀକାର Making a Convert 366 ୬୯

୭ । ମୁଁ ଫେରଆସିଛୁ A French Enoch Arden 317 ୮୩

୮ । ଭୌତିକ ବ୍ୟାପାର The Spectre ...662 ୯୪

୯ । କୁଞ୍ଚୀ Francis 938 ... ୧୦୯

1. ~~The Diamond Necklace~~

2. ~~A Piece of String~~

3. ~~Love~~

4.

ହୀରା-ହାର

ଦୈବ ବେଳେ ବେଳେ ଭୁଲକ୍ରମେ ଅତି ଦରିଦ୍ର ପରିବାରରେ ଅନିନ୍ଦ୍ୟସୁନ୍ଦରୀ କନ୍ୟାଙ୍କୁ ଜନ୍ମ ଦେଇଥାଏ । ସେ ଥିଲେ ସେହିପରି ଏକ ହତଭାଗିନୀ କନ୍ୟା । ତାଙ୍କର ଜନ୍ମ ହୋଇଥିଲା ଗୋଟିଏ ଦରିଦ୍ର କିରାଣି ପରିବାରରେ । ସେ ଯୁବତୀ ହେଲେ ; ସୌନ୍ଦର୍ଯ୍ୟରେ ଅତୁଳନୀୟା ହେଲେ ; କିନ୍ତୁ ବିଭାହେଲେ ସେ ଯୌତୁକ ପାଇବେ, ଲୋକେ ତାଙ୍କୁ ଜାଣିବେ, ତାଙ୍କର ପ୍ରଶଂସାକରିବେ, ତାଙ୍କୁ ଭଲପାଇବେ ଏପରି ଆଶା ନ ଥିଲା । କେହି ଧନୀ ବା ପ୍ରତିପତ୍ତିଶାଳୀ ଲୋକ ତାଙ୍କୁ ବିବାହ କରିବାର ଲବମାତ୍ର ସମ୍ଭାବନା ନ ଥିଲା । ସେ ନିଜେ ମଧ୍ୟ ସେଭଳି ଆଶାକୁ ମନରେ ସ୍ଥାନ ଦେଇନଥିଲେ । ଶେଷରେ ତାଙ୍କର ବିବାହ ହେଲା, ଶିକ୍ଷାବିଭାଗୀୟ ଅଫିସ୍‌ର ଗୋଟିଏ କିରାଣି ସହିତ ।

ଅଭାବ ହେତୁ ସେ ଭଲ ପୋଷାକ ପିନ୍ଧୁନଥିଲେ, ଭଲ ଅଳଙ୍କାରରେ ଦେହକୁ ସଜାଉନଥିଲେ । ତାଙ୍କର ଚାଲିଚଳନ ସାଧାସିଧା, ଆଡ଼ମ୍ବରହୀନ । କିନ୍ତୁ ନାରୀଜାତିର ଗୋଟିଏ ଅଦ୍ଭୁତ ପ୍ରକୃତି ହେଉଛି, ସେମାନେ ଧନ ବା ବଂଶଗୌରବକୁ ବିଚାର ନ କରି ରୂପ, ଅଙ୍ଗଛଟା ଓ ଆଚରଣ ଦୃଷ୍ଟିରୁ ନିଜର ମୂଲ୍ୟ ସ୍ଥିରକରି ବସନ୍ତି । ଯିଏ ଯେତେ ସୁନ୍ଦରୀ, ଯେତେ ଚତୁରୀ ସେ ନିଜକୁ ସେତେ ଉଚ୍ଚ ମନେକରେ ; ଧନୀଘରର ମହିଳାମାନଙ୍କଠାରୁ ନିଜକୁ

Digitized by srujanika@gmail.com

ହୀନ ବୋଲି ଭାବିବାର କାରଣ ଖୋଜି ପାଏନାହିଁ । ତେଣୁ କିରାଣିର ପତ୍ନୀ ହେଲେହେଁ ସେ ନିଜକୁ ବଡ଼ବୋଲି ଭାବି ମନରେ ଦୁଃଖ ଅନୁଭବ କରୁଥିଲେ ।

ସେ ବିଳାସ ଓ ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ ପାଇଁ ଇଚ୍ଛା କରୁଥିଲେ ; ତାହା ନ ପାଇବାରୁ ଦୁଃଖିତ ହେଉଥିଲେ । ତାଙ୍କର କୁତ୍ସିତ କୋଠରୀ, ମଇଳା କାନ୍ଥ, ଭଙ୍ଗା ଚଉକି ପ୍ରଭୃତି ଅନ୍ତରରେ ଗଭୀର ବ୍ୟଥା ଜାତକରୁଥିଲା । ହୁଏତ ତାଙ୍କର ଅବସ୍ଥାର ଅନ୍ୟ ଜଣେ ସ୍ତ୍ରୀ ଏସବୁ ପାଇଁ ଆଦୌ ଦୁଃଖ କରନ୍ତାନାହିଁ । ଯେଉଁ ଦରିଦ୍ର ବ୍ୟକ୍ତି ଏହି ଅସୁନ୍ଦର ଗୃହଟି ନିର୍ମାଣ କରାଇଥିଲା, ତାକୁ ଦେଖିଲାମାତ୍ରେ ତାଙ୍କର ବିରକ୍ତି ଜାତହୁଏ । ଶ୍ରେଷ୍ଠ ଶ୍ରେଷ୍ଠ ସୁନ୍ଦର କୋଠରୀ, ସୁନ୍ଦର ପର୍ଦ୍ଦା; ପିତ୍ତଳର ଦୀପଦାନୀ, ଭଲ ପୋଷାକପିନ୍ଧା ଦୁଇଗ୍ରାଜଣ ଚାକର, ଘର ଗରମ ରଖିବାର ଯନ୍ତ୍ର, ବଡ଼ ବୈଠକ-ଖାନା, ରେଶମର ପର୍ଦ୍ଦା, ବହୁମୂଲ୍ୟ କାଠର ସୁନ୍ଦର ଚଉକି, ଟେବୁଲ, ଆଲମାରୀ ପ୍ରଭୃତି ତାଙ୍କ ଆଖିଆଗରେ ଭାସିଉଠନ୍ତି । ଯେଉଁ ପ୍ରସିଦ୍ଧଲୋକେ ଏହିପରି ଘରେ ବସି ସୁନ୍ଦରୀ ଓ ଗୁଣବତୀ ରମଣୀ-ମାନଙ୍କର ପ୍ରଶଂସା ଗାନକରନ୍ତି ସେହିପରି ପୁରୁଷଙ୍କ କଥା ତାଙ୍କର ମନେପଡ଼ିଯାଏ ।

ଗୋଟିଏ ଗୋଲ୍‌ଟେବୁଲ ପାଖରେ ବସି ସ୍ୱାମୀଙ୍କସହିତ ସେ ଖାଇବସନ୍ତି । ଟେବୁଲଉପର କନାଟା ମଇଳା । ପିତ୍ତଳବାସନରେ ସାମାନ୍ୟ ମୂଲ୍ୟର ଖାଦ୍ୟ ଥାଏ । ତାଙ୍କର ସ୍ୱାମୀ ସେହି ଖାଦ୍ୟର ପ୍ରଶଂସାକରି କହନ୍ତି । କିନ୍ତୁ ସେତେବେଳକୁ ସେ କଳ୍ପନାଚକ୍ଷୁରେ ଦେଖୁଥାନ୍ତି ଏକ ସୁସଜ୍ଜିତ ବିଶାଳ ଭୋଜନଗୃହ, ପରିପାଟି ସହ ରୌପ୍ୟପାତ୍ରରେ ପରିବେଷିତ ବିବିଧ ଖାଦ୍ୟ, କାନ୍ଥରେ ନାନାବର୍ଣ୍ଣର ବିଚିତ୍ର ବସ୍ତ୍ର ଓ ସେଥିରେ ଚିତ୍ରିତ ନାନା ବୃକ୍ଷ ଲତା, ପଶୁ ପକ୍ଷୀ ;

Digitized by srujanika@gmail.com

କାନରେ ଶୁଣୁଥାନ୍ତି ସୁନ୍ଦରପୋଷାକପରିହିତ ଯୁବକମାନଙ୍କର ଅନୁଚ୍ଚ କଥୋପକଥନ ।

ତାଙ୍କର ସୁନ୍ଦର ଫ୍ରକ୍ ନ ଥିଲା କି କୌଣସି ଅଳଙ୍କାର ନ ଥିଲା । ଅଥଚ ଏଇ ଜିନିଷପ୍ରତି ତାଙ୍କର ବିଶେଷ ଆଗ୍ରହ । ତାଙ୍କର ଧାରଣା, ଏସବୁ ପାଇବାପାଇଁ ତାଙ୍କର ଜନ୍ମଗତ ଦାବୀ ଅଛି । ସେ ଚାହାନ୍ତି, ସେ ଅନ୍ୟମାନଙ୍କୁ ନିଜର ସୌନ୍ଦର୍ଯ୍ୟ ଓ ରୁଚିବୋଧଦ୍ୱାରା ସନ୍ତୁଷ୍ଟ କରିବେ; ସେମାନେ ତାଙ୍କୁ ପ୍ରଶଂସା କରିବେ; ତାଙ୍କର ସାନ୍ନିଧ୍ୟ କାମନା କରିବେ ।

ତାଙ୍କର ଜଣେ ଖୁବ୍ ଧନୀ ବାନ୍ଧବୀ ଥିଲେ । ଦୁହେଁ ଏକସଙ୍ଗରେ ସ୍କୁଲରେ ପଢ଼ିଥିଲେ । କିନ୍ତୁ ସେ ବାନ୍ଧବୀଙ୍କୁ ଦେଖାକରିବାକୁ ଯାଉ-ନଥିଲେ । ବେଳେ ବେଳେ ବାନ୍ଧବୀ ତାଙ୍କ ଘରକୁ ଆସୁଥିଲେ । ବାନ୍ଧବୀ ନିଜ ଘରକୁ ଫେରିଗଲା ପରେ ତାଙ୍କର ମନ ଦୁଃଖ ଓ ନୈରାଶ୍ୟରେ ଜର୍ଜରିତ ହୋଇଯାଉଥିଲା ।

ଦିନେ ସନ୍ଧ୍ୟାବେଳେ ତାଙ୍କର ସ୍ୱାମୀ ହାତରେ ଗୋଟିଏ ବଡ଼ ଲଫାପା ଧରି ଘରକୁ ଆସି ଆନନ୍ଦରେ କହିଲେ, "ଶୁଣୁଚ, ତୁମପାଇଁ ଗୋଟାଏ ଶୁଭଖବର ଅଛି ।" ଏହାକହି ସେ ଲଫାପାଟିକୁ ସ୍ତ୍ରୀହାତକୁ ବଢ଼ାଇଦେଲେ ।

ସେ ଲଫାପାଟିକୁ ଚିରି ସେଥିରୁ ଗୋଟିଏ ଛପା ନିମନ୍ତ୍ରଣପତ୍ର ପାଇଲେ । ସେଥିରେ ଥିଲା—

"ଆସନ୍ତା ଜାନୁୟାରି ୧୮ ତାରିଖ ସୋମବାର ସନ୍ଧ୍ୟା ସାତଘଣ୍ଟା ସମୟରେ ଶିକ୍ଷାମନ୍ତ୍ରୀଙ୍କର ସରକାରି ବାସଭବନରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହେବ । ଏଥିରେ ମିଷ୍ଟର ଓ ମିସେସ୍ ଲୋଇଜେଲ୍ ଯୋଗଦାନ କଲେ ଶିକ୍ଷାବିଭାଗୀୟ ମନ୍ତ୍ରୀ ଓ ମିସେସ୍ ଜର୍ଜ ରାମ୍ପୋନ ବାଧିତ ହେବେ ।"

Digitized by srujanika@gmail.com

ମି: ଲୋଇଜେଲ ଆଶାକରିଥିଲେ ଯେ ପତ୍ନୀ ନିମନ୍ତ୍ରଣପତ୍ର ଦେଖି ଆନନ୍ଦରେ ତାଙ୍କୁ ଧନ୍ୟବାଦ ଦେବେ । କିନ୍ତୁ ଫଳ ବିପରୀତ ହେଲା । ସେ ନିମନ୍ତ୍ରଣପତ୍ରଟା ଫିଙ୍ଗିଦେଇ କହିଲେ, "ମୋର ଏଥିରେ କଅଣ ଅଛି ?"

ମି: ଲୋଇଜେଲ କହିଲେ, "ମୁଁ ଭାବିଥିଲି ନିମନ୍ତ୍ରଣରେ ତୁମେ ଆନନ୍ଦିତ ହେବ । ତୁମେ କେବେ କୁଆଡ଼େ ଯାଇନାହିଁ । ମନ୍ତ୍ରୀଙ୍କ ବନ୍ଧୁମିଳନକୁ ଗଲେ କେତେ ଲୋକଙ୍କୁ ଦେଖିବ । ଏହି ନିମନ୍ତ୍ରଣପତ୍ରଟା ପାଇବାକୁ ମୁଁ କଅଣ ଊଣା ଚେଷ୍ଟା କରିଛି ? ଆମଭଳିଆ କିରାଣିଙ୍କ ପକ୍ଷରେ ମନ୍ତ୍ରୀଙ୍କ ନିମନ୍ତ୍ରଣ ପାଇବା କଅଣ ସହଜ କଥା !"

କିନ୍ତୁ ମିସେସ୍ ଲୋଇଜେଲ ସ୍ୱାମୀଙ୍କୁ କ୍ରୁଦ୍ଧ ଆଖିରେ ଚାହିଁ କହିଲେ, "ଏପରି ଗୋଟାଏ ବନ୍ଧୁମିଳନକୁ ଯିବାକୁ କହୁଛ ଯେ, ମୁଁ କଅଣ ପିନ୍ଧି ଯିବି ?"

ମି: ଲୋଇଜେଲ ଏକଥା ଆଦୌ ଭାବିନଥିଲେ । ସେ ରହି ରହି କହିଲେ, "ସେଦିନ ଆମେ ଥିଏଟରଦେଖି ଯିବାଦିନ ଯେଉଁ ପୋଷାକ ପିନ୍ଧି ଯାଇଥିଲ, ତାକୁହିଁ ପିନ୍ଧିଲେ ଚଳିବ । ସେ ପୋଷାକ ମୋତେ ସୁନ୍ଦର ଦେଖାଯାଏ ।"

ଏତିକି କହି ସେ ଚୁପ୍ ହୋଇଗଲେ । ମିସେସ୍ ଲୋଇଜେଲଙ୍କ ଆଖିରୁ ଲୁହ ବୋହିଗଲା । ତାଙ୍କ ଆଖିରୁ ମଧ୍ୟ ଲୁହ ବୋହି-ପଡ଼ିଲା । ସେ କହିଲେ, "ପ୍ରିୟେ, କଅଣ ହେଲା ? ଏପରି କାନ୍ଦୁଛ କାହିଁକି ?"

ମିସେସ୍ ଲୋଇଜେଲ ଅତି କଷ୍ଟରେ ନିଜର ବିରକ୍ତିକୁ ଦମନକରି ଆଖିରୁ ଲୁହ ପୋଛି କହିଲେ, "କିଛିନାହିଁ, ହେବ କଅଣ ? ମୋର ପୋଷାକ ନାହିଁ, ଅଳଙ୍କାର ନାହିଁ । ମୁଁ ଏତେବଡ଼ ପାର୍ଟିକୁ ଏପରି

Digitized by srujanika@gmail.com

ଯାଇପାରିବନାହିଁ । ଆମନ୍ତ୍ରଣପତ୍ରଟା ତୁମର କୌଣସି ବନ୍ଧୁଙ୍କ ସ୍ତ୍ରୀକୁ ଦେଇପକାଅ ।”

ମି: ଲୋଇଜେଲ୍ ଗଭୀର ମନଦୁଃଖରେ କହିଲେ, “ମାଟିଲ୍‌ଡା, ଗୋଟିଏ କଥା କରାଯାଉ । ମଧ୍ୟମ ପ୍ରକାରର ଗୋଟିଏ ଚଳନସହି ପୋଷାକ କେତେ ପଡ଼ିବ ? ତାହାହେଲେ ସେଇଟି ଅନ୍ୟ ବିଶିଷ୍ଟ ଦିନ ମଧ୍ୟ ବ୍ୟବହାର କରାଯାଇପାରିବ ।”

ସେ କିଛି ସମୟ ଚିନ୍ତାକଲେ । ଦାମଟା ଏପରି କହିବାକୁ ହେବ, ଯେପରିକି ସ୍ୱାମୀ ଅସମ୍ଭବ ବୋଲି ଚିତ୍କାର କରି ଏକବାରେ ମନାକରିନଦିଅନ୍ତି । ଶେଷରେ ସେ ଧୀରେ ଧୀରେ କହିଲେ, “ମୁଁ ଠିକ୍ କରି କହିପାରିବନାହିଁ । ତେବେ ବୋଧହୁଏ ଚାରିଶ ଫ୍ରାଙ୍କ ହେଲେ ଚଳିଯିବ ।”

ଟଙ୍କାର ପରିମାଣ ଶୁଣି କିରାଣିଙ୍କର ମୁହଁ ଶୁଖିଗଲା । ସେ ଅନେକ ଦିନରୁ ସଞ୍ଚି ସଞ୍ଚି ଠିକ୍ ଚାରିଶ ଫ୍ରାଙ୍କ୍ ରଖିଥିଲେ । ଗୋଟିଏ ବନ୍ଧୁକ ଏଥିରେ କିଣିବେ ବୋଲି ସେ ସ୍ଥିରକରିଥିଲେ । ତଥାପି ନିଜର ଇଚ୍ଛାକୁ ଜଳାଞ୍ଜଳିଦେଇ ସେ କହିଲେ, “ଆଚ୍ଛା, ମୁଁ ଚାରିଶ ଫ୍ରାଙ୍କ୍ ଦେଉଛି ; କିନ୍ତୁ ଦେଖ, ଯେପରି ସୁନ୍ଦର ପୋଷାକଟିଏ ଆଣିବ ।”

ଜାନୁୟାରୀ ୧୮ ତାରିଖ ପାଖେଇ ଆସିଲା । ଦିନ ଯେତିକି ନିକଟ ହେଉଥାଏ, ମିସେସ୍ ଲୋଇଜେଲ୍ ସେତିକି ଦୁଃଖିତ ଓ ଚିନ୍ତାଗ୍ରସ୍ତ ହୋଇପଡୁଥାନ୍ତି । ଯାହାହେଉ, ପୋଷାକ ତିଆରି ହୋଇଗଲା ।

ଦିନେ ମିଷ୍ଟର ଲୋଇଜେଲ୍ ପଚାରିଲେ, “ପ୍ରିୟେ, ଦୁଇ ତିନି ଦିନ ହେଲା ତୁମର ମନରେ ସୁଖ ନାହିଁ କାହିଁକି ?”

Digitized by srujanika@gmail.com

ପତ୍ନୀ ଉତ୍ତର କଲେ, "ମନ ଦୁଃଖର ତେର କାରଣ ଅଛି । ମୋର ଖଣ୍ଡିଏ ହେଲେ ଅଳଙ୍କାର ନାହିଁ । ହୀରାର କି ମୁକ୍ତାର କିଛି ହେଲେ ନାହିଁ । ମନ୍ତ୍ରୀଙ୍କ ବନ୍ଧୁମିଳନକୁ ଯେଉଁ ସ୍ତ୍ରୀମାନେ ଆସିଥିବେ, ସେମାନେ ବହୁମୂଲ୍ୟ ଅଳଙ୍କାରମାନ ପିନ୍ଧି ଆସିଥିବେ । ସେମାନଙ୍କ ଆଗରେ ମୁଁ ଏ ଦରିଦ୍ର ବେଶରେ ମୁହଁ ଦେଖାଇବି କିପରି ? ମୁଁ ଭାବୁଛି, ସେଠାକୁ ମୋର ନଯିବାହିଁ ଭଲ ହେବ ।"

ମି: ଲୋଇଜେଲ ଉତ୍ତରକଲେ, "ତୁମେ ଦେହକୁ ଫୁଲରେ ସଜାଇ ଗଲେ ଖୁବ୍ ସୁନ୍ଦର ଦେଖାଯିବ । ଏ ସମୟରେ ଫୁଲ ଖୁବ୍ ଶସ୍ତା, ଦଶ ଫ୍ରାଙ୍କ୍ ଖରଚ କଲେ ଚଳିଯିବ ।"

ପତ୍ନୀ ଉତ୍ତରକଲେ, "ନା, ନା, ଧନୀ ମହିଳାଙ୍କ ଭିତରେ ମୁଁ କେବଳ କେତୋଟି ଫୁଲରେ ଦେହକୁ ସଜାଇ ସେମାନଙ୍କଠାରୁ ଅପମାନ ସହିପାରିବିନାହିଁ ।"

ସ୍ୱାମୀ ଟିକିଏ ଚିନ୍ତାକରି କହିଲେ, "ତୁମେ ତ ବଡ଼ ବୋକା; ମିସେସ୍ ଫରେଷ୍ଟିଅର ପରା ତୁମର ବାନ୍ଧବୀ । ତାଙ୍କର ବହୁତ ଅଳଙ୍କାର ଅଛି । ତୁମେ ମାଗିଲେ ସେ କଅଣ ଦିନେ ଦୁଇ ଦିନ ପାଇଁ କେତେଖଣ୍ଡ ଅଳଙ୍କାର ତୁମକୁ ଦେବେନାହିଁ ?"

ମିସେସ୍ ଲୋଇଜେଲଙ୍କ ମୁଖ ପ୍ରସନ୍ନ ହୋଇଗଲା । ସେ କହିଲେ, "ହଁ, ତୁମେ ଠିକ୍ କହିଛ । ମୋର ସେକଥା ମନେପଡ଼ି-ନଥିଲା ।"

ଏହାର ପରଦିନ ମିସେସ୍ ଲୋଇଜେଲ ସଙ୍ଗିନୀଙ୍କ ଘରକୁ ଯାଇ ସବୁ କଥା ଜଣାଇଲେ । ମିସେସ୍ ଫରେଷ୍ଟିଅର ଆଲମାରି ଫିଟାଇ ନିଜ ଗହଣାବାକ୍ସ ଆଣି ଖୋଲିଦେଇ କହିଲେ, "ତୋର ଯାହା ପସନ୍ଦ ହେଉଛି ନେଇଯାଆ ।"

Digitized by srujanika@gmail.com

ମିସେସ୍ ଲୋଇଜେଲ ଏଥିରେ ନାନା ରକମର ଅଳଙ୍କାର ଦେଖିଲେ । କେଉଁଟି ସୁନାରେ, କେଉଁଟି ହୀରାରେ, କେଉଁଟି ମୁକ୍ତାରେ ତିଆରି । କେତୋଟି ପିନ୍ଧି, ସେ ଦର୍ପଣ ଆଗରେ ଛିଡ଼ାହୋଇ ନିଜ ଚେହେରା ଦେଖିଲେ । ଏଗୁଡ଼ିକ ଭିତରୁ ସେ କାହାକୁ ନେବେ, କାହାକୁ ନ ନେବେ କିଛି ସ୍ଥିର କରିପାରିଲେନାହିଁ । ତତ୍ପରେ ସେ ପଚାରିଲେ, "ତୋର ଆଉ ଅଳଙ୍କାର ନାହିଁ ?"

"ହଁ, ଆହୁରି ଅଛି, ଆ, ମୋ ଆଲମାରିରୁ ଦେଖିବୁ । ଯେଉଁଟା ତୋର ପସନ୍ଦ, ବାଛିନେବୁ ।"

ସେ ଆଲମାରି ପାଖକୁ ଯାଇ ଅନ୍ୟ ଏକ ଗହଣାବାକ୍ସ ଦେଖିଲେ । ସେଥିରେ ହୀରାର ଗୋଟିଏ ହାର ଥିଲା । ତାକୁ ଦେଖିଲା-କ୍ଷଣି ମିସେସ୍ ଲୋଇଜେଲଙ୍କର ମନ ଆନନ୍ଦରେ ପୂରିଗଲା । ଅନ୍ୟ ସବୁ ଅଳଙ୍କାର ରଖିଦେଇ ସେ ସେହି ହାରଟିକୁ ନିଜ ଗଳାରେ ଲମ୍ବାଇଦେଲେ । ଦର୍ପଣ ଆଗରେ ଥରେ ନିଜକୁ ଦେଖିନେଇ ସେ କହିଲେ, "ଏଇଟିକୁ କେତେଦିନପାଇଁ ମୋତେ ଦେଇପାରିବୁ ?"

"ନିଶ୍ଚୟ, ନ ଦେବି କାହିଁକି ?"

ଦୁଇ ସଙ୍ଗିନୀ ପରସ୍ପରକୁ ଆଲିଙ୍ଗନ କଲେ । କିଛି ସମୟ ଗଳ୍ପ କଲା ପରେ ମିସେସ୍ ଲୋଇଜେଲ୍ ହାରଟିକୁ ବାକ୍ସ ସହିତ ଆଣି ଘରକୁ ଫେରିଆସିଲେ ।

ଶିକ୍ଷାମନ୍ତ୍ରୀଙ୍କର ବନ୍ଧୁମିଳନ ଉତ୍ସବରେ ଉଭୟେ ମିଷ୍ଟର ଓ ମିସେସ୍ ଲୋଇଜେଲ୍ ଯୋଗଦେଲେ । ଏତେବଡ଼ ଉତ୍ସବରେ ସମସ୍ତଙ୍କ ଦୃଷ୍ଟି ମିସେସ୍ ଲୋଇଜେଲଙ୍କ ଉପରେ । ଯେତେ ମହିଳା ଯାଇଥିଲେ, ସେମାନଙ୍କ ଭିତରେ ସେ ସବୁଠାରୁ ସୁନ୍ଦରୀ । ତାଙ୍କର ସ୍ମିତ ମୁଖରେ କଥା କହିବା ଭଙ୍ଗୀରେ ସମସ୍ତେ ମୁଗ୍ଧ । ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ତାଙ୍କ ସହିତ ପରିଚିତହୋଇ ନିଜକୁ ଧନ୍ୟ ମନେକଲେ । ମନ୍ତ୍ରୀ-

Digitized by srujanika@gmail.com

ମଣ୍ଡଳର ମନ୍ତ୍ରୀମାନେ ସମସ୍ତେ ତାଙ୍କ ସହିତ ନାଚିବାର ଇଚ୍ଛା ପ୍ରକାଶ କଲେ । ଯାହାଙ୍କ ଅଧୀନସ୍ଥ ଶିକ୍ଷା ବିଭାଗରେ ତାଙ୍କ ସ୍ୱାମୀ ଜଣେ ନଗଣ୍ୟ କିରାଣି, ସେହି ଶିକ୍ଷାମନ୍ତ୍ରୀ ମିସେସ୍ ଲୋଇଜେଲଙ୍କୁ ଯଥେଷ୍ଟ ଆଦର ଅଭ୍ୟର୍ଥନା କଲେ ।

ମିସେସ୍ ଲୋଇଜେଲ ଆନନ୍ଦରେ ଭୋଳ ହୋଇ ଜଣକପରେ ଜଣକ ସହିତ ନୃତ୍ୟରେ ଯୋଗଦେଲେ । ସେ ନିଜର ରୂପଗର୍ବରେ ମୁଗ୍ଧ । ନାରୀ ଅନ୍ତରର ଗଭୀରତମ ପ୍ରଦେଶରେ ଯାହା କାମନା କରେ ସେ ତାହା ପାଇଥିବାରୁ ଆନନ୍ଦରେ ବିଭୋର । ଆଜି ସେ ବିଜୟିନୀ । ତାଙ୍କର ନାରୀ ଜୀବନ ସାର୍ଥକ ।

ନୃତ୍ୟ ଶେଷ ହେଲାବେଳକୁ ରାତି ପ୍ରାୟ ଚାରିଟା । ନାରୀମାନେ ନୃତ୍ୟ କରୁଥିବା ସମୟରେ ମିଷ୍ଟର ଲୋଇଜେଲ ଅନ୍ୟ କେତେଜଣ ଭଦ୍ରବ୍ୟକ୍ତିଙ୍କ ସହିତ ଗୋଟିଏ କୋଠରୀରେ ବିଶ୍ରାମସୁଖ ଅନୁଭବ କରୁଥିଲେ । ସମସ୍ତେ ତନ୍ଦ୍ରାଭିଭୂତ ।

ମିଷ୍ଟର ଓ ମିସେସ୍ ଲୋଇଜେଲ ନିଜ ଘରକୁ ବାହାରିଲେ । ମିସେସ୍ ଲୋଇଜେଲ ତାଙ୍କର ପ୍ରତିଦିନର ବ୍ୟବହାର୍ଯ୍ୟ ଓଢ଼ଣିଟି ନେଇଥିଲେ । ତାହିଁରେ ଶରୀରକୁ ଆବୃତ କରି ସେ ସ୍ୱାମୀଙ୍କ ସହିତ ଚାଲିଲେ । ଅନ୍ୟମାନେ ତାଙ୍କର ଏହି ସାଧାରଣ ପରିଚ୍ଛଦ କାଳେ ଦେଖି ପକାଇବେ ସେଥିପାଇଁ ସେ ଶୀଘ୍ର ଯିବାକୁ ବାହାରିଲେ । ମିଷ୍ଟର ଲୋଇଜେଲ କହିଲେ, "କାକର ପଡ଼ୁଛି; ଚାଲିଚାଲି ଗଲେ ତୁମକୁ ଥଣ୍ଡା ଧରିବ । ମୁଁ ଗୋଟାଏ ଘୋଡ଼ାଗାଡ଼ି ଡାକିଆଣେ ।" କିନ୍ତୁ ମିସେସ୍ ଲୋଇଜେଲ ସେ କଥା ନଶୁଣି ସଦର ରାସ୍ତାପର୍ଯ୍ୟନ୍ତ ଚାଲିଆସିଲେ । ସେଠାରେ କୌଣସି ଘୋଡ଼ାଗାଡ଼ି ମିଳିଲାନାହିଁ ।

ଦୁହେଁ ଚାଲି ଚାଲି ସିନ୍ନଦୀକୂଳ ପର୍ଯ୍ୟନ୍ତ ଗଲେ । ଶୀତରେ ଦେହ ଥରିଯାଉଥାଏ । ଶେଷରେ ବନ୍ଦର ପାଖରେ ଗୋଟାଏ ଗାଡ଼ି

Digitized by srujanika@gmail.com

ମିଳିଗଲା । ଦୁହେଁ ସେଇ ଗାଡ଼ିରେ ବସି ଘରପର୍ଯ୍ୟନ୍ତ ଗଲେ । ମିସେସ୍ ଲୋଇଜେଲଙ୍କର ଚିନ୍ତା—ସୁଖର ଦିନଟି ସରିଗଲା; ଏପରି ଦିନ ଆଉ ମିଳିବ କି ? ମିଷ୍ଟର ଲୋଇଜେଲଙ୍କ ଚିନ୍ତା—କାଲି ଦଶଟାବେଳକୁ ଅଫିସରେ ହାଜର ଦେବାକୁ ହେବ ।

ମିସେସ୍ ଲୋଇଜେଲ ଦେହଉପରୁ ଓଢ଼ଣୀଟା କାଢ଼ିଦେଇ ଦର୍ପଣ ଆଗରେ ନିଜର ରୂପ ଓ ସାଜସଜ୍ଜାକୁ ଥରେ ଦେଖିନେଲେ । ହଠାତ୍ ସେ ଚିତ୍କାର କରି ଉଠିଲେ । ତାଙ୍କ ଗଳାରେ ହୀରାର ହାରଟି ନାହିଁ ।

ସ୍ୱାମୀ ଅଧେ ପୋଷାକ ଖୋଲିସାରିଥିଲେ । ସେ ଚିତ୍କାର ଶୁଣି ବିସ୍ମୟରେ ପଚାରିଲେ, "କଅଣ ହେଲା ?"

ପତ୍ନୀ ଉତ୍ତର କଲେ, "ମୁଁ···ମୁଁ···ହଜେଇଦେଇଛି । ମିସେସ୍···ମିସେସ୍ ଫରେଷ୍ଟିଅରଙ୍କ ହାରଟା ମୋ ଗଳାରେ ନାହିଁ ।" ତାଙ୍କ ତୁଣ୍ଡରୁ କଷ୍ଟରେ କଥା ବାହାରୁଥିଲା ।

ମିଷ୍ଟର ଲୋଇଜେଲ କହିଲେ, "କଅଣ ? ତା କି ସମ୍ଭବ ? ହଜିଯିବ କିପରି ?"

ସ୍ୱାମୀ ସ୍ତ୍ରୀ ଦୁହେଁଯାକ ପୋଷାକଯାକ ଝାଡ଼ି ଖୋଜିଲେ । ନିଜ ପକେଟ ଖୋଜିଲେ । ଘରର ଅନ୍ଧିସନ୍ଧି ଖୋଜିଗଲେ । ହାର ମିଳିଲା-ନାହିଁ ।

ସ୍ୱାମୀ ପଚାରିଲେ, "ଘରୁ ବାହାରିଲାବେଳେ ତୁମ ଗଳାରେ ହାରଟା ଥିଲା ବୋଲି ଠିକ୍ ମନେଅଛି ତ ?"

"ନିଶ୍ଚୟ, ଗଲାବେଳେ ପିନ୍ଧି ବାହାରିଥିଲି ।"

"ମନ୍ତ୍ରୀଙ୍କ କୋଠିରୁ ନଦୀକୂଳ ଭିତରେ ପଡ଼ିଥିଲେ ଶବ୍ଦ ହୋଇଥାନ୍ତା । ତେବେ ଗାଡ଼ିରେ ପଡ଼ିଥିବ !"

"ହଁ, ତା ସମ୍ଭବ । ତୁମେ ଗାଡ଼ିର ନମ୍ବର ମନେରଖିଛ ?"

Digitized by srujanika@gmail.com

"ନା, ମୁଁ ନମ୍ବରଟା ଦେଖିନଥିଲି । ତୁମେ ଦେଖିଛ ?"

"ନା ।"

ଦୁହେଁ ପରସ୍ପରକୁ ଚାହିଁଲେ । ଦୁହିଁଙ୍କର ମୁହଁରେ ବିଷାଦ ଓ ନୈରାଶ୍ୟର ଚିହ୍ନ । କିଛି ସମୟ ପରେ ମିଷ୍ଟର ଲୋଇଜେଲ ପୁଣି ପୋଷାକ ପିନ୍ଧି କହିଲେ, "ମୁଁ ଯାଉଛି, ଆମେ ଯେଉଁ ବାଟେ ଚାଲି ଚାଲି ଆସିଥିଲେ, ସେ ବାଟଟା ଖୋଜି ଦେଖିବି ।"

ସେ ବାହାରିଗଲେ । ମିସେସ୍ ଲୋଇଜେଲ୍ ଗୋଟାଏ ଚଉକି ଉପରେ ବସିପଡ଼ିଲେ ! ସେ କିଛି ଭାବିବାକୁ ମଧ୍ୟ ଅକ୍ଷମ ।

ସକାଳ ସାତଟା ବେଳକୁ ସ୍ୱାମୀ କ୍ଳାନ୍ତ ହୋଇ ଫେରିଆସିଲେ ।

ସେ ପୁଣି ଘରୁ ବାହାରି ଥାନାକୁ ଗଲେ , କେଉଁ ଗାଡ଼ିର ସନ୍ଧାନ ନେଲେ; ଖବରକାଗଜରେ ଗୋଟାଏ ବିଜ୍ଞାପନ ଦେଲେ ଯେ, କେହି ହଜିଥିବା ହାରର ସନ୍ଧାନ ଦେଲେ ପୁରସ୍କାର ପାଇବେ । ମୋଟ ଉପରେ ଏପରି କ୍ଷେତ୍ରରେ ମନୁଷ୍ୟ ଯାହା କରିବା ସମ୍ଭବ, ସେ ତାହା କରିଗଲେ ।

ଏଣେ ମିସେସ୍ ଲୋଇଜେଲ ଭୀଷଣ ମାନସିକ ଅଶାନ୍ତିରେ ଘରେ ଅପେକ୍ଷା କରି ରହିଥାନ୍ତି । ସନ୍ଧ୍ୟାବେଳକୁ ମିଷ୍ଟର ଲୋଇଜେଲ ଏକାନ୍ତ ବିଷଣ୍ଣ ମୁଖରେ ଘରକୁ ଫେରିଆସି ସ୍ତ୍ରୀଙ୍କୁ କହିଲେ, "ବର୍ତ୍ତମାନ ଗୋଟିଏ କଥା କର । ତୁମ ବାନ୍ଧବୀଙ୍କ ପାଖକୁ ଚିଠି ଲେଖିଦିଅ ଯେ ହାରର ଦୁଇ ମୁଣ୍ଡରେ ଥିବା ସୁନା ଶିକୁଳି ଛିଡ଼ି-ଯାଇଛି । ମରାମତି ହେଲେ ଦେଇଆସିବି । ତାହାହେଲେ ଅନ୍ତତଃ କିଛି ସମୟ ମିଳିଯିବ ।"

ମିସେସ୍ ଲୋଇଜେଲଙ୍କର ଭାବିଚିନ୍ତି ଚିଠିଟିଏ ଲେଖିବାର ଶକ୍ତି ନଥିଲା । ସ୍ୱାମୀ ଯାହା ଡାକିଦେଲେ ସେ ତାହା ଲେଖି ଚିଠି ପଠାଇଦେଲେ ।

Digitized by srujanika@gmail.com

ଖୋଜାଖୋଜିରେ ସପ୍ତାହେ ଗ୍ଭଲିଗଲା । ହାରଟି ମିଳିବାର ଆଶା ଏକବାରେ ଲୋପ ପାଇଲା ।

ଏବେ ମିଷ୍ଟର ଲୋଇଜେଲ ପତ୍ନୀଙ୍କୁ କହିଲେ, "ମିଳିବାର ଆଶା ତ ଗଲା । ସେହିପରି ଗୋଟିଏ ହାର ଫେରାଇ ଦେବାପାଇଁ ଚେଷ୍ଟା କରିବା ଦରକାର ।"

ହାରବାକ୍ସଟିରେ ଦୋକାନର ନାମ ଲେଖାଥିଲା । ପତିପତ୍ନୀ ଦୁହେଁଯାକ ବାକ୍ସଟିକୁ ନେଇ ସେହି ଦୋକାନରେ ପଗ୍ଭରିଲେ, "ଏହି ବାକ୍ସରେ ଯେଉଁ ହାର ବିକି ହୋଇଥିଲା, ତାର ଦାମ୍ କେତେ ?"

ଦୋକାନୀ ନିଜର ଖାତାପତ୍ର ଖୋଜାଖୋଜି କରି କହିଲା, "ଆମେ କେବଳ ଏ ଅଳଙ୍କାର ବାକ୍ସଟିକୁ ବିକିଛୁ । କୌଣସି ଅଳଙ୍କାର ବିକି କରିନାହୁଁ ।"

ଏହା ପରେ ସେ ହଜିଥିବା ହାରର ଯଥାସମ୍ଭବ ବର୍ଣ୍ଣନା ଦେଇ ଦୋକାନରୁ ଦୋକାନ ବୁଲି ଦାମ୍ ବୁଝିଲେ । ବହୁତ ବୁଲିବା ପରେ ସେମାନେ ଗୋଟିଏ ଜହୁରି ଦୋକାନରେ ଠିକ୍ ହଜିଥିବା ହୀରାହାର-ଭଳି ଏକ ହାର ଦେଖିଲେ । ଦୋକାନୀକୁ ମୂଲ୍ୟ ପଗ୍ଭରିବାରୁ ସେ କହିଲା, "ଏହାର ମୂଲ୍ୟ ଗ୍ଭଳିଶ ହଜାର ଫ୍ରାଙ୍କ୍ । କିନ୍ତୁ ବର୍ତ୍ତମାନ ମୋର ଟଙ୍କାର ଦରକାର ଅଛି । ଛତିଶହଜାର ଫ୍ରାଙ୍କ୍‌ରେ ଦେଇ-ପାରିବ ।"

ମିଷ୍ଟର ଲୋଇଜେଲ କହିଲେ, "ଆମେ ତିନିଦିନ ଭିତରେ ଛତିଶ ହଜାର ଫ୍ରାଙ୍କ୍ ଦେଇ ଏ ହାରଟିକୁ ନେବୁ । ଯଦି ମ.ସକ ମଧ୍ୟରେ ଆମ ହାରଟି ମିଳିଯାଏ, ତେବେ ଏଇଟିକୁ ଆପଣଙ୍କୁ ଫେରାଇଦେବୁ । ଆପଣ ଆମକୁ ଅନ୍ତତଃ ଚଉତିଶ ହଜାର ଫ୍ରାଙ୍କ୍ ଫେରାଇଦେବେ ।" ଦୋକାନୀ ଏ ପ୍ରସ୍ତାବରେ ରାଜି ହୋଇଗଲା ।

Digitized by srujanika@gmail.com

ମିଷ୍ଟର ଲୋଇଜେଲଙ୍କ ନାମରେ ତାଙ୍କର ପିତା ଅଠର ହଜାର ଫ୍ରାଙ୍କ ବ୍ୟାଙ୍କରେ ଜମା ରଖିଯାଇଥିଲେ । ସେ ତାହାକୁ ଉଠାଇ ଆଣିଲେ । ଅବଶିଷ୍ଟ ଅଠର ହଜାର ଫ୍ରାଙ୍କ୍ ତାଙ୍କୁ କରଜ କରିବାକୁ ହେଲା । କାହାଠାରୁ ହଜାରେ, କାହାଠାରୁ ପାଞ୍ଚଶ, କାହାଠାରୁ ଶହେ ଫ୍ରାଙ୍କ୍ କରଜ କଲେ । କାହାକୁ ହାଣ୍ଡନୋଟ୍, କାହାକୁ ସାଦାତମସୁକ, କାହାକୁ ବନ୍ଧକତମସୁକ ଲେଖିଦେଲେ । କେତେ ଲୋକଙ୍କଠାରୁ ତିନଫ୍ରାଙ୍କ ପାଞ୍ଚଫ୍ରାଙ୍କ୍ ମଧ୍ୟ ଆଣିଲେ । କେତେକ ଅତି ପରିଚିତ ବନ୍ଧୁଙ୍କଠାରୁ ଅଧଫ୍ରାଙ୍କ୍ ପର୍ଯ୍ୟନ୍ତ ଧାର ଆଣିଲେ । ଯେତେ ମହାଜନ ଥିଲେ, ଯେତେ ଋଣବ୍ୟବସାୟୀ ଥିଲେ ସମସ୍ତଙ୍କ ଦ୍ୱାରକୁ ତାଙ୍କୁ ଯିବାକୁ ହେଲା । ସୁଝିପାରିବେ କି ନାହିଁ, ସେକଥା ନଭାବି ସେ ତମସୁକ ଓ ହ୍ୟାଣ୍ଡନୋଟମାନ ଲେଖିଦେଇ-ଗଲେ । ଶେଷରେ ଛତିଶ ହଜାର ଫ୍ରାଙ୍କ୍ ସଂଗ୍ରହ କରି ସେ ସ୍ତ୍ରୀଙ୍କ ସହିତ ଦୋକାନକୁ ଯାଇ ହାରଟି କିଣିଆଣିଲେ ।

ମିସେସ୍ ଲୋଇଜେଲ ହାରଟିକୁ ବାକ୍ସରେ ପୂରାଇ ମିସେସ୍ ଫରେଷ୍ଟିଅରଙ୍କ ଘରକୁ ଗଲେ । ବାକ୍ସଟି ଦେବାରୁ ମିସେସ୍ ଫରଷ୍ଟିଅର କହିଲେ, "ବହୁତ ଡେରି କରିଦେଲୁ । ଆଗରୁ ମୋର ଦରକାର ପଡ଼ିଥିଲେ କି ହଇରାଣ ହୋଇଥାନ୍ତି !" ଏହା କହି ସେ ବାକ୍ସଟି ଖୋଲି ଦେଖିଲେ ।

ମିସେସ୍ ଲୋଇଜେଲଙ୍କର ଛାତି ଥରୁଥାଏ । ମିସେସ୍ ଫରେଷ୍ଟିଅର ଯେ ବାକ୍ସ ଖୋଲି ଦେଖିବେ, ସେକଥା ଆଗରୁ ତାଙ୍କୁ ଜଣାଥିଲା । କିନ୍ତୁ ତାଙ୍କର ଭୟ ଥିଲା, କାଳେ ସେ ଜାଣିପାରିବେ ଯେ ଏଇଟି ତାଙ୍କ ହାର ନୁହେଁ, ସେହିଭଳି ଅନ୍ୟ ଏକ ହାର । ଏହା ଜଣାଗଲେ ତାଙ୍କର ମାନମହତ ରହିବ ନାହିଁ । ସେ ଭାବିବେ, ମିସେସ୍ ଲୋଇଜେଲ ଜଣେ ଠକ, ଜୁଆଚ୍ଚୋର ।

Digitized by srujanika@gmail.com

ସୌଭାଗ୍ୟର କଥା, ମିସେସ୍ ଫରେଷ୍ଟିଅର ମୂଲ୍ୟବାନ୍ ପାଇଁ ହାରଟିକୁ ସୁନ୍ଦର ବାକ୍ସ ବନ୍ଦ କରି ଆଲମାରିରେ ରଖିଦେଲେ ।

ଋଣ ପରିଶୋଧ କରିବା ତାଙ୍କର ପ୍ରଧାନ ଦାୟିତ୍ୱ ବୋଲି ମିସେସ୍ ଲୋଇଜେଲ ଦାରିଦ୍ର୍ୟପୂର୍ଣ୍ଣ ଜୀବନକୁ ବରଣ କରିନେଲେ । ବ୍ୟୟସଂକୋଚର ସମସ୍ତ ପନ୍ଥା ସେ ଅବଲମ୍ବନ କଲେ । ଯେଉଁ ଦାସୀଟି ଘରର କାମ କରୁଥିଲା, ତାକୁ ବିଦାୟ ଦିଆଗଲା । ସେ ନିଜ ହାତରେ ବାସନ ମାଜିଲେ , ଘରଦ୍ୱାର ଧୋଇ ସଫାକଲେ, ଘରର ମଇଳା ନେଇ ବାହାରେ ପକାଇଲେ, ପୋଷାକରେ ସାବୁନ ଦେଇ ଧୋଇଲେ, ଇସ୍ତ୍ରୀ କଲେ ; କଳରୁ ପାଣି ଆଣିଲେ, ରନ୍ଧାବଢ଼ା କଲେ । ଦିନରାତି ଲାଗି ସେ ଘରର ସବୁ କାମ ଚଳାଇଲେ । ବଜାର ସଉଦା ମଧ୍ୟ ତାଙ୍କୁ କରିବାକୁ ହେଉଥିଲା । ଗ୍ରାମର ଅତି ଦରିଦ୍ର ପରିବାରର ସ୍ତ୍ରୀମାନେ ଯେପରି ସବୁ କାମ ନିଜ ହାତରେ କରନ୍ତି, ସେ ସେହିପରି କରି ସ୍ୱାମୀଙ୍କ ଦରମାରୁ କିଛି କିଛି ସଞ୍ଚୟ କରିବାରେ ଲାଗିଲେ ।

ଏଣେ ମିଷ୍ଟର ଲୋଇଜେଲ ଜଣେ ଜଣେ ମହାଜନଙ୍କର ଋଣ ପରିଶୋଧ କରିବାରେ ଲାଗିଥାନ୍ତି । କାହାରି ଦଲାଲ ତମାଦି ହୋଇ-ଆସିଲେ ତାକୁ ପାନ-ତମସୁକ୍ କରିଦେଉଥାନ୍ତି । ଏହା ସଙ୍ଗେ ସଙ୍ଗେ କିଛି ଅଧିକ ଆୟ ପାଇଁ ସେ ଜଣେ ଦୋକାନୀପାଖରେ ପ୍ରତିଦିନ କିଛି ସମୟ କାମ କଲେ ; ରାତିରେ ଜଣକର ଲେଖା ନକଲ କରି ମଧ୍ୟ ସାମାନ୍ୟ ଆୟ କଲେ ।

ଏହିପରି ଦୁଃଖମୟ ଜୀବନଯାପନ କରି ଦୁହେଁ ମିଳି ଦଶବର୍ଷ ପରେ ସମସ୍ତ ଋଣ ପରିଶୋଧ କରିଦେଲେ ।

ଏବେ ମିସେସ୍ ଲୋଇଜେଲଙ୍କୁ ଦେଖିଲେ କେହି ତାଙ୍କୁ ଦଶବର୍ଷ ତଳର ସେହି ଆନନ୍ଦ୍ୟସୁନ୍ଦରୀ ମିସେସ୍ ଲୋଇଜେଲ ବୋଲି ଚିହ୍ନି-

Digitized by srujanika@gmail.com

ପାରିବନାହିଁ । ତାଙ୍କ ମଥାର କେଶ ରୁକ୍ଷ, ବସନ ମଳିନ, ଦେହର ରଙ୍ଗ ପାଣ୍ଡୁର; ସୌନ୍ଦର୍ଯ୍ୟ ଲୁପ୍ତ । କିନ୍ତୁ ତାଙ୍କର ଦେହରେ ବଳ ବଢ଼ିଛି, କର୍ମଠତା ବଢ଼ିଛି । ଦିନେ ଦିନେ ସେ ଏକୁଟିଆ ଘରେ ବସି ସେଦିନର ମନ୍ତ୍ରୀଙ୍କ ଭବନରେ ବନ୍ଧୁମିଳନ କଥା ମନେପକାନ୍ତି ; ସେ ଦିନଟି ତାଙ୍କ ଜୀବନରେ ଭୁଲିହେବାର ନୁହେ ।

ଗୋଟିଏ ଗୋଟିଏ ସାମାନ୍ୟ ଘଟନାରୁ ଜୀବନରେ କି ବିରାଟ ପରିବର୍ତ୍ତନ ନ ହୁଏ ? ଯଦି ସେ ହାରଟି ହଜଯାଇନଥାନ୍ତା, ତେବେ ସେମାନଙ୍କର ଅବସ୍ଥା କଅଣ ହୋଇଥାନ୍ତା ! ଏ ପ୍ରଶ୍ନର ଉତ୍ତର କିଏ ଦେଇପାରିବ ? ମନୁଷ୍ୟ ଭାଗ୍ୟର ଅଧୀନ ।

ମିସେସ୍ ଲୋଇଜେଲଙ୍କର ଦେହରେ ଏତେ ପରିବର୍ତ୍ତନ ଘଟିଥିଲେ ସୁଦ୍ଧା ତାଙ୍କ ମନରେ ଗୋଟାଏ ସାନ୍ତ୍ୱନା ସେ ସେ ବାନ୍ଧବୀଙ୍କର ହାର ଫେରାଇଦେଇପାରିଛନ୍ତି; ସବୁ ଋଣ ପରିଶୋଧ ହୋଇଯାଇଅଛି ।

ଥରେ ରବିବାର ଦିନ ସେ ବଜାରକୁ ବୁଲି ଯାଇଥିଲେ । ଏହି ସମୟରେ ଜଣେ ଭଦ୍ରମହିଳା ନିଜର ଗୋଟିଏ ଝିଅଟିର ହାତ ଧରି ଆସୁଥିବାର ସେ ଦେଖିପାରିଲେ । ସେ ତାଙ୍କୁ ଦେଖିଲାମାତ୍ରେ ଚିହ୍ନିପାରିଲେ କିନ୍ତୁ ନିଜର ଦରିଦ୍ର ବେଶକୁ ଚାହିଁ ଚିହ୍ନା ଦେବେ କି ନାହିଁ ଭାବିପାରିଲେ ନାହିଁ । ହଠାତ୍ ତାଙ୍କ ତୁଣ୍ଡରୁ ବାହାରିପଡ଼ିଲା, "କିଲୋ ଜେନି, ସୁପ୍ରଭାତ ! କୁଆଡ଼େ ଯାଉଛ ?"

ମିସେସ୍ ଫରେଷ୍ଟିଅର ତାଙ୍କୁ ଚାହିଁଲେ, କିନ୍ତୁ ଚିହ୍ନିପାରିଲେ-ନାହିଁ । ତାଙ୍କୁ ଏପରି ଅତିପରିଚିତ ଲୋକଭଳି କିଏ ଡାକିପାରେ, ସେ ସ୍ଥିରକରିପାରିଲେନାହିଁ । କିଛି ସମୟ ଚିନ୍ତା କରି ସେ ରହି ରହି କହିଲେ, "କିଏ ? ମୁଁ ତୁମକୁ ଚିହ୍ନିପାରୁନାହିଁ । ତୁମେ ଭୁଲରେ ମୋତେ ଅନ୍ୟ କେହି ବୋଲି ମନେକରିଛ ।"

Digitized by srujanika@gmail.com

"ନା, ମୋର ଭୁଲ ହୋଇନାହିଁ । ମୁଁ ମାଟିଲ୍ଡା ! ଏବେ ଚହ୍ନିଲୁ ?"

ମିସେସ୍ ଫରେଷ୍ଟିଅର ବିସ୍ମୟରେ କହିପକାଇଲେ, "ମାଟି-ଲ୍ଡା, ତୋର ଏ କି ଅବସ୍ଥା ? ତୋତେ କିପରି ଚହ୍ନିବି ? ତୁ କେତେ ବଦଳିଯାଇଛୁ ଲୋ !"

"ହଁ, ସେଇ ଦଶବର୍ଷତଳେ ତୋ ସାଥିରେ ଦେଖାହୋଇଥିଲି । ସେହିଦିନଠାରୁ ମୁଁ ନାନା ଦୁଃଖ କଷ୍ଟ ସହିଲିଣି । କିଛି ମନେ ନ କରିବୁ ତ କହିବି, ସେ କଷ୍ଟ ତୋ'ରି ପାଇଁ ।"

"ମୋ ପାଇଁ ! ତୋ କଥା ବୁଝିପାରୁନାହିଁ । ମୁଁ କିପରି ତୋ କଷ୍ଟର କାରଣ ହେଲି ?"

"ତୋର ମନେଥିବ, ମୁଁ ମନ୍ତ୍ରୀଙ୍କ ବନ୍ଧୁମିଳନରେ ଯୋଗ ଦେବାପାଇଁ ତୋଠାରୁ ଗୋଟାଏ ହୀରାର ହାର ମାଗି ନେଇଥିଲି ।"

"ହଁ, ମନେଅଛି । ହେଲା କଅଣ ?"

"ମୁଁ ସେଇଟି ହଜେଇଦେଇଥିଲି ।"

"ହଜେଇ ଦେଇଥିଲୁ ? ତୁ ପରା ନିଜେ ଯାଇ ମୋତେ ଫେରାଇ ଦେଇ ଆସିଥିଲୁ ?"

"ଫେରାଇ ଦେଇଥିଲି ସତ, କିନ୍ତୁ ସେଇଟା ତୋ ହାର ନୁହେ । ଆଉ ଗୋଟାଏ କିଣିଆଣି ଦେଇଥିଲି । ଠିକ୍ ତା'ରି ପରି । ତାର ଦାମ୍ ଶୁଝିବା ପାଇଁ ଗଲା ଦଶବର୍ଷ ହେଲା ଲାଗିଛି । ତୁ ଜାଣୁ, ଆମେ ଗରିବ । ଏତେ ଋଣ ଶୁଝିବା ପାଇଁ ଆମକୁ କି କଷ୍ଟ କରିବାକୁ ପଡ଼ିଥିବ, ତୁ ଅନୁମାନ କରିପାରୁଥିବୁ । ଯାହାହେଉ, ଆମର ସନ୍ତୋଷ, ସବୁ ଋଣ ଶୁଝିପାରିଛୁ ।"

"କଅଣ କହିଲୁ ? ମୋ ହାର ବଦଳ ଗୋଟାଏ କିଣି ଆଣି ଦେଇଥିଲୁ ?"

Digitized by srujanika@gmail.com

"ହଁ, ଏଇଟା ଠିକ୍ ତୋର ହାରପରି । ତେଣୁ ତୁ ଜାଣିପାରି-ନାହୁଁ ।"

ମିସେସ୍ ଫରେଷ୍ଟିଅର ତାଙ୍କର ଦୁଇ ହାତ ଧରିପକାଇ କହିଲେ, "ଓଃ ! ତୁ କଅଣ କଲୁ ମାଟିଲ୍ଡ଼ା ! ମୋ ହାରଟା କୃତ୍ରିମ ହୀରାର । ତାର ଦାମ୍ ମୋଟେ ପାଞ୍ଚଶହ ଫ୍ରାଙ୍କ୍ !"

ଖଣ୍ଡେ ଦଉଡ଼ି

ଆଜି ହାଟପାଳି । ଗଡ଼ରଭିଲର ଆଖପାଖ ଗ୍ରାମମାନଙ୍କରୁ କେତେ ପୁରୁଷ ସ୍ତ୍ରୀ ହାଟକୁ ଆସୁଛନ୍ତି, ତାର ସଂଖ୍ୟା ନାହିଁ । ସେମାନଙ୍କ ଭିତରୁ ଅଧିକାଂଶ କୃଷୀ । କଠିନ କୃଷକାମ କରି କରି ସେମାନଙ୍କର ଦେହ ବକ୍ରିତ ହୋଇଯାଇଛି । ଗୋଡ଼ ଦୁଇଟା ବଙ୍କେଇଯାଇଛି । ସେମାନେ ହାଟକୁ ଆସିବେ ବୋଲି ଜାମା ପିନ୍ଧିଛନ୍ତି । ଜାମାଭିତରେ ପବନ ପଶି ଫୁଲିଉଠୁଛି ; ତା ଭିତରୁ ଗୋଟାଏ ମୁଣ୍ଡ, ଦୁଇଟା ଗୋଡ଼ ଓ ଦୁଇଟା ହାତ ବାହାରିପଡ଼ିଲପରି ଦିଶୁଛି ।

କେହି କେହି ଗୋଟାଏ ଗୋରୁ ବେକରେ ଦଉଡ଼ି ବାନ୍ଧି ହାତରେ ଧରି ଚାଲିଛନ୍ତି; ତା ପଛରେ ସେମାନଙ୍କ ସ୍ତ୍ରୀମାନେ ଖଣ୍ଡେ ଲେଖାଏଁ ଛାଟ ଧରି ଗୋରୁକୁ ପିଟି ପିଟି ଚାଲିଛନ୍ତି । ଅଧିକାଂଶ ସ୍ତ୍ରୀ

ଲୋକ ଗୋଟାଏ ଗୋଟାଏ ବୋଝ ମୁଣ୍ଡାଇଛନ୍ତି । ସେଥିରୁ କୁକୁଡ଼ା ବା ବତକ ମୁଣ୍ଡ ବାହାର କରି ଚାହିଁଛନ୍ତି । ସ୍ତ୍ରୀମାନଙ୍କର ଚାଲି ସ୍ୱାମି-ମାନଙ୍କର ଚାଲିଠାରୁ ଯେ ବେଶି ସୁନ୍ଦର ସେ କଥା ସ୍ପଷ୍ଟ ଜଣା-ପଡ଼ିଯାଉଛି । ପ୍ରାୟ ସମସ୍ତେ ମୁଣ୍ଡରେ ଟୋପି ପିନ୍ଧିଛନ୍ତି ; ଦେହରେ ଖଣ୍ଡିଏ ଲେଖାଁ ଶାଲ୍ ଜଡ଼ିରହିଛି ।

ଗୋଟିଏ ଶଗଡ଼ ଚାଲିଗଲା ; ଗୋଟିଏ ଘୋଡ଼ା ତାକୁ ଟାଣୁଛି । ରାସ୍ତା ଖରାପ ଥିବାରୁ ଗାଡ଼ି ଏପାଖକୁ ସେପାଖକୁ ଢଳିପଡ଼ୁଛି । ଗାଡ଼ିରେ ବସିଛନ୍ତି ଦୁଇଜଣ ପୁରୁଷ ଓ ଜଣେ ସ୍ତ୍ରୀ । ସ୍ତ୍ରୀ ଲୋକଟି ମଝିରେ ; ପୁରୁଷ ଦୁଇଜଣ ଦୁଇପାଖରେ ଶକ୍ତେ ବାଡ଼ିକୁ ଧରିଛନ୍ତି ।

ଗଡ଼ରଭିଲ୍ ହାଟର କେନ୍ଦ୍ରସ୍ଥଳରେ ବହୁତ ଲୋକ ରୁଣ୍ଡ-ହୋଇଛନ୍ତି । ସେମାନଙ୍କ ସହିତ ଅନେକ ଗୋରୁ ମଧ୍ୟ ରହିଛନ୍ତି । ଗୋରୁମାନଙ୍କର ଶିଙ୍ଗ, ଧନୀ ଚାଷୀମାନଙ୍କ ମୁଣ୍ଡର ଲମ୍ବା ଟୋପି, ସ୍ତ୍ରୀମାନଙ୍କ ମୁଣ୍ଡର ଟୋପି—ଏସବୁ ଗୋଟିଏ ବିଚିତ୍ର ଦୃଶ୍ୟ ସୃଷ୍ଟି-କରିଛି । ସମସ୍ତେ ପାଟିକରୁଛନ୍ତି ; ସମସ୍ତଙ୍କ ସ୍ୱର ମିଶି ଗୋଟାଏ ଦୁର୍ବୋଧ୍ୟ ଉଚ୍ଚ ସ୍ୱର ଉଠୁଛି । ତା'ଭିତରେ ବେଳେ ବେଳେ ଗୋଟାଏ ଗୋଟାଏ ଚୋରୁର ହମ୍ବାରଡ଼ି ଶୁଣାଯାଉଛି । କୌଣସି କୌଣସି ଚାଷୀର ହସ ବେଳେ ବେଳେ ସବୁ ସ୍ୱରକୁ ବୁଡ଼ାଇଦେଉଅଛି ।

କେଉଁଠାରେ କୁଟା ବା ଘାସ ପଡ଼ିଛି ; ତା ଉପରେ ଚୋରୁ ଗାଈଙ୍କର ଗୋବର ଓ ମୂତ । ସେଥିରୁ ଗୋଟାଏ ଦୁର୍ଗନ୍ଧ ବାହାରୁଛି । ସତେ ଅବା ହାଟ ମଝିରେ ଟୋଟାଏ ଗୁହାଳ !

ବ୍ରଉଟ ଗ୍ରାମର ହଚକୋମ୍ ହାଟରେ ପହଞ୍ଚିଲାକ୍ଷଣି ଗୋରୁ-ବଜାର ଆଡ଼କୁ ଯାଉ ଯାଉ ଦେଖିଲା, ତଳେ ଖଣ୍ଡେ ଗ୍ଲୋଟ ଦଉଡ଼ି ପଡ଼ିଛି । ହଚକୋମ୍ ଭାରି ମିତବ୍ୟୟୀ, ସଞ୍ଚୟଶୀଳ । ତାର ମତ ହେଉଛି—କୌଣସି ଦରକାରୀ ଜିନିଷ ପଡ଼ିଥିଲେ ତାକୁ ଉଠାଇ-

Digitized by srujanika@gmail.com

ନେବା ଉଚିତ । ଦଉଡ଼ି ଖଣ୍ଡିକ କିଛି ନା କିଛି କାମରେ ଲାଗିବ । ତେଣୁ ସେ ନଇଁପଡ଼ି ଦଉଡ଼ିଟିକୁ ଉଠାଇନେଲା । ଅଣ୍ଟାଦରଜ ରୋଗ ଥିବାରୁ ନଇଁଲାବେଳେ ତାକୁ ବଡ଼ କଷ୍ଟ ହେଲା । ଯାହା-ହେଉ, ସେ ଦଉଡ଼ିଟି ଉଠାଇନେଇ ତାକୁ ଗୁଡ଼ାଇଲା । ତା'ର ଏହି କାମଟା କେହି ଦେଖିବା ତାର ଇଚ୍ଛା ନଥିଲା, କିନ୍ତୁ ଠିକ ସେତିକି-ବେଳକୁ ମାଲେନ୍ଦନ୍ ନିଜ ଘର ପିଣ୍ଡାରେ ବସି ତା' ଆଡ଼କୁ ଚାହିଁଥିଲା । ମାଲେନ୍ଦନର ବ୍ୟବସାୟ ହେଉଛି, ଘୋଡ଼ାର ଲଗାମ ତିଆରି କରିବା । କିଛିଦିନ ତଳେ ବ୍ୟବସାୟ ସମ୍ପର୍କରେ ହଶକୋମ୍ ଓ ମାଲେନ୍ଦନ୍‌ଙ୍କ ଭିତରେ ଗୋଟାଏ କଳି ହୋଇଯାଇଥିଲା । ସେହି ଦିନଠାରୁ ଦୁହିଁଙ୍କ ଭିତରେ କଥାବାର୍ତ୍ତା ନଥିଲା । ହଶକୋମ ମଇଳା ଭିତରୁ ଖଣ୍ଡେ ଦଉଡ଼ି ଗୋଟାଇନେଲାବେଳେ ତାକୁ ମାଲେନ୍ଦନ ଦେଖିଲା ବୋଲି ସେ ମନେ ମନେ ଲଜ୍ଜା ଅନୁଭବକଲା । ସଙ୍ଗେ ସଙ୍ଗେ ସେ ଦଉଡ଼ିଖଣ୍ଡିକୁ ପାଇଜାମାର ପକେଟରେ ପୁରାଇଦେଲା; ତାହାପରେ କିଛିବେଳଯାଏ ତଳକୁ କିଛି ଖୋଜିଲାପରି ଛଳନା କଲା । ପୁଣି ସିଧା ଛିଡ଼ା ହୋଇ ସେ ବଜାର ଆଡ଼କୁ ଚାଲିଲା ।

ହଶକୋମ ଲୋକଗହଳିରେ ପଶିଗଲା । କିଣାବିକା, ଦର-ଦାମ ନେଇ ଟଣାଓଟରା ଶବ୍ଦରେ କାନ ଫାଟି ପଡ଼ୁଛି । ଚାଷୀ-ମାନଙ୍କର ବଡ଼ ଭୟ, କାଳେ କିଏ ସେମାନଙ୍କୁ ଠକିଦେବ । ସେଥିପାଇଁ ସେମାନେ ଖୁବ ସାବଧାନ ହୋଇ ଯିବାଆସିବା କରୁ-ଥାନ୍ତି । ଯେଉଁମାନେ ଗୋରୁ କିଣିବାକୁ ଆସିଛନ୍ତି, ସେମାନେ ଗୋରୁର କିଛି ଦୋଷ ଅଛି କି ନା ଦେଖୁଛନ୍ତି । ସେମାନଙ୍କର ଆଶଙ୍କା ବିକାଳି ସେମାନଙ୍କୁ ଠକିଦେବ ।

ସ୍ତ୍ରୀଲୋକମାନେ ସେମାନଙ୍କ କୁକୁଡ଼ା ଓ ବତକମାନଙ୍କ ଗୋଡ଼ ବାନ୍ଧି ହାତରେ ଧରିଛନ୍ତି ; ଖାଲିଟୋକେଇଗୁଡ଼ିକ ପାଦ-

Digitized by srujanika@gmail.com

ପାଖରେ ରଖିଦେଇଛନ୍ତି । କୁକୁଡ଼ାଗୁଡ଼ାକଙ୍କର ନାଲ ଚୂଳ ହଲି-ଯାଉଛି । ସେମାନେ ଭୟ-ବ୍ୟାକୁଳ ଆଖିରେ ଚାହିଁଛନ୍ତି ।

କେତେ ଲୋକ କୁକୁଡ଼ା ବା ବତକ କିଣିବାକୁ ଆସୁଛନ୍ତି । କିଣାଳି ଓ ବିକାଳି ମଧ୍ୟରେ ଦର କଷାକଷି ଚାଲୁଛି । କେଉଁ ଗ୍ରାହକ ଫେରିଯାଉଛି, କେହି ଅବା କିଣୁଛି । କେଉଁଠି ଅବା ବିକାଳି ଫେରି-ଯାଉଥିବା ଗ୍ରାହକକୁ ପୁଣି ଡାକି କହୁଛି କମ୍ ମୂଲ୍ୟରେ କୁକୁଡ଼ାଟିକୁ ଦେଉଛି ।

କିଣାବିକା ସରିଆସିଲା ; ବଜାରରୁ ଲୋକେ ଚାଲିଗଲେ । ଅନେକେ ନିଜ ନିଜ ଦୋକାନକୁ ଚାଲିଗଲେ । ସେତେବେଳକୁ ଦିନ ଦୁଇପହରରୁ ଗଡ଼ିଗଲାଣି ।

ଜୋର୍‌ଦନଙ୍କ ହୋଟେଲରେ ଆଜି କାରବାର ବେଶି । ହୋଟେଲର ଲମ୍ବା ଖାଇବାଘରେ ଲୋକ ପୂର୍ଣ୍ଣ । ସେମାନେ ଖାଇ-ବାରେ ଲାଗିଛନ୍ତି । ହୋଟେଲ ବାହାର ଅଗଣାଟା ନାନା ପ୍ରକାର ଗାଡ଼ିରେ ପୂରିଯାଇଛି । କେଉଁଠି ଶଗଡ଼ର ଦଣ୍ଡା ତଳକୁ ଲାଗିଛି ତ କେଉଁଠି ଉପରକୁ ରହିଛି । କେଉଁ ଶଗଡ଼ରେ ଦୁଇଟା ବଳଦ ଲାଗିବାର ବ୍ୟବସ୍ଥା ଅଛି ତ କାହିଁରେ ଗୋଟାଏ ଘୋଡ଼ା ଲାଗିବାର ବ୍ୟବସ୍ଥା ଅଛି । କେଉଁ ଗାଡ଼ିରେ ଛପର ଅଛି ତ, କାହିଁରେ ନାହିଁ ।

ହୋଟେଲ ଘରର ଗୋଟିଏ ପାଖରେ ଲମ୍ବା ଟେବୁଲ ଉପରେ ଖାନା, ତା ପାଖକୁ ଲାଗି ଲୋକଙ୍କର ବସିବା ପାଇଁ ବେଞ୍ଚ ପଡ଼ିଛି । ଆର ପାଖରେ ତିନିଟା ଚୁଲ୍ଲୀ ଉପରେ ରନ୍ଧା ଚାଲିଛି । କେଉଁଠି କୁକୁଡ଼ା ମାଂସ, କେଉଁଠି ଛେଳି ମାଂସ, କେଉଁଠି ମେଣ୍ଢା ମାଂସ ସିଝୁଛି । ତାର ଗନ୍ଧ ଲୋକଙ୍କ ନାକରେ ବାଜୁଛି । ଚୁଲ୍ଲୀର ନିଆଁରେ ଘରଟି ବେଶ ଗରମ ହୋଉଛି । ଏଥିରେ ଖାଇବା ଲୋକଙ୍କ ପାଟିରୁ ଲାଳ ଗଡ଼ିବାର କଥା । ସେମାନେ ମନଖୁସିରେ ଗପ କରୁଛନ୍ତି ।

Digitized by srujanika@gmail.com

ହୋଟେଲର ମାଲିକ ଜୋର୍ଦ୍ଦନ୍ ଜଣେ ଧନୀ ଲୋକ, ଘୋଡ଼ା ବ୍ୟବସାୟ ମଧ୍ୟ କରେ । କିନ୍ତୁ ବଦ୍‌ମାସ ବୋଲି ତାର ଗୋଟାଏ ଦୁର୍ନାମ ଅଛି ।

ଚାକରମାନେ ଥାଳିଆରେ ଖାଦ୍ୟ ଆଣି ପରଷିଦେଇ ଯାଉଅଛନ୍ତି । ଲୋକେ ଖାଇବା ସଙ୍ଗେ ସଙ୍ଗେ ନାନା ବିଷୟରେ ଗଳ୍ପ କରୁଛନ୍ତି । ଫସଲର ଅବସ୍ଥା ହୋଇଛି ପ୍ରଧାନ ଚର୍ଚ୍ଚାର ବିଷୟ । ପ୍ରତ୍ୟେକେ ନିଜ ନିଜ କଥା କହିବାରେ ବ୍ୟସ୍ତ । ହାଟରୁ କିଏ କଅଣ କିଣିଲା ତାହା ମଧ୍ୟ କହୁଛନ୍ତି । କେହି ଜଣେ କହୁଛି, "ଏ ବର୍ଷ ପରିବା ଚାଷପାଇଁ ଭଲ ପାଗ ହୋଇଛି, ଗହମ ଭଲ ହେବନାହିଁ ।"

ଏହି ସମୟରେ ହଠାତ୍ ହୋଟେଲ ଘରର ଆଗ ପଡ଼ିଆରେ ଡେଙ୍ଗୁରା ଶବ୍ଦ ଶୁଣାଗଲା । ଲୋକମାନଙ୍କର ଗପ ବନ୍ଦ ହୋଇଗଲା । ଅଧିକାଂଶ ଲୋକ ଖାଇବାସ୍ଥାନରେ ଛିଡ଼ାହୋଇପଡ଼ିଲେ । କେତେ ଜଣ ମାଂସ ଚୋବାଉଚୋବାଉ ଝରକା ପାଖକୁ ଦଉଡ଼ି-ଯାଇ ବାହାରକୁ ଚାହିଁଲେ ।

ଡେଙ୍ଗୁରାବାଲା ଡେଙ୍ଗୁରା ବଜାଇସାରି ଖୁବ୍ ବଡ଼ପାଟିରେ କହିଲା—

"ଏତଦ୍ୱାରା ସର୍ବସାଧାରଣଙ୍କୁ ବିଶେଷତଃ ଗଡ଼ରଭିଲ୍ ହାଟକୁ ଆସିଥିବା ଲୋକମାନଙ୍କୁ ଜଣାଇଦିଆଯାଉଅଛି ଯେ, ଆଜି ସକାଳେ ନଅଟା ଦଶଟା ବେଳେ ବେଜେଭିଲ୍ ରାସ୍ତାରେ ଖଣ୍ଡିଏ ଚମଡ଼ାବନ୍ଧା ନୋଟ୍‌ବୁକ୍ ହଜିଯାଇଛି । ତାହା ଭିତରେ ପାଞ୍ଚଶ ଫ୍ରାଙ୍କର ନୋଟ ଓ କେତେକ ଦରକାରୀ କାଗଜ ଥିଲା । କେହି ତାହା ପାଇଥିଲେ ସଙ୍ଗେ ସଙ୍ଗେ ମେୟରଙ୍କ ଅଫିସରେ ଦାଖଲକଲେ ତାଙ୍କୁ କୋଡ଼ିଏ ଫ୍ରାଙ୍କ୍ ପୁରସ୍କାର ମିଳିବ ।"

Digitized by srujanika@gmail.com

ଡେଙ୍ଗୁରାବାଲା ଚାଲିଗଲା । କିଛି ଦୂରରେ ପୁଣି ତାର ଡେଙ୍ଗୁରାର ଶବ୍ଦ ଓ ତାର ଘୋଷଣା କ୍ଷୀଣଭାବରେ ଶୁଣାଗଲା । ହୋଟେଲର ଲୋକେ ପୁନରାୟ ଖାଇବାରେ ଲାଗିଲେ । ଏବେ ସେମାନଙ୍କର ଗପର ବିଷୟ ହେଲା, ହଜିଥିବା ନୋଟ୍‌ବୁକ୍ ବିଷୟ ।

ତାଙ୍କୁଆମାନଙ୍କର ଭୋଜନ ସରିଆସିଲା । ଚାକର ପିଇବା ପାଇଁ କଫି ଦେଇଗଲା । ଲୋକେ ପିଇବାକୁ ଆରମ୍ଭ କଲାବେଳକୁ ଜଣେ ପୋଲିସ ସବ୍‌ଇନ୍‌ସ୍ପେକ୍ଟର ହୋଟେଲର ଦୁଆରମୁହଁକୁ ଆସି ପଚାରିଲେ, "ଏଠାରେ ବ୍ରଉଟ ଗ୍ରାମର ହଚକୋମ୍ ବୋଲି କେହି ଅଛନ୍ତି ?"

ହଚକୋମ୍ ପଛଧାଡ଼ିରେ ବସି କଫି ପିଉଥିଲା । ସେ ଉଠିପଡ଼ି କହିଲା, "ହଁ; ମୁଁ ଏଇଠି ଅଛି ।"

ସବ୍‌ଇନ୍‌ସ୍ପେକ୍ଟର କହିଲେ, "ଆଚ୍ଛା, ତୁମେ ଦୟାକରି ମୋ ସଙ୍ଗରେ ମେୟରଙ୍କ ଅଫିସକୁ ଚାଲ । ସେ ତୁମକୁ କଅଣ ପଚାରିବେ ବୋଲି ଡକାଇଛନ୍ତି ।"

ହଚକୋମ୍ ବିସ୍ମିତ ହୋଇଗଲା । ମେୟରଙ୍କର ତା'ଠାରେ କି କାମ ଥାଇପାରେ ? ସେ ତରବର ହୋଇ କଫିତକ ପିଇଦେଇ ସବ୍‌ଇନ୍‌ସ୍ପେକ୍ଟରଙ୍କ ପଛେ ପଛେ ଚାଲିଲା । ଚାଲିଲାବେଳକୁ ତାର ଅଣ୍ଟା ସକାଳଠାରୁ ବେଶୀ ଦରଜ ହେଲାପରି ଜଣାଯାଉଥିଲା । ସେ ବାରମ୍ବାର କହୁଥାଏ, "ହଁ, ଚାଲ, ମୁଁ ଯାଉଛି ।"

ଗୋଟିଏ ଆରାମଚଉକିରେ ବସି ମେୟର ତାକୁ ଅପେକ୍ଷା କରିଥିଲେ । ଭଦ୍ରଲୋକ ବେଶ୍ ମୋଟା; ତାଙ୍କର କଥାଗୁଡ଼ିକ ଗମ୍ଭୀର ।

ସେ ହଚକୋମ୍‌କୁ ଦେଖିଲାମାତ୍ରେ କହିଲେ, "ହଚକୋମ୍, ଆଜି ସକାଳେ ତୁମେ ବ୍ରେଞ୍ଜେଭିଲ୍ ରାସ୍ତାଉପରୁ ମାନେଭିଲ୍‌ର

Digitized by srujanika@gmail.com

ହଲ୍‌ବ୍ରୁକ୍ ହଜାଇଥିବା ନୋଟବୁକ୍ ପାଇଥିବାର ଜଣେ ଦେଖିଛନ୍ତି ।"

ଏତିକ ଶୁଣିଲାମାତ୍ରେ ହଚକୋମ୍ ସ୍ତମ୍ଭୀଭୂତ ହୋଇଯାଇ ମେୟରଙ୍କ ଆଡ଼କୁ ଚାହିଁରହିଲା । ଏତେ ଲୋକ ଥାଉଁ ଥାଉଁ ତା ଉପରେ ସନ୍ଦେହ ହୋଇଥିବାର ଦେଖି ତାର ଭୟ ହୋଇଗଲା । ସେ କହିଲା, "ମୁଁ, ମୁଁ ! ମୁଁ ନୋଟ୍‌ବୁକ୍ ପାଇଛି ?"

"ହଁ, ତୁମେ । ତୁମେ ରାସ୍ତା ଉପରୁ ଉଠାଇନେଇଛ ।"

"ହଲପକରି କହୁଛି, ନୋଟବୁକ୍ ମୁଁ ଦେଖିନାହିଁ ।"

"କିନ୍ତୁ ତୁମେ ଉଠେଇନେଲାବେଳେ ଜଣେ ଦେଖିଛି ।"

"ମତେ ଦେଖିଛି ? ମୁଁ ନୋଟ୍‌ବୁକ୍ ନେଲାବେଳେ ଦେଖିଛି ? କିଏସେ ଦେଖିଛି ?"

"ମାଲାଣ୍ଡନ୍, ସିଏ ଘୋଡ଼ାର ଲଗାମ ତିଆରିକରେ ।"

ଏବେ ହଚକୋମ୍‌ର ସବୁକଥା ମନେପଡ଼ିଗଲା । ଦଉଡ଼ି ଖଣ୍ଡିକ ରାସ୍ତାଉପରୁ ଆଣିଲାବେଳେ ସିଏ ଦେଖିଥିଲା । ହଚ-କୋମ୍‌ର ମୁହଁ ରାଗରେ ଲାଲ ହୋଇଗଲା । ସେ କହିଲା, "ହଜୁର୍, ରାସ୍ତା ଉପରୁ ମୁଁ ଦଉଡ଼ି ଖଣ୍ଡେ ଉଠାଇଆଣିଲାବେଳେ ସେ ଚାହିଁଥିଲା; ହେଇଟି, ଏଇ ଦଉଡ଼ି ଖଣ୍ଡିକ ।" ଏହା କହି ସେ ପକେଟରୁ ଦଉଡ଼ିଖଣ୍ଡିକ କାଢି ଦେଖାଇଲା ।

କିନ୍ତୁ ଏ କଥାରେ ମେୟରଙ୍କର ବିଶ୍ୱାସ ହେଲା ନାହିଁ। ସେ ମୁଣ୍ଡ ହଲାଇ କହିଲେ, "ହଚକୋମ୍, ତୁମେ ଜାଣ ମାଲାଣ୍ଡନ୍ ଜଣେ ଭଦ୍ର-ଲୋକ । ତାଙ୍କ କଥାକୁ ଅବିଶ୍ୱାସ କରିହେବନାହିଁ । ସେ କଅଣ ଦଉଡ଼ି ଖଣ୍ଡିକୁ ଭୁଲରେ ପକେଟ୍‌ବୁକ୍ ବୋଲି କହନ୍ତେ ? ମୁଁ ଏହା ବିଶ୍ୱାସକରିନପାରେଁ ।"

Digitized by srujanika@gmail.com

"ଯାହାହେଉ, ମୁଁ ଈଶ୍ୱରଙ୍କ ନାମରେ ଶପଥ କରି କହୁଚି, ମୋ କଥା ସତ, ପୂରା ସତ ; ଲବମାତ୍ର ମିଥ୍ୟା ନାହିଁ । ମିଛ ହୋଇଥିଲେ ମୁଁ ନରକରେ ପଡ଼ିବି ।"

"ନୋଟବୁକ୍‌ଟି ଉଠାଇନେଇ କାଳେ କିଛି ଟଙ୍କା ପଡ଼ିଯାଇଥିବ ବୋଲି ତୁମେ ଆହୁରି କିଛି ବେଳଯାଏ ଖୋଜିଥିଲ । ନୁହେଁ କି ?"

ହଚକୋମ୍ ବିଗୁଳ କ୍ରୋଧ ଓ ଭୟରେ ଅଧୀର ହୋଇ କହିଲା, "ଜଣେ ସାଧୁ ଭଦ୍ରଲୋକକୁ ବଦ୍‌ନାମ କରିବା ପାଇଁ କେହି ଏଭଳି ମିଥ୍ୟା କହିପାରେ ।"

ତାର ଏପରି ପ୍ରତିବାଦ କରିବାରେ କିଛି ଫଳ ହେଲାନାହିଁ । ତା' କଥାରେ କେହି ବିଶ୍ୱାସ କଲେନାହିଁ । ଶେଷରେ ମାଲନ୍‌ଦନ୍‌ଙ୍କୁ ଡକାଗଲା । ମେୟର ହଚକୋମ୍ ବିରୁଦ୍ଧରେ ଯାହା କହିଥିଲେ ସେ ଠିକ୍ ତାହାହିଁ କହିଲା । ହଚକୋମ୍ ତା' ସଙ୍ଗରେ କଳି କରିବାକୁ ବସିଲା ; କହିଲା, ମୋ ଦେହଯାକ ଖାନତଲାସ କରାଯାଉ, ମୁଁ ନୋଟ୍‌ବୁକ୍ ରଖିଥିଲେ ବାହାରିବ ।"

ଖାନତଲାସ କରାଗଲା; କିନ୍ତୁ ନୋଟ୍‌ବୁକ୍ ମିଳିଲା ନାହିଁ ।

ଶେଷରେ ମେୟର କହିଲେ, "ହଚକୋମ୍, ତୁମେ ବର୍ତ୍ତମାନ ଯାଇପାର । ମୁଁ ସରକାରୀ ଓକିଲଙ୍କ ପରାମର୍ଶ କରିବି । ପରେ ଯାହା ହୁକୁମ ହେବ ।"

ଏଥିମଧ୍ୟରେ ଏ ଖବରଟା ଗୁରିଆଡ଼େ ପ୍ରଚାର ହୋଇ-ଯାଇଥିଲା । ହଚକୋମ୍ ମେୟରଙ୍କ ଅଫିସରୁ ବାହାରକୁ ଆସିଲାକ୍ଷଣି ତାକୁ ଲୋକେ ବେଢ଼ିଯାଇ ଏ ବିଷୟରେ ନାନା ପ୍ରଶ୍ନ ପଚାରିଲେ । କେତେକଙ୍କ ପ୍ରଶ୍ନରେ ତା'ପ୍ରତି ବିଦ୍ରୂପ ପୂରିରହିଥିଲା । ସେ ଦଉଡ଼ି-ଖଣ୍ଡିକ ବିଷୟ ବିଶଦଭାବରେ ବର୍ଣ୍ଣନା କଲା; କିନ୍ତୁ କେହି ତା କଥାକୁ ସତ ଗଲେନାହିଁ । ସମସ୍ତେ ତାକୁ କେବଳ ଉପହାସ କଲେ ।

Digitized by srujanika@gmail.com

ବାଟରେ ଯାଉ ଯାଉ ହଚକୋମ୍ ତା'ର ଜଣେ ବନ୍ଧୁକୁ ଦେଖିଲା । ତାକୁ ଅଟକାଇ ସେ ନୋଟବୁକ୍ ଚୋରି ଓ ଦଉଡ଼ି ଖଣ୍ଡିକ କଥା କହିଲା ଓ ତା' ଉପରେ ସନ୍ଦେହ ହୋଇଥିବା କଥା ବର୍ଣ୍ଣନା କରିଗଲା । ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାକୁ ଖୁବ୍ ଚେଷ୍ଟାକଲା । ଦଉଡ଼ିଖଣ୍ଡିକ ପକେଟରୁ କାଢ଼ି ଦେଖାଇଲା ମଧ୍ୟ । ବନ୍ଧୁ ଜଣକ ହସିଦେଇ ଚାଲିଗଲେ ।

ବନ୍ଧୁ ତା' କଥାରେ ବିଶେଷ ଧ୍ୟାନ ଦେଇନଥିବାର ଦେଖି ତା' ମନରେ ଦୁଃଖ ହେଲା । କିଛି ଦୂର ଯିବା ପରେ ସେ ଆଉ ଜଣେ ବନ୍ଧୁଙ୍କୁ ଭେଟିଲା । ତାଙ୍କୁ ମଧ୍ୟ ଅଟକାଇ ସେହିପରି ସବୁ ଘଟଣା ଆମୂଳଚୂଳ ବର୍ଣ୍ଣନା କରିଗଲା । ଶେଷରେ ନିଜର ପକେଟ ଓଲଟାଇଦେଇ କହିଲା, "ଦେଖ, ନୋଟ୍‌ବୁକ୍ କେଉଁଠି ଅଛି ?" ବନ୍ଧୁ ଯିବାକୁ ତରତର ହେଉଥିଲେ, "ହୋଇଥିବ, ନିଆଁ ନଥାଇ ଧୂଆଁ ବାହାରେ ନାହିଁ ।" ବନ୍ଧୁ ଚାଲିଗଲେ ।

ବାଟରେ ଆଉ କେତେ ପରିଚିତ, କେତେ ଅପରିଚିତ ଲୋକଙ୍କ ସଙ୍ଗେ ଦେଖାହେଲା । ସମସ୍ତଙ୍କୁ ସେ ସେହି କଥା କହି ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାକୁ ବସିଲା । ସେମାନେ କହିଲେ, "ଯା'ବେ ବଦ୍‌ମାସ ! ଆମର ଆଉ କିଛି କାମ ନାହିଁ ଯେ ତୁମର ଚୋରିକଥା ଶୁଣୁଥିବୁ ।"

ହଚକୋମ ଦେଖିଲା, ତା'କଥାକୁ କେହି ବିଶ୍ୱାସ କରୁନାହାନ୍ତି । ତାର ରାଗ ହେଲା । କିନ୍ତୁ କାହାଉପରେ ରାଗିବ ? ଗଭୀର ମନଦୁଃଖରେ ସେ ଚାଲିଲା । ଅନ୍ଧାର ହୋଇଆସିଲା । ଦୈବାତ୍ ତାର ଗାଁଆର ତିନିଜଣ ଲୋକ ସାଥି ମିଳିଲେ । ସେ ସେମାନଙ୍କୁ ସେହି ଦଉଡ଼ି, ନୋଟ୍‌ବୁକ୍, ମାଲାନ୍‌ଦନ୍, ମେୟରଙ୍କ କଥା କହିଲା । ବାଟରେ ଯେଉଁଠାରୁ

Digitized by srujanika@gmail.com

ସେ ଦଉଡ଼ିଖଣ୍ଡିକ ଗୋଟାଇ ପକେଟରେ ପୂରାଇଥିଲା, ସେ ସ୍ଥାନଟି ମଧ୍ୟ ଦେଖାଇଦେଲା ।

ସନ୍ଧ୍ୟାବେଳେ ସେ ହାଉଟ ଗାଁଟାସାକ ବୁଲି ଯାହାକୁ ଦେଖିଲା, ତାକୁ ସେହିକଥା କହିଲା । ରାତିକ ତା'ର ଦେହ ଖରାପହେଲା ।

ପରଦିନ ଅନ୍ୟ ଏକ ଗ୍ରାମର ହାଟନ ବୋଲି ଜଣେ ଚାଷୀଙ୍କ ଚାକର ନୋଟ୍‌ବୁକ୍ ଓ ତହିଁରେ ଥିବା ଟଙ୍କା ଓ କାଗଜପତ୍ର ନେଇ ମାନେଭିଲର ହଲ୍‌ବ୍ରାକଙ୍କୁ ଦେଲା । ସେ କହିଲା, "ବାଟରେ ଯାଉ ଯାଉ କାଲି ଏ ନୋଟ୍‌ବୁକ୍‌ଟି ପାଇଥିଲି । ମୁଁ ମୂର୍ଖଲୋକ ; ନୋଟ୍‌-ବୁକ୍‌ରେ କାହାର ନାମ ଅଛି ପଢ଼ିପାରିଲି ନାହିଁ, ମୋର ଖାଉନ୍ଦଙ୍କୁ ଦେଖାଇଲି । ସେ ନାଁ ପଢ଼ି ମୋତେ ଆପଣଙ୍କୁ ଦେବାପାଇଁ ପଠାଇଦେଲେ ।"

ଏ ଖବରଟା ମଧ୍ୟ ସେ ଅଞ୍ଚଳରେ ବ୍ୟାପିଗଲା । ହଚକୋମ୍ ଏହା ଶୁଣିପାରିଲା । ସେ ବଛଣାରୁ ଉଠି ଗାଁସାକ ବୁଲି ନୋଟ୍‌ବୁକ୍ ଚୋରି ସହିତ ତାର କିଛି ସମ୍ପର୍କ ନ ଥିଲା ଓ ଅନ୍ୟ ଗ୍ରାମର ଜଣେ ଲୋକ ତାହା ପାଇ ହଲ୍‌ବ୍ରାକଙ୍କୁ ଫେରାଇ ଦେଇଥିବାର କହିଲା । ଶେଷରେ ସେ କହିଲା, ଏ ନୋଟ୍‌ବୁକ୍ ବ୍ୟାପାରରେ ମୋର କିଛି ସମ୍ବନ୍ଧ ନ ଥିଲା କି ନାହିଁ । ମୋ କଥାକୁ ସମସ୍ତେ ମିଥ୍ୟାବୋଲି ମନେକଲେ ; ତାହାହିଁ ଦୁଃଖର ବିଷୟ । ମିଥ୍ୟା କହିବାଠାରୁ ବଳି ଲଜ୍ଜାର ବିଷୟ ନାହିଁ ।"

ସାରାଉପରେ ସେ ଯାହାକୁ ଦେଖିଲା ତାକୁ ଏହି ବିଷୟ କହିଲା । ମଦଖଟିରେ ଯେଉଁମାନେ ମଦ ପିଉଥିଲେ, ସେମାନଙ୍କୁ ମଧ୍ୟ କହିବାକୁ ଛାଡ଼ିଲାନାହିଁ । ରବିବାର ହେଲା, ଗୀର୍ଜାର ଦ୍ୱାରପାଖରେ ରହି ସେ ସେହିକଥା ବର୍ଣ୍ଣନାକଲା । କେହି ଠିଆହୋଇ ତା'କଥା

Digitized by srujanika@gmail.com

ଶୁଣିଲା, କେହି ବା ନଶୁଣି ଚାଲିଗଲା । ଲୋକେ ତାର ଏପ୍ରକାର ଆଚରଣ ଦେଖି ତାକୁ ଉପହାସ କରିବାକୁ ଲାଗିଲେ । କେହି ତା'କଥାକୁ ବିଶ୍ୱାସ କଲାପରି ମନେହେଲାନାହିଁ । ତା' ପଛରେ ଲୋକେ ତାକୁ ବିଦ୍ରୂପ କରୁଛନ୍ତି ବୋଲି ତାର ଧାରଣା ହେଲା ।

ପରବର୍ତ୍ତୀ ମଙ୍ଗଳବାର ଦିନ ସେ ପୁଣି ଗଡ଼ରଭିଲ୍ ହାଟକୁ ଗଲା । ହାଟରେ ତାର କିଛି କାମ ନ ଥିଲା ; କିନ୍ତୁ କେବଳ ସତ୍ୟକଥାଟା ଲୋକଙ୍କୁ ବୁଝାଇଦେବା ଥିଲା ତା'ର ଉଦ୍ଦେଶ୍ୟ ।

ହଚକୋମ୍ ବାଟରେ ଗଲାବେଳେ ମାଲାଭିଲ୍ ତାକୁ ଦେଖି ହାତଦେଖାଇ ହସିଲା । କାହିଁକି ଏପରି କଲା, ହଚକୋମ୍ ବୁଝିପାରିଲା ନାହିଁ; କିନ୍ତୁ ତାର ରାଗ ହେଲା ।

ଜଣେ ଚାଷୀ ଯାଉଥିଲା । ହଚକୋମ୍ ତାକୁ ଅଟକାଇ କହିବାକୁ ଆରମ୍ଭକରିଛି ମାତ୍ର; ଏହି ସମୟରେ ସେ ହଚକୋମ୍‌ର ପିଠିରେ ବିଧାଏ ମାରି ମୁହେଁ ମୁହେଁ କହିଲା, "ତୁ ଅସଲ ବଦମାସ ।" ଏତକ କହି ସେ ଚାଲିଗଲା ।

ଅନେକ ଲୋକ ତାକୁ 'ବଦ୍‌ମାସ' ବୋଲି ତା'ପଛରେ କହିବାର ହଚକୋମ୍ ଜାଣିଥିଲା । କିନ୍ତୁ ଏ ଲୋକଟା ତା'ମୁହଁରେ ସେ କଥା କହିଲା । ତାର ମଥା ଭ୍ରମିଗଲା, ସେ ବଦ୍‌ମାସ ହେଲା କିପରି ?

ସେ ହୋଟେଲରେ ଖାଇବାକୁ ବସି ସେହି ନୋଟ୍‌ବୁକ୍ କଥା କହିବାକୁ ଲାଗିଲା । ଜଣେ ଘୋଡ଼ାବେପାରି କହିଲା, "ଚୁପ୍‌କର ! ତୋ କୌଶଳ ଜଣାପଡ଼ିଗଲା । ତୋ ଦଉଡ଼ିଖଣ୍ଡିକ କଥାରେ କେହି ଭୁଲିପାରିବେ ନାହିଁ ।"

Digitized by srujanika@gmail.com

ହଚକୋମ୍ ସାହସ ବାନ୍ଧି କହିଲା, "ନୋଟ୍‌ବୁକ୍ ପରି ଆଉ ଗୋଟାଏ ଜାଗାରୁ ମିଳିଲେ। ?"

ଘୋଡ଼ାବେପାରି କହିଲା, "ଆଉ ବେଶି କହନା; ତୋ' ଚୁଲାକି ଜଣାପଡ଼ିଗଲା। ଜଣେ ଗୃହିମାଲ୍ ପାଇଲା, ଆଉ ଜଣେ ଆଣିଦେଲା। ତୁ ତା'ଭିତରେ ନାହୁଁ ?"

ହଚକୋମ୍‌ର ଶ୍ୱାସରୁଦ୍ଧ ହୋଇ ଆସିଲା। ସେ ବୁଝିପାରିଲା, ଲୋକେ ସନ୍ଦେହ କରୁଛନ୍ତି ସେ ପକେଟ୍‌ବୁକ୍ ନେଇଥିଲା, ଧରାପଡ଼ିବା ଭୟରେ ତାର ଜଣେ ବିଶ୍ୱାସୀ ଲୋକ ହାତରେ ନୋଟବୁକ୍‌ର ମାଲିକ ପାଖକୁ ପଠାଇଦେଲା।

ସେ ଏଥର ପ୍ରତିବାଦ କରି ନିଜ ସପକ୍ଷରେ କିଛି କହିବାକୁ ଚେଷ୍ଟାକଲା। କିନ୍ତୁ ହୋଟେଲରେ ଯେତେ ଲୋକ ଥିଲେ, ସମସ୍ତେ ତା'କଥାକୁ ହସରେ ଉଡ଼ାଇଦେଲେ।

ସେ ଆଉ ଖାଇପାରିଲାନାହିଁ। ଦରଖିଆ ହୋଇ ଉଠି ଘରକୁ ଚାଲିଗଲା।

ଏପରି ଠକାମି ତାହାରି ହୋଇପାରେ ଓ ସେ ତାହାକୁ ଗର୍ବକରି ସମସ୍ତଙ୍କ ଆଗେ କହିପାରେ—ଏହା ଶୁଣିଲାକ୍ଷଣି ତାର ମୁଣ୍ଡ ଘୂରିଯାଏ। ସେ ଯେ ନିର୍ଦ୍ଦୋଷ ଏହା ପ୍ରମାଣକରିବା ତା'ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ ବୋଧ ହେଲା। ତା'ପ୍ରତି ଘୋର ଅନ୍ୟାୟ କରା-ଯାଉଅଛି, ତଥାପି ସେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣକରିବାକୁ ଚେଷ୍ଟାକଲା।

ସେ ପ୍ରତିଦିନ ସେହି ଘଟନା ବର୍ଣ୍ଣନା କରି ବୁଲିଲା, ନୂଆ ନୂଆ ଯୁକ୍ତି ବାଢ଼ିଲା। ଆହୁରି ବଡ଼ ବଡ଼ ଶପଥ କଲା ଯେ, ସେ ଦଉଡ଼ି ଖଣ୍ଡିକ ଛଡ଼ା ଆଉ କିଛି ନେଇନଥିଲା। ତା' ମସ୍ତିଷ୍କରେ ସେହି ଦଉଡ଼ି ଖଣ୍ଡିକ ବିନା ଆଉ କାହାରି ସ୍ଥାନ ରହିଲା ନାହିଁ। ସେ

Digitized by srujanika@gmail.com

ଯେତିକି ନିଜକୁ ସମର୍ଥନ କରି କହିଲା, ଲୋକେ ସେତିକି ତାକୁ ଅବିଶ୍ୱାସ କଲେ ।

ବୃଥା ଚେଷ୍ଟାରେ ତାର ଶରୀର କ୍ଷୀଣ ହୋଇ ଆସିଲା । ଲୋକେ ଏବେ ତାକୁ ଉପହାସ କରି କହିଲେ, "ତୁମ ଦଉଡ଼ିଖଣ୍ଡିକ ବିଷୟ କହିଲ !" ତାର ମୁଣ୍ଡ ଖରାପ ହୋଇଗଲା । ନିଜ ସପକ୍ଷରେ କହିବାକୁ ତାର ଆଉ ସାମର୍ଥ୍ୟ ରହିଲାନାହିଁ ।

କେତେକ ଦିନ ପରେ ସେ ରୋଗରେ ଶଯ୍ୟାଗତ ହୋଇ-ପଡ଼ିଲା । କିନ୍ତୁ ସେହି ଦଉଡ଼ି ଖଣ୍ଡିକ ଭୂତପରି ତାକୁ ମାଡ଼ିବସିଲା । ଶେଷରେ ତା'ର ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ତାର ଜୀବନର ଆଶା ରହିଲା ନାହିଁ ।

ମୃତ୍ୟୁସମୟ ନିକଟ ହୋଇ ଆସିଲା । ସେ ପ୍ରଳାପ କରିବାକୁ ଲାଗିଲା । ଘନ ଘନ ନିଶ୍ୱାସ ବହିଲା । ଶେଷ ନିଶ୍ୱାସ ବେଳେ ମଧ୍ୟ ତା ତୁଣ୍ଡରୁ ଶୁଣାଯାଉଥିଲା, "ମେୟର ସାହେବ, ମୁଁ ଦଉଡ଼ି ଖଣ୍ଡେ ପାଇଥିଲି, ଦଉଡ଼ି ଖଣ୍ଡେ ।"

Digitized by srujanika@gmail.com

ପ୍ରେମ

[ଜଣେ ପକ୍ଷୀ ଶିକାରୀର ଡାଏରୀରୁ କେତେ ପୃଷ୍ଠା]

ଅଳ୍ପଦିନ ତଳେ ମୁଁ ଖବରକାଗଜରେ ଗୋଟିଏ ପ୍ରେମ କାହାଣୀ ପଢ଼ିଥିଲି । ସମ୍ବାଦ ପ୍ରକାଶିତ ହୋଇଥିଲା ଯେ, ଜଣେ ପ୍ରେମିକ ତାର ପ୍ରେମିକାକୁ ହତ୍ୟାକରି ନିଜେ ଆତ୍ମହତ୍ୟା କରିଥିଲା । ନିଜେ ଆତ୍ମହତ୍ୟା କରିଥିବାରୁ ପ୍ରମାଣିତ ହୁଏ ଯେ, ସେ ତାର ପ୍ରେମିକାକୁ ଭଲପାଉଥିଲା । କିଏ କାହାକୁ ଭଲପାଉଥିଲା, ସେଥିରେ ମୋର କିଛି ଯାଏଆସେ ନାହିଁ । ସେମାନଙ୍କର ପ୍ରେମନୁହେଁ ମୋର ଆଲୋଚ୍ୟ ବିଷୟ । ଏହି ପ୍ରେମ ମୋତେ ବିସ୍ମିତ କରୁଛି ; ହୃଦୟକୁ କୋମଳ କରୁଛି ; ମୋର ଚିନ୍ତାଶକ୍ତି ଜାଗ୍ରତ କରୁଛି ସତ, କିନ୍ତୁ ସେଥିପାଇଁ ମୁଁ ଏ ବିଷୟରେ ଆଗ୍ରହୀ ନୁହେ । ମୋର ଆଗ୍ରହର କାରଣ ହେଉଛି ଭିନ୍ନ । ଏହି ଘଟନା ପଢ଼ି ମୋର ଯୌବନକାଳର ଏକ ଘଟନା ମନେପଡ଼ଯାଏ । ସେ ଏକ ପକ୍ଷୀ ଶିକାର । ସେଥିରେ ମୁଁ ଯେଉଁ ପ୍ରେମର ପରିଚୟ ପାଇଥିଲି, ତାହା ଭିନ୍ନପ୍ରକାରର ।

ଆଦିମ ମନୁଷ୍ୟ ଯେଉଁସବୁ ପ୍ରବୃତ୍ତି ଓ ବୃଦ୍ଧି ଘେନି ଜନ୍ମିଥିଲା, ମୁଁ ମଧ୍ୟ ସେସବୁ ଘେନି ଜନ୍ମ ହୋଇଥିଲି । କିନ୍ତୁ ପରେ ସେଗୁଡ଼ିକ ସଭ୍ୟତାର ଯୁକ୍ତି ଓ ବିଧିନିଷେଧଦ୍ୱାରା କେତେକ ପରିମାଣରେ ନିୟନ୍ତ୍ରିତ ହୋଇଯାଇଥିଲା । ଶିକାରକରିବା ମୋର ଏକ ନିଶା ଥିଲା । କିନ୍ତୁ ଆହତ ପକ୍ଷୀର ରକ୍ତବୋଳା ପର ଓ ମୋର ହାତ

Digitized by srujanika@gmail.com

ଦେଖିଲେ ମୋର ମନ କପର ହୋଇଯାଏ, ଶିକାର ନ କରିବାକୁ ଇଚ୍ଛା ହୁଏ ।

ସେବର୍ଷ ଶରତ୍‌ଋତୁ ଶେଷ ହେଉ-ନ-ହେଉଣୁ ଶୀତଋତୁ ହଠାତ୍ ଆସିଗଲା । ଏହି ସମୟରେ ହନେ ମୋର ଜଣେ ଦୂର-ସମ୍ପର୍କୀୟ ଭାଇ ତା'ଙ୍କ ସଙ୍ଗେ ଝିଲରେ ଶିକାରକରିବା ପାଇଁ ମୋତେ ନିମନ୍ତ୍ରଣ-କରି-ପଠାଇଲେ । ଖୁବ୍ ଭୋରରୁ ଶିକାରକୁ ଯିବାକୁ ହେବ ।

ସେ ଭାଇଙ୍କର ନାମ କାର୍ଲ । ବୟସ ପ୍ରାୟ ଚାଳିଶ ହେବ, ମୁଣ୍ଡର ବାଳଗୁଡ଼ିକ ସୁନେଲି ରଙ୍ଗର, ମୁହଁରେ ଦାଢ଼ି । ସେ ଜଣେ ଖୁବ୍ ଆମୋଦପ୍ରିୟ ଜମିଦାର । ଖୁସ୍‌ମିଜାଜର ଲୋକ ହେଲେହେଁ ଟିକିଏ ନିର୍ଦ୍ଦୟ ଥିଲେ । ସେ ଗୋଟିଏ ନଦୀଉପତ୍ୟକାରେ ବାସ-କରୁଥିଲେ । ତାଙ୍କ ଘରଟିର ଅଧେ ଥିଲା ଖମାର; ଆଉ ଅଧିକ ସୁସଜ୍ଜିତ ବାସଗୃହ । ଏହାର ଦୁଇପାଖେ ବୃକ୍ଷାଚ୍ଛାଦିତ ପର୍ବତ ଥିଲା । ଏହି ପର୍ବତ ଦୁଇଟିର କେତେକ ଅଂଶରେ ସୁନ୍ଦର ଶିକାରଯୋଗ୍ୟ ପକ୍ଷୀ ମିଳୁଥିଲେ । ଇଗଲ୍ ପକ୍ଷୀ ଏଠାରେ ବେଳେ ବେଳେ ଶିକାର କରାଯାଉଥିଲେ । ଯେଉଁ ଭ୍ରମଣକାରୀ ପକ୍ଷୀମାନେ ସାଧାରଣତଃ ଜନବହୁଳ ଅଞ୍ଚଳରେ ଦେଖାଯାନ୍ତିନାହିଁ, ସେମାନଙ୍କୁ ଏଠାରେ ଶିକାରକରିବାର ସୁବିଧା ଥିଲା । ସେମାନେ ଏଠାରେ ପ୍ରାଚୀନକାଳର ଓକ୍ ଗଛମାନଙ୍କରେ ଆଶ୍ରୟ ନେଉଥିଲେ ।

ଏହି ଉପତ୍ୟକାରେ ଅନେକ ବିସ୍ତୀର୍ଣ୍ଣ ପ୍ରାନ୍ତର ଥିଲା । ସେଗୁଡ଼ିକୁ ନାଳଦ୍ୱାରା ଜଳସେଚନ କରାଯାଉଥିଲା । ବିଭିନ୍ନ ପ୍ରାନ୍ତର କଣ୍ଟାବାଡ଼ଦ୍ୱାରା ପରସ୍ପରଠାରୁ ବିଚ୍ଛିନ୍ନ ଥିଲେ । ଏହାଠାରୁ କିଛି ଦୂରରେ ନଦୀ । ସେପର୍ଯ୍ୟନ୍ତ ନଦୀଟି ଦୁଇତଟ ମଧ୍ୟରେ ବନ୍ଧାଆସି ଏହିଠାରେ ଉଭୟପାର୍ଶ୍ୱକୁ ବିସ୍ତାରିତ ହୋଇଯାଇଥିଲା । ତେଣୁ ଏକ

Digitized by srujanika@gmail.com

ବିରାଟ ଝିଲର ସୃଷ୍ଟି ହୋଇଥିଲା । ଏହାକି ଥିଲା ପକ୍ଷୀଶିକାରପାଇଁ ସର୍ବୋତ୍କୃଷ୍ଟ ସ୍ଥାନ । ମୋର ସେହି ଭାଇ ଏହି ଝିଲ୍‌କୁ ଜଗି ରଖିଥିଲେ ଓ ଏଠାରେ ଅନ୍ୟ କାହାରିକୁ ଶିକାର କରିବାକୁ ଦେଉ-ନଥିଲେ ।

ଏହାର ଜଳ ଅଗଭୀର ଥିଲା ଓ ଏଥିରେ ଶରଜାତୀୟ ଗଛ ପ୍ରଚୁରପରିମାଣରେ ଥିଲା । ଶରବଣ ମଧ୍ୟରେ ବୁଦା କାଟି ସରୁ ସରୁ ରାସ୍ତା କରାଯାଇଥିବାରୁ ଛୋଟ ଛୋଟ ଡଙ୍ଗା ସେଥିରେ ଚଳାଇବା ସମ୍ଭବପର ହୋଇଥିଲା । ଡଙ୍ଗାଗୁଡ଼ିକୁ କାତ ସାହାଯ୍ୟରେ ବୁହାଇବା-ବେଳେ ଦୁଇପାଖର ଶରବୁଦା ଡଙ୍ଗାରେ ଘଷିହୋଇଯାଉଥିଲା । ମାଛମାନେ ଡେଇଁପଡ଼ି ଜଳଭିତରେ ଲୁଚିଯାଉଥିଲେ, ପାଣିକୁଆ ପ୍ରଭୃତି କେତେକ ଜଳଚର ପକ୍ଷୀ ପାଣିରେ ବୁଡ଼ି ଦୂରକୁ ପଳାଇ-ଯାଉଥିଲେ ।

ପାଣିପ୍ରତି ମୋର ଗୋଟାଏ ସ୍ୱତନ୍ତ୍ର ଆକର୍ଷଣ ଥିଲା । ସମୁଦ୍ର ବିଶାଳ ହେଲେହେଁ ତାର ତରଙ୍ଗର ଚଞ୍ଚଳତା ଓ ଗତି ଅଛି । ନଦୀ ଯେପରି ସୁନ୍ଦର ସେହିପରି ଗତିଶୀଳ । ଏମାନଙ୍କର ଗତିକୁ କେହି ରୋଧ କରିପାରିବ ନାହିଁ । ତେଣୁ ମୁଁ ନଦୀ ଓ ସମୁଦ୍ରକୁ ଜୀବନ୍ତ ମନେକରି ଭଲପାଏଁ । ଝିଲ୍‌ରେ କେତେଜାତିର ଅଜ୍ଞାତ ପକ୍ଷୀ ଏହାର ଜଳକୁ ଚିରଚଞ୍ଚଳ ରଖିଥାନ୍ତି; ତେଣୁ ଝିଲ ମୋର ପ୍ରିୟ । ପୃଥିବୀରେ ଝିଲ ଗୋଟିଏ ସ୍ୱତନ୍ତ୍ର ପୃଥିବୀ ; ପୃଥିବୀର ଅନ୍ୟ ଅଂଶଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏହାର ପ୍ରାଣୀମାନେ ପୃଥକ୍ ; ଏହାର ସ୍ଥାୟୀ ଅଧିବାସୀ ଅଛନ୍ତି ; ଆହୁରି କେତେକ ଆଗନ୍ତୁକ ଏଠାରେ କିଛିଦିନ ରହି ଫେରିଯାନ୍ତି । ଏଠାରେ କେତେ ଭିନ୍ନ ପ୍ରକାରର ସ୍ୱର ଶୁଣିବାକୁ ମିଳେ ; ସବୁ ଯେପରି ଗୋଟାଏ ରହସ୍ୟରେ ଆଚ୍ଛନ୍ନ । କେତେବେଳେ ଏହା ହୃଦୟକୁ ମୁଗ୍ଧ କରେ, ପୁଣି କେତେବେଳେ ଅଶାନ୍ତ କରେ ;

Digitized by srujanika@gmail.com

କେତେବେଳେ ଅବା ଭ୍ରାନ୍ତ ଜାତ କରେ । ଏହି ନମ୍ର ଜଳାଚ୍ଛାଦିତ ଭୂଭାଗ କାହିଁକି ଏପରି ଗୋଟାଏ ଅବ୍ୟକ୍ତ ଅବୋଧ ଭୟ ସୃଷ୍ଟି-କରେ ? ଶରବଣର ସନ୍‌ସନ୍ ଶବ୍ଦ, ଶରଗୁଳ୍ମର ଆଲୁଅ, ନୀରବ ରଜନୀର ନିସ୍ତବ୍ଧତା, ଅବଗୁଣ୍ଠନ ପରି ଏହାର ମୁଖକୁ ଆବୃତ କରିଥିବା କୁଜ୍‌ଝଟିକା, ଅତି ମୃଦୁ ଜଳକମ୍ପନ,—ଏଗୁଡ଼ିକ କଅଣ ଭୟର କାରଣ ? ବେଳେ ବେଳେ ଏହାର ଜଳର ମୃଦୁ କଲ୍ଲୋଳ କମାଣର ଗର୍ଜନ ବା ଆକାଶର ଘଡ଼ଘଡ଼ିଠାରୁ ଆହୁରି ଭୀଷଣ ମନେହୁଏ । ସେତେବେଳେ ଏ ଝିଲ୍ ଗୋଟାଏ ସ୍ୱପ୍ନଦୃଷ୍ଟ ଅଜ୍ଞାତ ରାଜ୍ୟସଙ୍ଗେ ତୁଳନୀୟ ହୋଇପାରେ ।

ନା, ଏଥିରେ ଅନ୍ୟ ଏକ ରହସ୍ୟ ଅଛି । ହୁଏତ ସେ ରହସ୍ୟ ହେଉଛି, ସୃଷ୍ଟିର ରହସ୍ୟ । ତଳେ ଏହିଭଳି ଏକ ଆର୍ଦ୍ର, କର୍ଦ୍ଦମ-ମୟ ଜଳଭାଗ, ଉପରେ ସୂର୍ଯ୍ୟର ପ୍ରଚଣ୍ଡ ଉତ୍ତାପ ; ଏହାଦ୍ୱାରା ଜଗତରେ ପ୍ରଥମେ ଜୀବକୋଷ ସୃଷ୍ଟି ହୋଇନଥିଲା କି ? କ୍ରମେ ସେହି ଜୀବକୋଷ ବିକଶିତ ହୋଇ ଆଜିର ଜୀବଜଗତ୍ ସୃଷ୍ଟି କରି-ନାହିଁ କି ?

ସନ୍ଧ୍ୟାବେଳେ ମୁଁ ମୋର ଭାଇଙ୍କ ଘରେ ଉପସ୍ଥିତ ହେଲି । ପ୍ରଚଣ୍ଡ ଶୀତ ଅନୁଭୂତ ହେଉଥାଏ ।

ଗୋଟିଏ ବଡ଼ କୋଠରୀରେ ଖାଇବାର ବ୍ୟବସ୍ଥା ହୋଇଥିଲା । ଏହାର ଛାତରେ ଓ କାନ୍ଥରେ ଭାଇଙ୍କର ଶିକାରର ସ୍ମାରକଗୁଡ଼ିକ ସଜ୍ଜିତ ରହିଥିଲା । ସେ ଯେଉଁସବୁ ପକ୍ଷୀ ମାରିଥିଲେ, ସେଗୁଡ଼ିକର ଚର୍ମ ଓ ପକ୍ଷଭିତରେ ତୁଳାପ୍ରଭୃତି ଦିଆଯାଇ ସେଗୁଡ଼ିକୁ ଜୀବନ୍ତ ପକ୍ଷୀପରି କରାଯାଇଥିଲା । ସେଠାରେ ବିବିଧ ପକ୍ଷୀ ଥିଲେ ; ବକ, ସାରସ, ହଂସ, କାଦମ୍ବ, ଉଲୁକ, ଶକୁନ, ଶ୍ୟେନ ପ୍ରଭୃତି । ମୋ ଭାଇ

Digitized by srujanika@gmail.com

ଶୀଲ ଚର୍ମର ଏକ ପୋଷାକ ପିନ୍ଧିଥିବାରୁ ସେ ମଧ୍ୟ ସାଇବେରିଆର କୌଣସି ଜୀବ ପରି ଦେଖାଯାଉଥିଲେ । ଆମେ ଖାଇବାକୁ ଟେବୁଲ ପାଖରେ ବସିଲୁ । ଶିକାର ପାଇଁ କି ବନ୍ଦୋବସ୍ତ କରାଯାଇଛି, ତାହା ସେ ବର୍ଣ୍ଣନା କଲେ । ଆମକୁ ରାତି ସାଢ଼େ ତିନିଟାବେଳେ ବାହାରି-ବାକୁ ହେବ । ପକ୍ଷୀମାନଙ୍କର ଗତିବିଧି ଲକ୍ଷ୍ୟକରିବାପାଇଁ ଗୋଟିଏ ସ୍ଥାନ ସ୍ଥିର ହୋଇଛି । ଚାରିଟାବେଳେ ସେଠାରେ ପହଞ୍ଚିବୁ । ପ୍ରଭାତ ପୂର୍ବରୁ ଝିଲରେ ଏକ ପ୍ରକାର ଅସହ୍ୟ ଶୀତବାୟୁ ପ୍ରବାହିତ ହୁଏ । ସେଥିରୁ ରକ୍ଷା ପାଇବା ପାଇଁ ଗୋଟିଏ କୁଡ଼ିଆ ନିର୍ମିତ ହୋଇଅଛି ।

ମୋର ଭାଇ ଦୁଇ ହାତକୁ ଘଷି ଘଷି କହିଲେ, "ଏ ବର୍ଷ ପରି ତୁଷାରପାତ ଆଉ କେବେ ହୋଇନଥିଲା । ଆଜ ସନ୍ଧ୍ୟାବେଳେ ଉତ୍ତାପ ହିମାଙ୍କର ଦଶଡିଗ୍ରୀ ନିମ୍ନରେ ଥିଲା ।"

ଭୋଜନ ଶେଷ ହେଲା ମାତ୍ରେ ମୁଁ ବିଛଣାରେ ଶୋଇପଡ଼ିଲି । ଘରେ ଗୋଟିଏ ଅଗ୍ନିକୁଣ୍ଡ ଥିବାରୁ ଶୈତ୍ୟର ପ୍ରକୋପ ଅନୁଭୂତ ହେଉନଥିଲା ।

ରାତି ତିନିଟାବେଳେ ସେ ମୋତେ ନିଦରୁ ଉଠାଇଲେ । ଉଠିବାମାତ୍ରେ ମୁଁ ଗୋଟିଏ ମେଷ ଚର୍ମର ପୋଷାକରେ ନିଜକୁ ଆବୃତ କଲି । କାର୍ଲ୍ ଆପାଦମସ୍ତକ ଏକ ଭାଲୁଚର୍ମର ପୋଷାକରେ ଆବୃତ ହୋଇଥିଲେ । ଦୁଇପିଆଲା ଗରମ କଫି ଓ ତାହା ପରେ ଗିଲାସେ ଲେଖାଏଁ ବ୍ରାଣ୍ଡି ପିଇ ଶିକାର ଉଦ୍ଦେଶ୍ୟରେ ବାହାରି-ପଡ଼ିଲୁ । ଆମ ସଙ୍ଗରେ ଦୁଇଟି କୁକୁର ଓ ଜଣେ ଚାକର ମଧ୍ୟ ଗଲେ ।

ଘରୁ ବାହାରକୁ ପାଦ ପକାଇଲି ମାତ୍ରେ ଶୀତରେ ମୋର ମଜ୍ଜାପର୍ଯ୍ୟନ୍ତ କମ୍ପିଗଲା । ମନେହେଲା ଯେପରି କି ଶୀତରେ ପୃଥିବୀ ମରି ପଡ଼ିଛି । ବାୟୁ ଏପରି ଘନୀଭୂତ ହୋଇଯାଇଥିଲା ଯେ

Digitized by srujanika@gmail.com

ଏହା ହାତରେ ଅନୁଭବ କରିହେଉଥିଲା । ପବନର ବେଗ ଆଦୌ ନଥିଲା । କିନ୍ତୁ ବାୟୁ ସ୍ଥିର ଥିଲେହେଁ ଏହା ଶରୀରକୁ ଭେଦିଯାଉ-ଥିଲା । ଏହା ବୃକ୍ଷଲତା, କୀଟପତଙ୍ଗ ପ୍ରଭୃତିଙ୍କ ପ୍ରାଣ ନେବାକୁ ସମର୍ଥ ଥିଲା । ଗୋଟାଏ ଗୋଟାଏ କ୍ଷୁଦ୍ର ପକ୍ଷୀ ଏହାଦ୍ୱାରା ପ୍ରାଣ ହରାଇ ବୃକ୍ଷ ଡାଳରୁ ତଳକୁ ତଳକୁ ଖସିପଡ଼ୁଥିଲେ ।

କୃଷ୍ଣପକ୍ଷର ଶେଷଭାଗ । ବଙ୍କିମ ଚନ୍ଦ୍ର ହିତ୍‌ବଳପ୍ର ଆଡ଼କୁ ଢଳିପଡ଼ୁଥିଲେ ! ସତେ ଅବା ସେ ଶୀତର ପ୍ରକୋପରେ ନିର୍ଜୀବ ହୋଇପଡ଼ୁଥିଲେ । ପୃଥିବୀ ଉପରେ ତାଙ୍କର କ୍ଷୀଣ କିରଣ ପଡ଼ୁ-ଥିଲା ।

କାର୍ଲ ଓ ମୁଁ କାନ୍ଧରେ ବନ୍ଧୁକ ଝୁଲାଇ, ହାତ ଦୁଇଟିକୁ ପକେଟରେ ପୂରାଇ ପାଖାପାଖି ହୋଇ ଚାଲିଲୁ । ଆମର ବୁଟ୍ ଉପରେ ପଶମର ଆଚ୍ଛାଦନ ; କାରଣ ଏପରି ଆଚ୍ଛାଦନ ନଥିଲେ ତୁଷାରାଚ୍ଛନ୍ନ ନଦୀ ଉପରେ ପାଦ ଖସିଯିବାର ଆଶଙ୍କା ଅଛି । ମୁଁ କୁକୁର ଦୁଇଟି ଆଡ଼କୁ ଚାହିଁଲି । ସେମାନଙ୍କ ପାଟିରୁ ଧୂଆଁ ପରି ଜଳୀୟ ବାଷ୍ପ ବାହାରୁଥିଲା ।

ଆମେମାନେ ଝିଲର ଧାରରେ ପହଞ୍ଚି ବେଣା ବୁଦା ମଧ୍ୟରେ ଥିବା ଏକ ସଂକୀର୍ଣ୍ଣ ପଥରେ ଚାଲିଲୁ । ବେଣାର ସୂକ୍ଷ୍ମ ପତ୍ରଗୁଡ଼ିକ ଆମ ପୋଷାକ ସହିତ ଘଷି ହେବାରୁ ଏକ ପ୍ରକାର ଶବ୍ଦ ହେଉଥିଲା । ମୋ ମନରେ ଗୋଟାଏ ବିଚିତ୍ର ଭାବର ଉଦୟ ହେଲା । ମୁଁ ଭାବିଲି ଏ ଝିଲ୍ ଶୀତରେ ମୃତ ; ମୃତ ବେଣା ଉପରେ ଆମେ ଚାଲିଛୁ ।

ଏହି ସଂକୀର୍ଣ୍ଣ ପଥରୁ ବାଟ ଭାଙ୍ଗି ଅଳ୍ପ ଦୂର ଯିବା ପରେ ଆମର କୁଟୀରଟି ମୋର ଦୃଷ୍ଟିଗୋଚର ହେଲା । ଏହାର କାନ୍ଥଗୁଡ଼ିକ ତୁଷାରରେ ନିର୍ମିତ । ମୁଁ ତାହା ଭିତରେ ପ୍ରବେଶ କଲି । ଏହିଠାରେ ଆମକୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା କରିବାକୁ ହେବ । ତାହା ପୂର୍ବରୁ

Digitized by srujanika@gmail.com

ପକ୍ଷୀମାନଙ୍କର ଜାଣିବାର ଆଶା ନାହିଁ । ଦେହକୁ ଗରମ କରିବା ପାଇଁ ମୁଁ କମ୍ବଳକୁ ଦେହ ଚାରିପାଖେ ଗୁଡ଼ାଇଦେଲି । ମୁହଁ ଉପରକୁ କରି ପଡ଼ିରହି ମୁଁ ଚନ୍ଦ୍ର ଆଡ଼କୁ ଚାହିଁ ରହିଲି । ଝୀଲର ଶୀତଳ ବାୟୁ, ତୁଷାରର ଶୈତ୍ୟ ଓ ଆକାଶର ଶୈତ୍ୟ ମୋ ଶରୀରକୁ ଭେଦି-ଗଲା । ମୁଁ କାଣି ଉଠିଲି । କାର୍ଲ ମୋଲାଗି ଚିନ୍ତିତ ହୋଇ କହିଲେ, "ଆମର ଆଜ ଶିକାର ନହେଲେ କ୍ଷତି ନାହିଁ । କିନ୍ତୁ ତୁମକୁ ଥଣ୍ଡା ଧରିଲେ ଅସୁବିଧା ହେବ ! ମୁଁ ନିଆଁ କରେ ।" କହି ଶୁଖିଲା ବେଣା ସଂଗ୍ରହ କରିବା ପାଇଁ ସେ ଚାକରକୁ ଆଦେଶ ଦେଲେ ।

କୁଡ଼ିଆ ମଝିରେ ଆମେ ନିଆଁ ଜାଳିଲୁ । ଛାତରେ ଗୋଟାଏ କଣା ରଖାଯାଇଥିଲା । ସେହିବାଟେ ଧୂଆଁ ବାହାରିଗଲା । ନିଆଁର ତାପ ବାଜିବାରୁ ତୁଷାରଖଣ୍ଡମାନ ଧୀରେ ଧୀରେ ତରଳ ପାଣି-ହୋଇ ବୋହିଯିବାକୁ ଲାଗିଲା ।

କାର୍ଲ କୁଡ଼ିଆ ବାହାରେ ରହିଥିଲେ । ସେ ମୋତେ ଡାକି କହିଲେ, "ଆସ, ଏଠି ଗୋଟାଏ ଜିନିଷ ଦେଖିବ ।" ମୁଁ କୁଡ଼ିଆ ଭିତରୁ ବାହାରକୁ ଆସିଲି । ଆମର କୁଡ଼ିଆଟି ଗୋଟିଏ ହୀରକ ନିର୍ମିତ ଗମ୍ବୁଜ ପରି ଦିଶୁଥିଲା । ତାର ଅଭ୍ୟନ୍ତରରେ ରକ୍ତବର୍ଣ୍ଣର ଅଗ୍ନି । ସତେ ଅବା ଏହି ଗମ୍ବୁଜଟିକୁ କେହି ଆଣି ଝୀଲର ତୁଷାର-ଶଯ୍ୟା ଉପରେ ପୋତିଦେଇଛନ୍ତି । ଆମ କୁକୁର ଦୁଇଟି ନିଆଁ ପାଖରେ ଶୋଇଥିଲେ । ତୁଷାର ଭେଦ କରି ସେମାନଙ୍କର ଛାୟା ମାତ୍ର ଦେଖାଯାଉଥିଲା । ଏହି ଦୃଶ୍ୟ ଦେଖି ମୁଁ ବିସ୍ମିତ ହୋଇଗଲି ।

ଗୋଟାଏ ବିଚିତ୍ର ଶବ୍ଦ ଆମ କୁଡ଼ିଆ ଉପର ଦେଇ ଚାଲି-ଗଲା । ନିଆଁର ଆଲୁଅରେ ଦେଖିଲୁ, ଦଳେ ବନ୍ୟପକ୍ଷୀ ଉଡ଼ି ଯାଉଅଛନ୍ତି । ଶୀତକାଳୀନ ପ୍ରଭାତର ପ୍ରଥମ ଆଲୋକରେଖା ଦକ୍-

Digitized by srujanika@gmail.com

ବଳୟରେ ଦେଖାଦେବା ପୂର୍ବରୁ ଜୀବନସତ୍ତାର ପରିଚ୍ୟୁକ ପକ୍ଷୀକାକଳୀ ପରି ଆଜି କିଛି ମନକୁ ଏତେ ଆଲୋଡ଼ିତ କରେନାହିଁ । ଏ କାକଳୀକୁ ଦେଖିହୁଏ ନାହିଁ ; କିନ୍ତୁ ଅନୁଭବ କରିହୁଏ । ଏହା କେତେ ଶୀଘ୍ର କେତେ ଦୂରକୁ ଚାଲିଯାଏ ? ମୋର ମନେହେଲା, ସତେ ଅବା ଏହି ପକ୍ଷୀମାନେ ନିଜ ପକ୍ଷରେ ପୃଥିବୀର ଦୀର୍ଘଶ୍ୱାସ ବହନ କରି ନେଇଯାଉଅଛନ୍ତି ।

କାର୍ଲ ବଡ଼ପାଟିରେ କହିଲେ, "ଦିନର ଆଲୁଅ ଦେଖା ଗଲାଣି । ନଆଁ ଲିଭାଇଦିଅ ।"

ବାସ୍ତବରେ ସକାଳ ହୋଇଆସୁଥିଲା । ଆକାଶ ପାଣ୍ଡୁର ବର୍ଣ୍ଣ । ସାରସମାନେ ଦଳ ଦଳ ହୋଇ ଉଡ଼ିଯାଇ ଆକାଶରେ ଉଭେଇଯାଉଥିଲେ ।

କାର୍ଲ ତାଙ୍କ ବନ୍ଧୁକରୁ ଗୁଳି ମାରିଲେ । ଧୂମ-ଅନ୍ଧକାର ମଧ୍ୟରେ ଗୋଟାଏ ଆଲୋକରେଖା ମୁହୂର୍ତ୍ତିକ ନିମନ୍ତେ ଦେଖାଗଲା । କୁକୁର ଦୁଇଟା ଦଉଡ଼ି ଆସିଲେ ।

ଏହାପରେ ନଳବନ ଉପରେ ଦଳ ଦଳ ପକ୍ଷୀ ଉଡ଼ିଯିବାକୁ ଲାଗିଲେ । ଆମେ ଦୁହେଁ ପକ୍ଷୀମାନଙ୍କ ଛାୟା ପଡ଼ିବା ମାତ୍ରେ ବନ୍ଧୁକରୁ ଗୁଳି ମାରିବାକୁ ଲାଗିଲୁ । କୁକୁର ଦୁଇଟା ଦଉଡ଼ିଯାଇ ମୃତ ଓ ଆହତ ରକ୍ତାକ୍ତ ପକ୍ଷୀମାନଙ୍କୁ ନେଇଆସିଲେ । ସେମାନଙ୍କ ମଧ୍ୟରୁ କେତେକ ବିକଳ ନୟନରେ ଆମଆଡ଼କୁ ଚାହୁଁଥାନ୍ତି ।

ସୂର୍ଯ୍ୟ ଉଦିତ ହେଲେଣି । ଆକାଶ ନୀଳବର୍ଣ୍ଣ ଧାରଣ କରିଛି ; ଚାରିଆଡ଼ ସୂର୍ଯ୍ୟକିରଣରେ ଆଲୋକିତ । ଆମେ ଘରକୁ ଫେରିବା ପାଇଁ ବାହାରିଛୁ, ଏହି ସମୟରେ ଦୁଇଟି ସାରସ ପକ୍ଷୀ ପକ୍ଷ ବିସ୍ତାରି କରି, ଦୀର୍ଘ ଗଳାକୁ ଲମ୍ବାଇ ଆମ ମୁଣ୍ଡ ଉପରେ ଉଡ଼ିଗଲେ । ମୁଁ ତତ୍‌କ୍ଷଣାତ୍ ଗୁଳି ମାରିଲି; ଦୁଇଟି ମଧ୍ୟରୁ ଗୋଟିଏ ମୋର ପାଦ-

Digitized by srujanika@gmail.com

ପାଖରେ ପଡ଼ିଗଲା । ମୁଁ ତାହାର ଧଳା ଦେହକୁ ଗୁହାଁଲା ବେଳକୁ ମୋ ମୁଣ୍ଡ ଉପରେ ଗୋଟିଏ ପକ୍ଷୀର ରବ ଶୁଣିପାରିଲି । ଏ ରବ ପକ୍ଷୀଟିର ହୃଦୟଭେଦୀ ଆର୍ତ୍ତ କ୍ରନ୍ଦନ । ଏହି କ୍ଷୁଦ୍ର ଜୀବଟି ଆମ ମୁଣ୍ଡ ଉପରେ ରବ ରବ ଚକ୍ରାକାରରେ ଉଡ଼ିବାକୁ ଲାଗିଲା । ସେତେବେଳକୁ ମୃତ ସାରସଟିକୁ ମୁଁ ହାତରେ ଧରିଥାଏଁ । ଉଡ଼ି ବୁଲୁଥିବା ପକ୍ଷୀଟିର ଦୃଷ୍ଟି ରହିଥାଏ, ମୋ ହାତରେ ଥିବା ସାରସ ଉପରେ ।

କାର୍ଲ ଆଣ୍ଠେଇ ପଡ଼ି, ପକ୍ଷୀଟି ଉପରେ ଦୃଷ୍ଟି ରଖି ଏହାକୁ ମାରିବା ପାଇଁ ଲକ୍ଷ୍ୟ ସ୍ଥିର କରୁଥାନ୍ତି । ସେ ମୋତେ କହିଲେ, "ତୁମେ ମାଈ ସାରସଟିକୁ ମାରି ସାରିଛ । ତାର ସାଥି ଅଣ୍ଡିରା ପକ୍ଷୀଟି ତାକୁ ଛାଡ଼ି ଯିବନାହିଁ ।"

କାର୍ଲ ଯାହା କହିଲେ ତାହା ସତ । ପକ୍ଷୀଟି ଅନ୍ୟ ଆଡ଼କୁ ଗଲା ନାହିଁ, କେବଳ କରୁଣ ରବ କରି ଆମ ମୁଣ୍ଡ ଉପରେ ଘୂରି ଉଡ଼ିବାକୁ ଲାଗିଲା । ସତେ ଅବା ସେହି ହତଭାଗ୍ୟ ପକ୍ଷୀଟି ମୋତେ ଭର୍ତ୍ସନା କରୁଥିଲା; କିନ୍ତୁ ତାର ସ୍ୱର ଆକାଶରେ ମିଳାଇଯାଉଥିଲା । ପକ୍ଷୀଟିର କରୁଣ କ୍ରନ୍ଦନରେ ମୋର ଘୋର ଦୁଃଖ ଜାତ ହେଲା ।

ପକ୍ଷୀଟିର ଗତି ଅନୁସାରେ କାର୍ଲ ବନ୍ଧୁକର ମୁଣ୍ଡକୁ ବୁଲାଇ ଲକ୍ଷ୍ୟ ସ୍ଥିର କରୁଥିଲେ । ବେଳେବେଳେ ସେ ଠିକ୍ ବନ୍ଧୁକ ଉପରେ ଉଡ଼ିଯାଉଥିଲା । କେତେବେଳେ ଅବା ସେ ଦୂରକୁ ଉଡ଼ିଯିବାପରି କିଛି ଦୂର ଉଡ଼ିଯାଇ ପୁଣି ଆମ ମୁଣ୍ଡ ଉପରକୁ ଆସି ତାର ସଙ୍ଗିନୀକୁ ଖୋଜି ଉଡ଼ୁଥିଲା ।

ମୃତ ପକ୍ଷୀଟିକୁ ତଳେ ରଖିଦେବା ପାଇଁ କାର୍ଲ ମୋତେ ପରାମର୍ଶ ଦେଇ କହିଲେ, ଏବେ ତାକୁ ଗୁଳି କରିବା ସୁବିଧା ହେବ । ମୁଁ ତାହା କଲି । ସତକୁ ସତ ତାର ଏହି ମୃତ ପକ୍ଷୀଟି ପ୍ରତି କ

ପ୍ରେମ, କି ସ୍ନେହ ଥିଲା କେଜାଣି ସେ ମରଣକୁ ସୁଦ୍ଧା ଭୟ ନକରି ଆମରି ଖୁବ୍ ନିକଟକୁ ଉଡ଼ିଆସିଲା ।

କାର୍ଲ ଗୁଳି କଲେ । ସତେ ଅବା ଯେଉଁ ସୂକ୍ଷ୍ମ ସୂତାଟି ସେ ଦୁହିଁଙ୍କୁ ଦୁଇ ପ୍ରାନ୍ତରେ ବାନ୍ଧି ରଖିଥିଲା, ତାହା ଛିଡ଼ିଗଲା । ଗୋଟିଏ କଳା ପିଣ୍ଡୁଳା ପରି ପକ୍ଷୀଟି ତଳେ ପଡ଼ିଗଲା, ବେଣାବୁଦାରେ ମୁଦ୍-ଭିଁକ ପାଇଁ ଖସ୍‌ଖସ୍ ଶବ୍ଦ ଶୁଣାଗଲା, ଗୋଟିଏ କୁକୁର ଦଉଡ଼ି ଯାଇ ତାକୁ ମୋ ପାଖକୁ ନେଇ ଆସିଲା ।

ମୁଁ ସାରସଯୁଗଳକୁ ଏକାଠି ମୋର ଥଳୀରେ ପୂରାଇ କାର୍ଲଙ୍କ ଘରକୁ ଆସିଲି । ସେହିଦିନ ସନ୍ଧ୍ୟାରେ ମୁଁ ପାରିସକୁ ଫେରିଗଲି ।

Digitized by srujanika@gmail.com

ପ୍ରେତାତ୍ମା

କାଥଲିକ ଖ୍ରୀଷ୍ଟିଆନ ସମ୍ପ୍ରଦାୟରେ ରୋମର ପୋପ ହେଉଛନ୍ତି ସର୍ବେସର୍ବା । ଏକ ସମୟରେ ତାଙ୍କର କ୍ଷମତା ଏପରି ବଢ଼ିଯାଇଥିଲା ଯେ, ଇଉରୋପର ଅନେକ ଦେଶର ରାଜା ତାଙ୍କର ଅଧୀନ ଥିଲେ । ସେ ଇଚ୍ଛାକଲେ ଜଣକୁ ରାଜସିଂହାସନରେ ବସାଇପାରୁଥିଲେ; ଇଚ୍ଛାକଲେ ତଡ଼ିଦେଇପାରୁଥିଲେ । ପରେ କେତେକ ରାଜା ପୋପଙ୍କୁ ମାନିଲେ ନାହିଁ । ଏହି ସଂଘର୍ଷ ଫଳରେ କୌଣସି କୌଣସି ରାଜ୍ୟର ରାଜା ଓ ପୋପଙ୍କ ମଧ୍ୟରେ ଚୁକ୍ତି ହେଲା ଯେ, ରାଜାଙ୍କ ଶାସନ-କାର୍ଯ୍ୟରେ ପୋପ ହସ୍ତକ୍ଷେପ କରିବେ ନାହିଁ । ଧର୍ମ ବିଷୟରେ ପୋପଙ୍କ ଆଦେଶ ବିରୁଦ୍ଧରେ ରାଜା କୌଣସି କାର୍ଯ୍ୟ କରିବେନାହିଁ । କିନ୍ତୁ କେତେକ ଲୋକ ପୋପ ଓ ତାଙ୍କ ଚର୍ଚ୍ଚର ଆଦେଶକୁ ପାଳନ କରିବାକୁ କୁଣ୍ଠିତ ଥିଲେ । ଧର୍ମ ସମ୍ବନ୍ଧରେ ସେମାନଙ୍କର ମତ କାଥଲିକ ଚର୍ଚ୍ଚର ମତଠାରୁ ଅଧିକ ଉଦାର ଥିଲା । କାଥଲିକ ଧର୍ମ-ଯାଜକମାନେ ସ୍ୱଭାବତଃ ସେମାନଙ୍କର ବିରୋଧୀ ଥିଲେ ।

ଅଷ୍ଟ୍ରିଆରେ ଧର୍ମ ବିଷୟରେ ଧର୍ମଯାଜକମାନଙ୍କର ଓ ଅନ୍ୟ ସାଂସାରିକ ବିଷୟରେ ରାଜାଙ୍କର ଶାସନ ଚାଲିଥିବାବେଳେ ଦିନେ ଗୋଟିଏ ଧନୀ ଓ ସମ୍ଭ୍ରାନ୍ତ ପରିବାରର ଜଣେ ଯୁବକ ସ୍ଥାନୀୟ ପୋଲିସ ଥାନାରେ ପହଞ୍ଚି ଥାନା ଅଫିସରଙ୍କୁ କହିଲେ, 'ମୁଁ ଆପଣ-

Digitized by srujanika@gmail.com

ଙ୍କର ସାହାଯ୍ୟ ଓ ପରାମର୍ଶ ପାଇଁ ଆସିଛୁ ।' ଅଫିସର ଉତ୍ତର କଲେ, 'ମୁଁ ଯଥାସମ୍ଭବ ସାହାଯ୍ୟ କରିବାକୁ ପ୍ରସ୍ତୁତ । ଆପଣ କ ଅସୁ-ବିଧାରେ ପଡ଼ିଛନ୍ତି ?'

ଯୁବକ କହିବାକୁ ଲାଗିଲେ, 'ମୋର ମାଆଙ୍କର ମୃତ୍ୟୁ ହୋଇ-ଯାଇଅଛି । ମୋର ବାପା ବୃଦ୍ଧ । ସେ ମୋତେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରିତ୍ୱରୁ ବଞ୍ଚିତ କରିବାକୁ ଯାଉଅଛନ୍ତି । ଦେଖନ୍ତୁ, ମୁଁ କୌଣସି ବେଆଇନ କାର୍ଯ୍ୟ କରିନାହିଁ, କୌଣସି ସମାଜବିରୋଧି ବା ଅନ୍ୟାୟ କାର୍ଯ୍ୟ କରିନାହିଁ, ମୋର ପିତାଙ୍କ ଆଦେଶ ବରାବର ପାଳନ କରିଆସିଅଛି । ମୋର ବାପା କାଥଲିକ ଚର୍ଚ୍ଚକୁ ଅନ୍ଧ ଭାବରେ ମାନନ୍ତି; ଧର୍ମଯାଜକମାନେ ଯାହା କହନ୍ତି ତାକୁ ସେ ଅକ୍ଷ-ରଶଃ ଭାବରେ ପାଳନ କରନ୍ତି । କିନ୍ତୁ ମୁଁ ଏହି ବିଷୟରେ ତାଙ୍କ ସହିତ ଏକମତ ନୁହେଁ । କହନ୍ତୁ, ଏଇଥିପାଇଁ ସେ ମୋତେ ସମସ୍ତ ସମ୍ପତ୍ତିରୁ ବଞ୍ଚିତ କରିବା କଅଣ ଠିକ୍ ? ସେ କହନ୍ତି, ମୁଁ ଏକବାରେ ନାସ୍ତିକ ହୋଇଯାଇଛି । ଆମ ଘରର ଜଣେ ଚାକର ଦୈବାତ୍ ବାପାଙ୍କ ଉଇଲ୍ ଦେଖି ମୋତେ ବିଶ୍ୱାସରେ କହିଲା ଯେ, ସେ ତାଙ୍କର ସମସ୍ତ ସମ୍ପତ୍ତି ଜେଜୁଟ (Jesuit) ଧର୍ମଯାଜକମାନଙ୍କୁ ଦେଉଅଛନ୍ତି । ମୋର ସନ୍ଦେହ, ଏହି ଧର୍ମଯାଜକମାନେ ବାପାଙ୍କୁ ମୋ ବିରୁଦ୍ଧରେ କୁଶିକ୍ଷା ଦେଉଅଛନ୍ତି । ଆଗେ ମୋର ବାପାଙ୍କ ସହିତ ଖୁବ୍ ଭଲ ସମ୍ବନ୍ଧ ଥିଲା; ସେ ମୋତେ ଆଦର କରୁଥିଲେ । ଏଇ ବର୍ଷେ ହେବ କେତେଜଣ ଧର୍ମଯାଜକ ବାପାଙ୍କୁ କୁଶିକ୍ଷା ଦେଇ ଆମର ପାରିବାରିକ ସୁଖ ଶାନ୍ତି ନଷ୍ଟ କରିଦେଇଅଛନ୍ତି ।'

ଅଫିସର ଧୈର୍ଯ୍ୟସହକାରେ ସବୁ ଶୁଣି କହିଲେ, 'ଆପଣଙ୍କ କଥାରୁ ମୁଁ ବୁଝୁଛି, ଆପଣ ଏକ ଦୁଃଖଦାୟକ ପରିସ୍ଥିତିରେ ପଡ଼ି ଅଛନ୍ତି । କିନ୍ତୁ ଏ ଘଟଣାରେ ହସ୍ତକ୍ଷେପ କରିବା ପାଇଁ ମୁଁ କୌଣସି

Digitized by srujanika@gmail.com

କାରଣ ଦେଖିପାରୁନାହିଁ । ଆପଣଙ୍କ ପିତାଙ୍କର ମସ୍ତିଷ୍କ ବିକୃତ ହୋଇନାହିଁ, ତେଣୁ ତାଙ୍କର ସମ୍ପତ୍ତିକୁ ଯାହାକୁ ଇଚ୍ଛା ତାହାକୁ ଦେବାର ଅଧିକାର ତାଙ୍କର ଅଛି । ମୋ ମତରେ ପିତାଙ୍କ କାର୍ଯ୍ୟର ପ୍ରତିବାଦ କରିବା ପାଇଁ ଆପଣଙ୍କର ସମୟ ଆସିନାହିଁ । ତାଙ୍କର ଉଇଲ୍ ଆଇନ ଅନୁସାରେ ଅନୁମୋଦିତ ହୋଇ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଆପଣ ଅପେକ୍ଷା କରିବା ଉଚିତ । ବର୍ତ୍ତମାନ ମୁଁ ଆପଣଙ୍କୁ କିଛି ମାତ୍ର ସାହାଯ୍ୟ କରିନପାରି ଦୁଃଖିତ ।'

ଯୁବକ କହିଲେ, 'ଆପଣ ଇଚ୍ଛାକଲେ ସାହାଯ୍ୟ କରିପାରିବେ । ମୋର ବିଶ୍ୱାସ, କେତେଜଣ ଲୋକ ଠକାମି କରି ବାପାଙ୍କୁ ଏହା କରିବାକୁ ବାଧ୍ୟ କରିଛନ୍ତି ।'

ଅଫିସର ଉତ୍ତର କଲେ, 'କପରି ଠକାମି କରୁଛନ୍ତି, ବୁଝାଇ କହନ୍ତୁ ।'

ଯୁବକ ବୁଝାଇବାକୁ ଲଗିଲେ, 'କାଲି ସନ୍ଧ୍ୟାବେଳେ ମୋର ବାପାଙ୍କ ସଙ୍ଗେ ବାଦାନୁବାଦ ହେଉଥିଲା । ସେ କହିଲେ ଯେ ମୋର ମାଆଙ୍କ ପ୍ରେତାତ୍ମା ବାରମ୍ବାର ତାଙ୍କୁ ଦେଖାଦେଇ କହୁଛି—ପୁଅକୁ ସମ୍ପତ୍ତିରୁ ବଞ୍ଚିତ କର, ନୋହିଲେ ସର୍ବନାଶ ଘଟିବ, ତୁମେ ନରକକୁ ଯିବ ; ସେ ପୁଅ ଧର୍ମଦ୍ରୋହୀ, ନାସ୍ତିକ ହୋଇଯାଇଛି ; ସମ୍ପତ୍ତି ତାକୁ ନ ଦେଇ ଚର୍ଚ୍ଚକୁ ଦିଅ ।

'ଦେଖନ୍ତୁ ମୋର ପ୍ରେତାତ୍ମାରେ ଆଦୌ ବିଶ୍ୱାସ ନାହିଁ ।'

ଅଫିସର ଉତ୍ତର କଲେ, 'ମୁଁ ମଧ୍ୟ ପ୍ରେତାତ୍ମାରେ ବିଶ୍ୱାସ କରେ ନାହିଁ । କିନ୍ତୁ କାହାରି ଧର୍ମବିଶ୍ୱାସ ନେଇ କାର୍ଯ୍ୟାନୁଷ୍ଠାନ କରାଯାଇନପାରେ । କାହାରି ଅନ୍ଧବିଶ୍ୱାସ ସହିତ ଆଇନର କିଛି ସମ୍ପର୍କ ନାହିଁ । ଆପଣ ଜାଣିଥିବେ, ଆମ ସରକାରଙ୍କର ପୋପଙ୍କ ସହିତ ଚୁକ୍ତି ହେବା ପରେ ଚର୍ଚ୍ଚ ଏକ ପ୍ରକାରେ ଆମର ସକଳ କାର୍ଯ୍ୟ ନିୟନ୍ତ୍ରଣ

Digitized by srujanika@gmail.com

କରୁଛୁ । ମୁଁ ଯଦି ଏ ବିଷୟରେ ଅନୁସନ୍ଧାନ କରେ ଓ କିଛି ଫଳ ନ ମିଳେ ତେବେ ମୋର ଚାକିରିଖଣ୍ଡିକ ଯିବ । ଆପଣଙ୍କ ପିତାଙ୍କୁ ଧର୍ମଯାଜକମାନେ ଠକି ଭୁଲାଇଛନ୍ତି ବୋଲି ଆପଣଙ୍କର ସନ୍ଦେହ । ସେମାନେ ଠକିବାର କୌଣସି ପ୍ରମାଣ ଆପଣ ଦେଇପାରିଲେ ଘଟଣାଟା ଅନ୍ୟ ପ୍ରକାର ହେବ । ତେଣୁ ଆପଣ ଘଟଣାର ଆହୁରି ଭିତରକୁ ଯାଇ କୌଣସି ପ୍ରମାଣ ବାହାରକରନ୍ତୁ । ସେତେବେଳେ ପୁଣି ମୋ ପାଖକୁ ଆସିଲେ ମୁଁ ନିଶ୍ଚୟ ସାହାଯ୍ୟ କରିପାରିବ ।'

ପ୍ରାୟ ମାସକ ପରେ ଦିନେ ସନ୍ଧ୍ୟାବେଳେ ସେହି ଯୁବକ ହଠାତ୍ ଥାନାରେ ଉପସ୍ଥିତ ହୋଇ ଉତ୍ତେଜିତ ଭାବରେ ଅଫିସରଙ୍କୁ କହିଲେ, 'ମୁଁ ଧର୍ମଯାଜକମାନଙ୍କର ପ୍ରତାରଣା ବିଷୟ ଆପଣଙ୍କୁ କହିଥିଲି । ଏବେ ଆପଣ ଟିକିଏ ସାହାଯ୍ୟ ଦେଲେ ମୁଁ ତାର ନିର୍ଦ୍ଦିଷ୍ଟ ପ୍ରମାଣ ଦେଇପାରିବ ।' ଅଫିସର କହିଲେ, 'କିପରି ସାହାଯ୍ୟ କରିବାକୁ ହେବ ? କି ପ୍ରମାଣ ଅଛି ବୁଝାଇ କହନ୍ତୁ ।'

ଯୁବକ କହିବାକୁ ଲାଗିଲେ, 'ଏଥିମଧ୍ୟରେ ମୁଁ ଅନେକ ସନ୍ଧାନ ପାଇଛି । ପ୍ରଥମତଃ ମୁଁ ବାପାଙ୍କଠାରୁ ଜାଣିପାରିଛି ଯେ ମାଆଙ୍କ ପ୍ରେତାତ୍ମା ଆମ ଘର ଭିତରେ ତାଙ୍କୁ ଦେଖାଦେଇନାହିଁ ; ଦେଖାଦେଇଛି କବରଖାନାରେ, ଯେଉଁଠାରେ ତାଙ୍କ ଶବ ପୋତାହୋଇଥିଲା । ମୋର ମାଆ କେତେବର୍ଷ ଧରି ରାଜଯକ୍ଷ୍ମା ରୋଗରେ ପଡ଼ିଥିଲେ ଓ ମରିବାର କେତେଦିନ ପୂର୍ବରୁ ସେ 'ସୁ' ଗ୍ରାମକୁ ଯାଇଥିଲେ । ସେହିଠାରେ ତାଙ୍କର ମୃତ୍ୟୁ ହୋଇଥିଲା ଓ ସେହି ଗ୍ରାମର କବରଖାନାରେ ତାଙ୍କୁ କବର ଦିଆଯାଇଥିଲା । ଆମର ଚାକରଠାରୁ ଖବର ପାଇଲି, ବାପା ଏଥିଭିତରେ ଦୁଇଥର ରାତି ଅଧରେ ଘରୁ ବାହାରି, 'ପ' ବୋଲି ଜଣେ ଧର୍ମଯାଜକଙ୍କ ସହିତ କୁଆଡ଼େ ଯାଇ ସକାଳକୁ ଫେରି ଆସିଛନ୍ତି । ଆସିଲାବେଳକୁ

Digitized by srujanika@gmail.com

ସେ ବଡ଼ ଚିନ୍ତିତ ଓ ଦୁର୍ବଳ ଦେଖାଯାଉଥାନ୍ତି । ଏଥିମଧ୍ୟରେ ମୋର ମୃତ ମାତାଙ୍କର ନରକରୁ ମୁକ୍ତି ଉଦ୍ଦେଶ୍ୟରେ ମୋର ବାପା କାଥଲିକ ଧର୍ମଯାଜକମାନଙ୍କଦ୍ୱାରା ତିନଥର ପ୍ରାର୍ଥନାସଭା କରାଇ-ଅଛନ୍ତି । ଆଜ ଅଳ୍ପ ସମୟ ପୂର୍ବେ ସେ ମୋତେ କହିଲେ ଯେ ସନ୍ଧ୍ୟାବେଳକୁ ସେ ଗୋଟିଏ ଜରୁରି କାର୍ଯ୍ୟରେ ଅନ୍ୟତ୍ର ଯିବେ । କିନ୍ତୁ ଠିକ୍ ତାପରେ ସେହି କାଥଲିକ ଧର୍ମଯାଜକ 'ଘ' ଆମ ଘରୁ ବାହାରିଯାଉଥିବାର ଆମ ଚାକର ଦେଖିଛି । ଏଥିରୁ ମୋର ଅନୁ-ମାନ ହେଉଛି, ସେ ଆଜ ରାତିରେ ପୁଣି ପ୍ରେତାତ୍ମା ସମ୍ବନ୍ଧ ପରାମର୍ଶ କରିବାକୁ ଯିବେ । ପ୍ରକୃତ ଘଟନା ଜାଣିବା ପାଇଁ ଏହାହିଁ ହେଉଛି ସୁବର୍ଣ୍ଣ ସୁଯୋଗ । ଦୟାକରି ଆପଣ ମୋତେ ସାହାଯ୍ୟ କରନ୍ତୁ ।"

ଅଫିସର କହିଲେ, 'ରାଜ୍ୟର ପ୍ରତ୍ୟେକ ଲୋକର ନିରାପତ୍ତା ନିମନ୍ତେ ସମାନ ଅଧିକାର ଅଛି । ନିଜର କର୍ତ୍ତବ୍ୟ ପାଳନ କରି-ବାରେ ମୁଁ ବୋଧହୁଏ କେବେ ତ୍ରୁଟି କରିନାହିଁ । ପରିଣାମ ଯାହା ହେଉ ପଛକେ ମୁଁ ଅବଶ୍ୟ ମୋର କର୍ତ୍ତବ୍ୟ କରିବି । ଗତଥର ଯେତେବେଳେ ଆପଣ ଆସିଥିଲେ, ସେତେବେଳେ ଅଗତ୍ୟା ମୋତେ ଆପଣଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିଥିଲା । କିନ୍ତୁ ଆପଣଙ୍କର ଆଜିକାର ଅନୁରୋଧ ନ୍ୟାୟସଂଗତ ଓ ଯୁକ୍ତିଯୁକ୍ତ । ବର୍ତ୍ତମାନ ଆଠଟା ସମୟ । ଦୁଇ ଘଣ୍ଟା ମଧ୍ୟରେ ଆପଣ ମୋ ଅଫିସକୁ ଆସିବେ । ବର୍ତ୍ତମାନ ପାଇଁ ଆପଣ କାହାକୁ କିଛି କହିବେ ନାହିଁ । ତେଣିକି ଯାହା କରିବାର କଥା ମୁଁ କରିବି ।'

ରାତି ଦଶଟାବେଳେ ଥାନା ହତାରୁ ଗୋଟିଏ ଗାଡ଼ି ବାହାରିଲା । ଏହାର ଦ୍ୱାର ବନ୍ଦଥିଲା । ଗାଡ଼ିଟି 'ସ' ଗ୍ରାମ ଅଭିମୁଖରେ ଯାଇ ଗ୍ରାମର ଅତି ନିକଟବର୍ତ୍ତୀ ଏକ ବୁଦୁବୁଦିକିଆ ଜଙ୍ଗଲ ପାଖରେ ଲୁଚିଲା । ଏଥିରୁ ଚାରିଜଣ ଲୋକ ବାହାରିଲେ; ଥାନାର ପୋଲିସ

Digitized by srujanika@gmail.com

ଅଫିସର, ଉକ୍ତ ଯୁବକ, ଜଣେ ପୋଲିସ ସର୍ଜେଣ୍ଟ ଓ ସାଦାପୋଷାକ-ଧାରୀ ଜଣେ ପୋଲିସ କର୍ମଚାରୀ ।

ଅଫିସର କହିଲେ, 'ପ୍ରଥମେ ଏ ସ୍ଥାନଟା ଭଲରୂପେ ଦେଖି-ନେବା ଦରକାର । ବର୍ତ୍ତମାନ ସମୟ ହେଉଛି ଏଗାରଟା । ଯେଉଁ-ମାନେ ପ୍ରେତାତ୍ମାକୁ ଆବାହନ କରିବେ, ସେମାନେ ରାତି ବାରଟା ପୂର୍ବରୁ ଆସିବାର ଆଶା ନାହିଁ । ତେଣୁ ସ୍ଥାନଟାକୁ ପରୀକ୍ଷା କରି ଆମର କର୍ମପନ୍ଥା ସ୍ଥିର କରିବା ପାଇଁ ଯଥେଷ୍ଟ ସମୟ ଅଛି ।'

ଚାରିଜଣଯାକ କବରଖାନାକୁ ଗଲେ । ଏହା ଗ୍ରାମର ଏକ ପ୍ରାନ୍ତରେ ସେହି ବନର ଖୁବ ନିକଟରେ ଅବସ୍ଥିତ । ଚାରିଆଡ ନିର୍ଜନ; କୌଣସି ଶବ୍ଦ ମଧ୍ୟ ନାହିଁ । କବରଖାନାର ଜଗୁଆଳି ମଧ୍ୟ ନଥିଲା । ତା ଘରର ଦରଜାରେ ତାଲା ପଡ଼ିଥିଲା । ହୁଏତ ସେ କେଉଁ ମଦଖଟିକୁ ଯାଇଥିଲା । କବରଖାନାର ଠିକ୍ ମଝିରେ ଗୋଟିଏ ଗୀର୍ଜାଘର ଥିଲା । ତାର ଦ୍ୱାରରେ ମଧ୍ୟ ତାଲା ପଡ଼ିଥିଲା ।

ପୋଲିସ ଅଫିସରଙ୍କ ଆଦେଶରେ ଯୁବକ ତାଙ୍କ ମାଆଙ୍କ କବର ଦେଖାଇଦେଲେ । ଅଫିସର ଏହି କବରର ଚାରିପାଖ ଭଲ-ରୂପେ ପରୀକ୍ଷା କରିନେଇ କହିଲେ, 'କବରର ଅବସ୍ଥିତି ଆମ ପକ୍ଷରେ ସୁବିଧାଜନକ ନୁହେଁ । ଏହା ପାଖରେ ଲୁଚି ରହିବା ପାଇଁ କିଛି ନାହିଁ ।'

ଏହି ସମୟରେ ସାଦାପୋଷାକଧାରୀ କର୍ମଚାରୀ ଜଣକ ଆସି କହିଲେ, 'ମୁଁ ଜଗୁଆଳିର ଘରେ ପଶିବାକୁ ଚେଷ୍ଟା କଲି । ଭାଗ୍ୟକୁ ଝରକାର ଗୋଟାଏ କାଚ ଭାଙ୍ଗିଥିଲା ଓ ସେଥିରେ ଖଣ୍ଡେ କାଗଜ ଲଗାହୋଇଥିଲା । ମୁଁ କାଗଜ କାଢ଼ିଦେଇ ସେଇବାଟେ ଭିତରକୁ ଗଲି । ଘର ଭିତରୁ ଗୀର୍ଜା ଘରର ଚାବି ନେଇଆସିଛି ।'
ଏହାପରେ ସେମାନଙ୍କର କାର୍ଯ୍ୟକ୍ରମ ସ୍ଥିର ହୋଇଗଲା । ଗୀର୍ଜାଘର

Digitized by srujanika@gmail.com

ଖୋଲି ପୋଲିସ ଅଫିସର ଓ ଯୁବକ ସେଥିରେ ରହିବା ପରେ କର୍ମଚାରୀ ଜଣକ ତାର ହାତର ତାଲା ବନ୍ଦ କରିଦେଲେ ଓ ଚାବିଟି ଜଗୁଆଳର ଘରେ ଯେଉଁଠାରେ ଥିଲା ସେହିଠାରେ ରଖିଦେଲେ । ଝରକାର ଭଙ୍ଗା ଅଂଶକୁ କାଗଜରେ ବନ୍ଦକରି ସେ ଚାଲି ଆସିଲେ । କନଷ୍ଟେବଲ ଓ ସର୍ଜେଣ୍ଟ କବରଖାନାର ବାହାରେ ଗୋଟିଏ ଖାଲ ଭିତରେ ଲୁଚି ରହିଲେ । ଦରକାର ପଡ଼ିଲେ ସେମାନେ ସାହାଯ୍ୟ କରିବାକୁ ଦଉଡ଼ି ଆସିବେ ।

ପ୍ରାୟ ସାଢ଼େଏଗାରଟା ବେଳକୁ କବରଖାନାର ଗୀର୍ଜା ପାଖରେ ମନୁଷ୍ୟର ପାଦ ଶବ୍ଦ ଶୁଣାଗଲା । ପୋଲିସ ଅଫିସର ଓ ଯୁବକ ଝରକା ପାଖକୁ ଆସି ରହିଲେ । ଗୀର୍ଜା ଭିତରେ ଘୋର ଅନ୍ଧାର ହୋଇଥିବାରୁ ସେମାନଙ୍କୁ କେହି ଦେଖିପାରିବାର ସମ୍ଭାବନା ନଥିଲା; ଅଥଚ ସେମାନେ ବାହାରର ଘଟନା ଦେଖି-ପାରିବାର ସୁବିଧା ଥିଲା । କିନ୍ତୁ ସେମାନେ ଯାହା ଆଶାକରିଥିଲେ ଠିକ୍ ତାର ବିପରୀତ ଘଟନା ଘଟିଲା ।

ହଠାତ୍ ଗୀର୍ଜା ଘରର ତାଲା ଫିଟିବାର ଶବ୍ଦ ଶୁଣାଗଲା । ସଙ୍ଗେ ସଙ୍ଗେ ପୋଲିସ ଅଫିସର ଓ ଯୁବକ ପୂଜାବେଦୀର ପଛରେ ଲୁଚିଗଲେ । ଦ୍ୱାର ଖୋଲି ଦୁଇଜଣ ଲୋକ ଗୀର୍ଜା ଭିତରେ ପ୍ରବେଶ କଲେ । ଦୁହିଁଙ୍କ ଭିତରୁ ଜଣେ ହେଉଛନ୍ତି ଯୁବକଙ୍କର ପିତା ଓ ଅନ୍ୟ ଜଣକ ରୋମାନ କାଥଲିକ ଧର୍ମଯାଜକ 'ପ' । ଜଣକ ହାତରେ ଗୋଟିଏ କଳା ଲଣ୍ଠନ ଥିଲା । ପୋଲିସ ଅଫିସର ଏଇ ପ୍ରଥମ ଥର ପାଇଁ ଏହି ଧର୍ମଯାଜକଙ୍କୁ ଦେଖିଲେ । ସେ ଡେଙ୍ଗା ଓ ପତଳା । ଆଖିଯୋଡ଼ିକ ବଡ଼ ବଡ଼ । ଭ୍ରୂଲତାର ଲୋମ ଗହଳିଆ ଓ ଅପେକ୍ଷାକୃତ ଲମ୍ବ । ବେଦୀ ଉପରେ କେତୋଟି ବତୀକାଠି ଥିଲା । ସେ ତାକୁ ଜାଳିଦେଇ ମୃତ ସ୍ତ୍ରୀଙ୍କ ଅତ୍ମାର

Digitized by srujanika@gmail.com

ଶାନ୍ତି ଉଦ୍ଦେଶ୍ୟରେ ପ୍ରାର୍ଥନା ସଙ୍ଗୀତ ଗାନ କଲେ । ସେତେବେଳେ ଯୁବକଙ୍କର ବୃଦ୍ଧ ପିତା ବେଦୀର ପାହାଚ ଉପରେ ଆଣ୍ଠୁ ମାଡ଼ି ରହିଥାନ୍ତି ।

ପ୍ରାର୍ଥନା ଶେଷରେ ଧର୍ମଯାଜକ ପବିତ୍ର ବାଇବେଲ୍ ଧରି ଧୀରେ ଧୀରେ ଗୀର୍ଜାରୁ ବାହାରକୁ ଗଲେ ଓ ବୃଦ୍ଧ ତାଙ୍କ ପଛେ ପଛେ ଚାଲିଲେ । ତାଙ୍କର ଗୋଟିଏ ହାତରେ ପବିତ୍ର ଜଳପାତ୍ର ଓ ଅନ୍ୟ ହାତରେ ବତି । ସେ ଦୁହେଁ ବାହାରକୁ ଚାଲିଯାଆନ୍ତେ ପୋଲିସ ଅଫିସର ଓ ଯୁବକ ଲୁଚିଥିବା ସ୍ଥାନରୁ ବାହାରି ପୁଣି ଝରକା ପାଖରେ ଲୁଚିରହି ବାହାରକୁ ଚାହିଁଲେ ।

ଧର୍ମଯାଜକ କବରକୁ ତିନିଥର ପ୍ରଦକ୍ଷିଣ କଲେ । ସରଳ ଅନ୍ଧବିଶ୍ୱାସୀ ବୃଦ୍ଧ ତାଙ୍କ ପଛେ ପଛେ ଗଲେ । ତାପରେ ସେ କବର ଆଗରେ ଛିଡ଼ାହୋଇ ବତିର କ୍ଷୀଣ ଆଲୋକରେ ବାଇ-ବେଲରୁ କେତୋଟି ସ୍ତୋତ୍ର ପାଠ କଲେ । ଏହା ପରେ ସେ କେତୋଟି କୁଣ୍ଠାରେ ପବିତ୍ର ଜଳପାତ୍ରରୁ ଜଳ ନେଇ କବର ଉପରେ ତିନିଥର ଛିଞ୍ଚିଦେଲେ । ସେଠାରୁ ବୃଦ୍ଧ ଓ ଧର୍ମଯାଜକ ଦୁହେଁ ଯାକ ଫେରିଆସି ଗୀର୍ଜାର ପାହାଚ ଉପରେ ଆଣ୍ଠୋଇ ବସିଲେ । ସେମାନଙ୍କର ମୁଖ କବରଆଡ଼କୁ ରହିଥାଏ । ଦୁହେଁ ଗୋଟିଏ ପ୍ରାର୍ଥନା ସଙ୍ଗୀତ ଗାଇଲେ । ସଙ୍ଗୀତ ଶେଷରେ ହଠାତ୍ ଧର୍ମଯାଜକ ଉଚ୍ଚପଡ଼ି ବିକୃତ ସ୍ୱରରେ ତିନିଥର ଉଚ୍ଚାରଣ କଲେ, 'ଆବିର୍ଭୂତ ହୁଅ, ଆବିର୍ଭୂତ ହୁଅ, ଆବିର୍ଭୂତ ହୁଅ ।'

ତାଙ୍କ ତୁଣ୍ଡରୁ କଥା ସରିବା ମାତ୍ରେ କବର ଉପରେ ଏକ ଘନ ଅନ୍ଧକାରମୟ ଧୂଆଁ ଦେଖାଦେଲା ଓ ଅଳ୍ପ ସମୟ ମଧ୍ୟରେ ଏହା ଏକ ମନୁଷ୍ୟର ଆକାର ଧାରଣ କଲା । ଶେଷରେ ଗୋଟିଏ

Digitized by srujanika@gmail.com

ଦୀର୍ଘ ଶ୍ୱେତକାୟ ଛାୟାମୂର୍ତ୍ତି କବର ଧାରରେ ଛିଡ଼ାହୋଇଗଲା । ଛାୟା ମୂର୍ତ୍ତିଟି ହାତ ବଢ଼ାଇ ସଙ୍କେତ ଦେଲା ।

ଧର୍ମଯାଜକ ପଚାରିଲେ, 'ତୁମେ କିଏ ?'

ଛାୟାମୂର୍ତ୍ତି ଉତ୍ତର କଲା, 'ଇହଲୋକରେ ମୋର ନାମ ଥିଲା ଆନାମେରିଆ ।' ଛାୟାମୂର୍ତ୍ତିର ସ୍ୱର ଗମ୍ଭୀର । ବୃଦ୍ଧ କାନ୍ଦ-ପକାଇଲେ ।

ଧର୍ମଯାଜକ—ମୋର କେତୋଟି ପ୍ରଶ୍ନ ପଚାରିବାକୁ ଅଛି । ତାର ଉତ୍ତର ଦେବ କି ?

ଛାୟା ମୂର୍ତ୍ତି—ଯେତେଦୂର ପାରେଁ ନିଶ୍ଚୟ ଉତ୍ତର ଦେବି ।

ଧର୍ମଯାଜକ—ଆମେ ତୁମର ଆତ୍ମାର ମୁକ୍ତି ନିମନ୍ତେ ପ୍ରାର୍ଥନା କରିଆସୁଛୁ । ଏହା ଫଳରେ ତୁମେ ନରକରୁ ମୁକ୍ତି ପାଇଲଣି କି ?

ଛାୟାମୂର୍ତ୍ତି—ନା, ଏ ପର୍ଯ୍ୟନ୍ତ ମୁକ୍ତି ପାଇନାହିଁ । ତେବେ ନିକଟଭବିଷ୍ୟତରେ ମୁକ୍ତି ପାଇବାର ଆଶା ଅଛି ।

ଧର୍ମଯାଜକ—କେବେ ? କେତେଦିନ ପରେ ?

ଛାୟାମୂର୍ତ୍ତି—ଯେତେବେଳେ ମୋର ସେ ଦୁଷ୍ଟ, ଧର୍ମଦ୍ରୋହୀ ନାସ୍ତିକ ପୁଅ ଦଣ୍ଡ ପାଇବ, ସେତେବେଳେ ମୋର ମୁକ୍ତି ହେବ ।

ଧର୍ମଯାଜକ—ସେ କଅଣ ଦଣ୍ଡ ପାଇନାହିଁ ? ପିତା ତାକୁ ସମ୍ପତ୍ତିର ଉତ୍ତରାଧିକାରିତ୍ୱରୁ ବଞ୍ଚିତ କରିଅଛନ୍ତି । ନିଜର ସମସ୍ତ ସମ୍ପତ୍ତି ଚର୍ଚ୍ଚକୁ ଲେଖିଦେଇଅଛନ୍ତି । ଆଉ କି ଦଣ୍ଡ ହୋଇପାରେ ?

ଛାୟାମୂର୍ତ୍ତି—କେବଳ ଉଇଲ କରିଦେଲେ ଯଥେଷ୍ଟ ହେଲ-ନାହିଁ । ସେ ଉକ୍ତ ଉଇଲକୁ ନେଇ ସରକାରରେ ରେଜିଷ୍ଟ୍ରି କରି-ଦିଅନ୍ତୁ । ପୁଅକୁ ତ୍ୟାଜ୍ୟପୁତ୍ର ବୋଲି ଲେଖିଦିଅନ୍ତୁ ଯେପରି କି ସେ ଏହି ଉଇଲ ବିରୁଦ୍ଧରେ ଭବିଷ୍ୟତରେ ଆପତ୍ତି କରିନପାରିବ ।

Digitized by srujanika@gmail.com

ଧର୍ମଯାଜକ— ଯାହା କହୁଛ, ଠିକଏ ବିଚାର କରି କହ । ଏପରି କରିବା କଅଣ ନିତାନ୍ତ ଦରକାର ?

ସ୍ଥପ୍ନାମୂର୍ତ୍ତି—ହଁ, ନିତାନ୍ତ ଦରକାର । ତାହା ନହେବାଯାଏ ମୁଁ ନରକର ଯନ୍ତ୍ରଣା ଭୋଗୁଥିବି ।

ହଠାତ୍ ପ୍ରେତାତ୍ମା ଚିତ୍କାର କରି ଉଠିଲା—ଭଗବାନ୍, ରକ୍ଷାକର । ଦୁଇ ତିନଥର ହୁଇସିଲ ବାଜିଉଠିଲା । ପୋଲିସ ଅଫିସର ବାହାରିପଡ଼ି ଧର୍ମଯାଜକଙ୍କୁ ଧରି କହିଲେ, ତୁମକୁ ଗିରଫ କରାଗଲା ।

ଏଥି ମଧ୍ୟରେ ସର୍ଜେଣ୍ଟ ଓ କନଷ୍ଟେବଲ କବରଖାନାକୁ ଆସି-ଯାଇଥିଲେ । ସେ ଦୁହେଁ ଦୁଇ ପାଖରୁ ପ୍ରେତାତ୍ମାକୁ ଧରି ଟାଣି-ଆଣିଲେ । ଦେଖିଲେବେଳକୁ ଏ ପ୍ରେତାତ୍ମା ହେଉଛି କବରଖାନାର ଜଗୁଆଳି । ସେ ଗୋଟାଏ ହୁଗୁଳା ଧଳା ପୋଷାକ ପିନ୍ଧିଥାଏ । ମୁହଁରେ ଗୋଟାଏ ଧଳା ରଙ୍ଗର ମୁଖା । ଯୁବକ କହିଲେ ଯେ ମୁଖାଟି ଠିକ୍ ତାଙ୍କ ମାଆଙ୍କ ମୁହଁ ପରି ହୋଇଛି ।

ମକଦ୍ଦମାର ବିଚାରବେଳେ ପ୍ରମାଣିତ ହେଲା ଯେ, ମୃତ ମହିଳାଙ୍କ ଛବିରୁ ଜଣେ କାରିଗରଦ୍ୱାରା ମୁଖାଟିକୁ ଧର୍ମଯାଜକ ତିଆରି କରାଇଥିଲେ । ସାଧାରଣ ବିଚାରକଙ୍କର ଧର୍ମଯାଜକଙ୍କ ଅପ-ରାଧ ବିଚାର କରିବାର ଅଧିକାର ନଥିବାରୁ ଧର୍ମଯାଜକଙ୍କୁ ଚର୍ଚ୍ଚର କର୍ତ୍ତାମାନଙ୍କ ହାତରେ ଅର୍ପଣ କରାଗଲା । ଧର୍ମଯାଜକଙ୍କୁ ଏକ ମଠରେ ବନ୍ଦୀ କରାଗଲା । କବରଖାନାର ଜଗୁଆଳି ମଧ୍ୟ ଦଣ୍ଡ ପାଇଲା ।

ଧର୍ମଯାଜକଙ୍କର ପ୍ରତାରଣା ସଦାରେ ପଡ଼ିଯିବା ଫଳରେ ପିତା ପୁତ୍ରଙ୍କର ପୁନର୍ମିଳନ ହେଲା । ପିତା ଅନ୍ଧବିଶ୍ୱାସ ତ୍ୟାଗକରି ପ୍ରୋଟେଷ୍ଟାଣ୍ଟ ଧର୍ମମତ ଗ୍ରହଣ କଲେ ଓ ପୁତ୍ର ତାଙ୍କର ଅନୁଗତ ରହିଲେ ।

Digitized by srujanika@gmail.com

ପ୍ରତିଶୋଧ

"ମୁଁ ମୋର ସ୍ତ୍ରୀକୁ ଛାଡ଼ପତ୍ର ଦେବା ପରେ ଏବେ କାନେ୍‌ସ ସହରରେ ରହୁଛି । ସ୍ତ୍ରୀକୁ ତ୍ୟାଗ କରିଥିବା ଅବସ୍ଥାରେ ଯେ କି ଆନନ୍ଦ ଏବେ ତାହା ମୁଁ ବେଶ ବୁଝିପାରୁଛି । ପାରିସରେ ନିଜ ଘରେ ଥିଲିବେଳେ ମୁଁ ତାହା ଅନୁଭବ କରିପାରିନଥିଲି । ଘର-ଠାରୁ ଦୂରକୁ ଚାଲିଗଲେ ମନରେ ଗୋଟାଏ ପରିବର୍ତ୍ତନ ଆସେ, ଏଥିରେ ସନ୍ଦେହ ନାହିଁ । ସେ କଥା ଥାଉ; ମୁଁ ଶପଥ କରି କହି-ପାରେଁ, ପୁନର୍ବିବାହ କରିନଥିବାରୁ ମୋ ମନରେ ଆଦୌ ଦୁଃଖ ନଥିଲି ।

ମୁଁ ଯେ ଆଦୌ ବିବାହ କରିନଥିଲି, ତାହା ନୁହେ । ମୋର ଗୋଟାଏ ସ୍ତ୍ରୀ ଥିଲି ; କିନ୍ତୁ ଏବେ ସେ ମୋର ସ୍ତ୍ରୀ ନୁହେ । ସେ ଅନ୍ୟ ଜଣକୁ ବିବାହ କରିଛି ; ତେଣୁ ସେ ତାର ସ୍ତ୍ରୀ ।

ମୋର ସ୍ତ୍ରୀକୁ ଯେ ବିବାହ କରିଛି, ସେ ମୋ ପରି କି ମୋ ଠାରୁ ବେଶୀ ସୁଖୀ କହିପାରିବିନାହିଁ । ତେବେ ମୋତେ ଛାଡ଼-ଯିବା ପରେ ତାକୁ ଯିଏ ବିବାହ କରିଛି, ସେ ନିଶ୍ଚୟ ନିର୍ବୋଧ ହୋଇଥିବ । ମୋତେ ସ୍ୱୀକାର କରିବାକୁ ହେବ ଯେ ମୁଁ ପ୍ରଥମେ ତାକୁ ବିବାହ କରି କମ ନିର୍ବୋଧତାର ପରିଚୟ ଦେଇନାହିଁ । ତାର ସପକ୍ଷରେ କେତେକ କଥା କୁହାଯାଇପାରେ—ତାର ରୂପଟି ଅତି ସୁନ୍ଦର, ଏତେ ସୁନ୍ଦର ଯେ ଦେଖିଲି ମାତ୍ରେ ଆଖି ଲାଖି ରହିବ । କିନ୍ତୁ ତାର ଚରିତ୍ରଗତ ଦୋଷ ଥିଲି ।

Digitized by srujanika@gmail.com

ଓଃ ! ସେ କି ଭୀଷଣ ମିଥ୍ୟା କହିପାରେ ? କିପରି ପୁରୁଷ-ମାନଙ୍କୁ ଭୁଲାଇପାରେ ? ନିଜର ସ୍ୱାମୀ ଛଡ଼ା ଅନ୍ୟ ପୁରୁଷମାନେ ତାହାପ୍ରତି ଆକୃଷ୍ଟ ହେଉଥିଲେ । ତେବେ ସେ କିଅଣ ମୋ ପ୍ରତି ବିଶ୍ୱାସଘାତକତା କରିଥିଲା ? ଏହି ପ୍ରଶ୍ନର ଉତ୍ତର ଜାଣିବାପାଇଁ ମୁଁ କେତେ ଦିନ, କେତେ ରାତି ଚିନ୍ତାରେ କଟାଇଥିଲି, କିନ୍ତୁ କୌଣସି ସ୍ଥିରସିଦ୍ଧାନ୍ତରେ ପହଂଚି ପାରିନଥିଲି ।

ତାର ଗତିବିଧି ଲକ୍ଷ୍ୟକରିବା ପାଇଁ ମୁଁ କେତେ କୌଶଳର ଆଶ୍ରୟ ନେଇନଥିଲି ? କିନ୍ତୁ କିଛି ଜାଣିପାରିନଥିଲି । ପୂର୍ବପରି କେବଳ ମୋର ସନ୍ଦେହ ରହିଥିଲା । ଯାହା ହେଉ, ମୋର ସ୍ତ୍ରୀ ବିଶ୍ୱାସଘାତିନୀ ବୋଲି ମୋର କିପରି ଗୋଟାଏ ଧାରଣା ଜନ୍ମି-ଥିଲା । ମୁଁ ଏବେ ଏପରି ସ୍ତ୍ରୀର ସ୍ୱାମୀ ନୁହେ ; ଏହାହିଁ ମୋ ପକ୍ଷରେ ଆନନ୍ଦର ବିଷୟ । ତାହା ସହିତ ମୋର ବିବାହବନ୍ଧନ ଛିନ୍ନ କରିବା ପାଇଁ ମଧ୍ୟ ମୋତେ କିଛି ବିଶେଷ କଷ୍ଟ ଭୋଗିବାକୁ ପଡ଼ି-ନଥିଲା । ଦଶ ଫ୍ରାଙ୍କର ଗୋଟିଏ ଘୋଡ଼ା କୋରଡ଼ା ଓ ତାହାଣ ହାତର ସାମାନ୍ୟ ପରିଶ୍ରମ । ବେଶ ଏତିକରେ କାମ ଶେଷ । ଗୋଟିଏ ବିଶ୍ୱାସଘାତିନୀ ରମଣୀକୁ ଦୂର କରିଥିବା ହେତୁ ମନର ସେ କି ଅପୂର୍ବ ଆନନ୍ଦ !

ଓଃ ! ସେଦିନ ତାକୁ କି ଭୀଷଣ ପ୍ରହାର ଦେଇନଥିଲି ?"

ଏହିପରି ଚିନ୍ତା କରି କରି ମିଃ ଗାରେଲ ଉଠିପଡ଼ି କିଛି ସମୟ ପଦଚାରଣ କଲାପରେ ପୁଣି ବସିପଡ଼ିଲେ । ସେ ଭାବିବାକୁ ଲାଗିଲେ—

"ଅବଶ୍ୟ ବିଚାରକ ମୋ ବିରୁଦ୍ଧରେ ରାୟ ଦେଲେ । ତାର ଜୟ ହେଲା ; କିନ୍ତୁ ସେ ସେଉଁ ପ୍ରହାର !

Digitized by srujanika@gmail.com

ମୁଁ ଏବେ ଦକ୍ଷିଣାଞ୍ଚଳରେ ଶୀତ ଋତୁଟା କଟାଇବା ପାଇଁ ଆସିଛି । ମୁଁ ପୁଣି ଅବିବାହିତ । ତେଣୁ ମୋର ଆନନ୍ଦ । ଅଃ, ମୋର କେଡ଼େ ଭାଗ୍ୟ । ସହରର ଯେ କୌଣସି ଅଂଶରେ ଜଣେ ନୂତନ ପ୍ରଣୟିନୀ ପାଇବା ଆଶାରେ ଦେଶ ଭ୍ରମଣ କରିବାରେ ବେଶ ଆନନ୍ଦ ଅଛି । ଏଇ ହୋଟେଲରେ କି ହାଇସେଟ ବଜାରରେ କି ଏଇ ଗଳି ଭିତରେ ଜଣକୁ ଭେଟିପାରିବି କି ? ଯିଏ ମୋତେ ପ୍ରେମ ଦେଇପାରିବ, ଯାହାକୁ ମୁଁ ପ୍ରେମ କରିପାରିବି ! କାହିଁ, ସେ କେଉଁଠି ? ତାର ଆଖି, ତାର ଅଧର, ତାର ମଥାର କେଶ, ତାର ହସ କିପରି ହୋଇଥିବ ? ଯିଏ ପ୍ରଥମେ ଆସି ମୋତେ ଚୁମ୍ବନ ଦେବ ସେ ଦେଖିବାକୁ କିପରି ହୋଇଥିବ ? ତାର ବର୍ଣ୍ଣ ଚମ୍ପା ଫୁଲ ପରି ଗୌର ହୋଇଥିବ କି ଅପରାଜିତା ପରି ନୀଳାଭ ହୋଇଥିବ ? ମୋଠାରୁ ଉଚ୍ଚ ହୋଇଥିବ କି ସାନ ହୋଇଥିବ ? ତାର ମୁହଁ ଗମ୍ଭୀର ଦିଶୁଥିବ କି ହସ ହସ ହୋଇଥିବ ? ତାର ଶରୀର ସ୍ଥୂଳ ହୋଇଥିବ କି କ୍ଷୀଣ ହୋଇଥିବ ?

ଭବିଷ୍ୟତସୁଖର ଆଶାରେ ଯେ କେତେ ଆନନ୍ଦ ମିଳେ, ତାହା ଯେଉଁମାନେ ଜାଣନ୍ତି ନାହିଁ, ସେମାନେ କୃପାର ପାତ୍ର । ମୋର ଯିଏ ପ୍ରକୃତ ପ୍ରଣୟିନୀ ସେ ମୋର ଅପରିଚିତା; ସେ ଆଶା-ସ୍ଥୀର ଆଶା । ମୁଁ ଚର୍ମଚକ୍ଷୁରେ ତାର ରୂପ ଦେଖିନାହିଁ; କିନ୍ତୁ ସେ ଅହରହ ମୋର ଅନ୍ତରରେ ବିରାଜିତ ; ତାର ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । କାହିଁ ମୋର ସେହି ପ୍ରଣୟିନୀ ! ଏଇ ହୋଟେଲରେ ? ପାଖରେ ନା ଦୂରରେ ? ଏହି ଦୁଆର ପଛରେ ଅଛି କି ? ଏଇ ଘରର କୌଣସି କୋଠରୀରେ ଅଛି କି ? ସେ ଯେଉଁଠାରେ ଥାଉ, ସେଥିରେ ମୋର କିଛି ଯାଏ ଆସେ ନାହିଁ । ଯେତେ ଦିନ ପର୍ଯ୍ୟନ୍ତ ମୁଁ ତାକୁ ଆଶା କରି ରହିଥିବି, ତାକୁ ଦେଖିବି ବୋଲି ବିଶ୍ୱାସ

Digitized by srujanika@gmail.com

କରୁଥିବ, ସେତେ ବିନଯାଏ ସେ ଯେଉଁଠାରେ ଥିଲେ ମଧ୍ୟ ଚିନ୍ତା ନାହିଁ । ଆଜି ହେଉ, କାଲି ହେଉ, ଏ ସପ୍ତାହରେ ହେଉ ବା ତାହା ପର ସପ୍ତାହରେ ହେଉ, ସଅଳ ହେଉ ବା ବିଳମ୍ବରେ ହେଉ ତାହା ସଙ୍ଗେ ମୋର ନିଶ୍ଚୟ ଭେଟ ହେବ । ମୁଁ ତାକୁ ଖୋଜି ପାଇବି, ଏହା ନିଃସନ୍ଦେହ ।

ପ୍ରଥମ ଆଲିଙ୍ଗନରେ, ପ୍ରଥମ ଚୁମ୍ବନରେ, ଅଜ୍ଞାତର ଆବିଷ୍କାରରେ, କୌମାର୍ଯ୍ୟକୁ ପରାଜିତ କରିବାର ପ୍ରଥମ ଅବସରରେ ପ୍ରେମିକ ଯେଉଁ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରିଥାଏ, ତାହା ମୁଁ ଅନୁଭବ କରିବି । କୁମାରୀର ଅବଗୁଣ୍ଠନକୁ ପ୍ରଥମଥର ପାଇଁ ଉନ୍ମୋଚନ କରିବାରେ ଯେଉଁ ଅପୂର୍ବ ସ୍ପନ୍ଦନ ଅନୁଭୂତ ହୁଏ, ତାହା ଯେ ନ ଜାଣେ ସେ ନିତାନ୍ତ ନିର୍ବୋଧ । ଯେଉଁମାନେ ବିବାହ କରନ୍ତି, ସେମାନେ ନିଶ୍ଚୟ ହତଭାଗ୍ୟ...... । ସେହି ଅବଗୁଣ୍ଠନ ବାରମ୍ବାର ଉନ୍ମୋଚନ କରିବା ଉଚିତ ନୁହେଁ ।"

ଏହି ସମୟରେ ବାରଣ୍ଡାର ଅପରପ୍ରାନ୍ତରେ ଜଣେ ରମଣୀ ଦେଖାଗଲେ । ତାଙ୍କର ଶରୀର କ୍ଷୀଣ, କଟି କ୍ଷୀଣତର; ସମସ୍ତ ଶରୀର ସୁସଜ୍ଜିତ । ତାଙ୍କୁ ଦେଖି ମି: ଗାରେଲ କହିଉଠିଲେ, "ଏଇ ଯେ ଜଣେ ସ୍ତ୍ରୀଲୋକ । ତାକୁ ଧିକ୍ । ଗଢ଼ଣଟି ତ ସୁନ୍ଦର ! ଢଙ୍ଗ ମନ୍ଦ ନୁହେଁ । ଆଚ୍ଛା, ତାର ମୁହଁଟି ଦେଖାଯାଉ ।"

ମି: ଗାରେଲ ଟୋଟାଏ ଆରାମଚଉକିରେ ବସିପଡ଼ିଲେ । କିଛିସମୟ ପରେ ନାରୀମୂର୍ତ୍ତିଟି ତାଙ୍କ ପାଖଦେଇ ଚାଲିଗଲା । କିନ୍ତୁ ଯିବାବେଳେ ତାଙ୍କଆଡ଼କୁ ଟିକିଏ ହେଲେ ଚାହିଁଲାନାହିଁ ।

ମି: ଗାରେଲ ନିଜକୁ ନିଜେ କହିଲାପରି କହିଲେ, "ଛିଃ ! ଛିଃ ! ଏ ଯେ ମୋର ସ୍ତ୍ରୀ ! ମୋର ସ୍ତ୍ରୀ । ନା, ନା, ମୋର ସ୍ତ୍ରୀ ନୁହେଁ; ଟ୍ରେଭରର ସ୍ତ୍ରୀ । ଯାହାହେଉ, ଖୁବ୍ ସୁନ୍ଦରୀ ।

Digitized by srujanika@gmail.com

ଏ କଅଣ ? ପୁଣି ଥରେ ତାକୁ ଦେଖିବାପାଇଁ ମୋର ମନ ହେଉଛି କି ? ଆଚ୍ଛା, ଦେଖାଯାଉ । ସେ ତ ବସି ଗୋଟାଏ ଉପନ୍ୟାସ ପଢ଼ିଲାଣି । ମୁଁ ତଳେ ଶୋଇପଡ଼ି ଦେଖେଁ ।

ମୋର ସ୍ତ୍ରୀ । ହେଃ, ଏକଥା ଭାବିଲାକ୍ଷଣି ମୋର ଉପର ଗୋଟାଏ ବିଚିତ୍ର ଅନୁଭୂତି ଆସୁଛି । ମୋର ସ୍ତ୍ରୀ ! ବର୍ଷେ ହେଲାଣି— ନା, ନା, ବର୍ଷକରୁ ବେଶି ହେଲାଣି ସେ ମୋର ସ୍ତ୍ରୀ ହୋଇ ନାହିଁ ।

ହଁ, ତାର ଦେହଟି ସୁନ୍ଦର । ଗୋଡ଼ ଯୋଡ଼କର ଗଢ଼ଣ କି ଚମତ୍କାର ! ଭାବିଲା ବେଳକୁ ମୋର ଦେହରେ ସ୍ପନ୍ଦନ ଆସୁଛି । ଆଉ ତାର ବକ୍ଷ ! ତାର ଉରଜ ଦୁଇଟିର ତୁଳନା ନାହିଁ । ଏ ହେଉଛି, ବିଧାତାଙ୍କ ଗଠନକୌଶଳର ପରିପୂର୍ଣ୍ଣ ପରାକାଷ୍ଠା । ମନେ-ପଡ଼ୁଛି, ଶରୀରର ବିକାଶ ପାଇଁ ଆମେ ସ୍କୁଲରେ ଡ୍ରିଲ କରୁଥିଲୁ । ଲେଫ୍ଟ ରାଇଟ, ଲେଫ୍ଟ ରାଇଟ । ଲେଫ୍ଟ କୁହ ବା ରାଇଟ କୁହ, ତାର ପ୍ରତ୍ୟେକ ଉରଜ ଅଦ୍ୱିତୀୟ ।

କିନ୍ତୁ ତାର ଚରିତ୍ର ବିଷୟ ଭାବିଲା ବେଳକୁ ମନରେ ଆତଙ୍କ ଜନ୍ମେ ।

ତାର କେହି ପ୍ରେମିକ ଥିଲେ କି ? ଏହି ସନ୍ଦେହ ହେତୁ ମୁଁ କି ଘୋର ଯନ୍ତ୍ରଣା ଭୋଗିଛି ? ଏବେ କଏ ପଚାରେ ? ମୁଁ ଏବେ ଲବମାତ୍ର ସେ ବିଷୟ ଚିନ୍ତା କରୁନାହିଁ ।

ସେ ଶୋଇବାକୁ ଗଲାବେଳେ ଏପରି ଦିଶୁଥିଲା ଯେ ତାହା-ଠାରୁ ସୁନ୍ଦରୀ ରମଣୀ ମୁଁ କଳ୍ପନା ସୁଦ୍ଧା କରିପାରୁନଥିଲି । ବିଛଣା ଉପରକୁ ଯାଇ ଗୁଡ଼ିକ ଘୋଡ଼ି ହୋଇ ତାର ଶୋଇବାର ଠାଣିରେ ଗୋଟାଏ ସ୍ୱାତନ୍ତ୍ର୍ୟ ଥିଲା; ଯାହାକି ମୁଁ ଅନ୍ୟ କାହାଠାରେ ଦେଖିନାହିଁ ।

Digitized by srujanika@gmail.com

ଓଃ ! ଭାବୁ ଭାବୁ ମୁଁ ଯେ ପୁଣି ତାର ପ୍ରେମରେ ପଡ଼ିବାକୁ ବସିଛି...... ।

ମନେକର, ମୁଁ ତା ସଙ୍ଗେ କଥାବାର୍ତ୍ତା ହେବ । କିନ୍ତୁ ମୁଁ ତାକୁ କଅଣ କହିବ ?

ସେ ମୋଠାରୁ ଯେଉଁ ପ୍ରହାର ପାଇଥିଲା, ସେଥିପାଇଁ ସେ ହୁଏତ ମୋତେ ଦେଖିଲାକ୍ଷଣି ଚିତ୍କାର କରି ଉଠିବ । ଓଃ, ସେ କି ପ୍ରହାର ! ବୋଧହୁଏ ମୁଁ ତା ପ୍ରତି ନିତାନ୍ତ ନିର୍ଦ୍ଦୟ ବ୍ୟବହାର କରିଥିଲି ।

ମୁଁ ତା ସଙ୍ଗେ କଥାବାର୍ତ୍ତା କଲେ ବେଶ୍ ମଜା ହେବ । ବରଂ ଏଥିରେ ମୋର ବାହାଦୁରୀ ପ୍ରକାଶ ପାଇବ । ଆଚ୍ଛା, ମୁଁ ଯାଇ ତା ସଙ୍ଗେ କଥାବାର୍ତ୍ତା କରେଁ; ହୁଏତ ମୁଁ ଭଲକରି କହିଲେ...... । ଆଚ୍ଛା, ଦେଖାଯାଉ... ।”

ରମଣୀ ଉପନ୍ୟାସ ପଢ଼ିବାରେ ମଜ୍ଜିଯାଇଛନ୍ତି । ମି: ଗାରେଲ ତାଙ୍କର ନିକଟବର୍ତ୍ତୀ ହୋଇ କୋମଳ ସ୍ୱରରେ କଥା ଆରମ୍ଭ କଲେ ।

ମି: ଗାରେଲ୍—ଭଦ୍ରେ, ମୋତେ ସ୍ମରଣ କରିପାରୁଛନ୍ତି ?

ମିସେସ୍ ଚନ୍ଦ୍ରେଭର ବହି ଉପରୁ ହଠାତ୍ ମୁହଁ ଟେକି ଚିତ୍କାର କରି ପଳାଇବାକୁ ବସିଲେ । ମି: ଗାରେଲ ତାଙ୍କ ଆଗରେ ଛିଡ଼ା ହୋଇଯାଇ ତାଙ୍କ ପଥରୋଧ କଲେ ।

ମି: ଗାରେଲ—ଭଦ୍ରେ ! ଆପଣଙ୍କର ମୋତେ ଭୟ କରି-ବାର କୌଣସି କାରଣ ନାହିଁ । ମୁଁ ତ ଆଜ ଆପଣଙ୍କର ସ୍ୱାମୀ ନୁହେ ।

ମିସେସ୍ ଚନ୍ଦ୍ରେଭର—ଓଃ ! ତୁମର ଦୁଃସାହସ କମ୍ ନୁହେ । ଯାହାସବୁ ଘଟିଯାଇଛି, ତାହା ପରେ ତୁମେ କିପରି... ?

Digitized by srujanika@gmail.com

ମିଃ ଗାରେଲ—ମୁଁ ଦୁଃସାହସ କରୁଛି ? ନା, ନା, ଆଦୌ ଦୁଃସାହସ ନୁହେଁ । ଦେଖନ୍ତୁ,···ଆପଣ ଯାହାକହୁଛି ମନେକରି-ପାରନ୍ତି···କିନ୍ତୁ ଆପଣଙ୍କୁ ଦେଖିଲା ମାତ୍ରେ ଆପଣଙ୍କ ପାଖକୁ ଆସି କିଛି ନକହିବା ମୋ ପକ୍ଷରେ ଅସମ୍ଭବ ବୋଧ ହେଲା ।

ମିସେସ୍ ଟିନ୍ତେଭର—ଆଶାକରେଁ ତୁମର ଏ ପ୍ରହସନ ଏତିକରେ ଶେଷ ହେଲା ।

ମିଃ ଗାରେଲ—ଏଥିରେ ଲବ ମାତ୍ର ପ୍ରହସନ ନାହିଁ । ନିଘଟ ସତ୍ୟ କଥା କହୁଛି ।

ମିସେସ୍ ଟିନ୍ତେଭର—ଯଦି ପ୍ରହସନ ହୋଇନଥାଏ, ତେବେ ମୁଁ ନିଶ୍ଚିତ ରୂପେ କହିପାରେଁ, ଏହା ତୁମର ଚରମ ଔଦ୍ଧତ୍ୟ । ଯେଉଁ ପୁରୁଷ ତାର ସ୍ତ୍ରୀକୁ ପ୍ରହାର କରିପାରେ, ସେ ଯେକୌଣସି କାର୍ଯ୍ୟ କରିବାକୁ କୁଣ୍ଠିତ ହେବ ନାହିଁ ।

ମିଃ ଗାରେଲ—ଭଦ୍ରେ, ଆପଣ ଅତି କଠୋର ହେଉଛନ୍ତି । ଦିନେ କ୍ରୋଧବଶତଃ ମୁଁ ଗୋଟାଏ କିଛି କରିପକାଇଥିଲି । ସେଥି-ଲାଗି ଆଜି ମୋତେ ଅପମାନ ଦେବା ଉଚିତ ନୁହେଁ । ସେଦିନର ଘଟଣା ଲାଗି ମୁଁ ନିତାନ୍ତ ଅନୁତପ୍ତ । କିନ୍ତୁ ଆଜି ମୁଁ ଆଶା କରି-ଥିଲି, ଆପଣ ମୋତେ ଧନ୍ୟବାଦ ଦେବେ ।

ମିସେସ୍ ଟିନ୍ତେଭର—କଅଣ ? ଧନ୍ୟବାଦ ଦେଇଥାନ୍ତି ? ତୁମେ ନିଶ୍ଚୟ ପାଗଳ । ନଚେତ୍ ତୁମେ ମୋ ସଙ୍ଗେ ଗୋଟାଏ ହୀନ ପରିହାସ କରିବାକୁ ଆସିଛ ।

ମିଃ ଗାରେଲ—ଆଦୌ ତାହା ନୁହେଁ । ଆପଣ ମୋତେ ବୁଝିପାରୁନାହାନ୍ତି ; ମୋର ପ୍ରକୃତ ଉଦ୍ଦେଶ୍ୟ ନ ବୁଝିଲେ ଆପଣ ପରେ ଦୁଃଖ ପାଇବେ ।

Digitized by srujanika@gmail.com

ମିସେସ୍ ଚନ୍ଦ୍ରେଭର – ତୁମ କହିବାର ଉଦ୍ଦେଶ୍ୟ କଅଣ ?

ମି: ଗାରେଲ୍—ଶୁଣନ୍ତୁ ; ମୋ ପରିବର୍ତ୍ତିରେ ଆପଣ ଯାହାଙ୍କୁ ବିବାହ କରିଅଛନ୍ତି, ତାଙ୍କୁ ଘେନି ଯଦି ଆପଣ ସୁଖରେ ଥାଆନ୍ତି ତେବେ ମୋତେ ଆପଣ ଧନ୍ୟବାଦ ଦେବାର କଥା ; କାରଣ ମୋର ସାମୟିକ ଦୁର୍ବ୍ୟବହାର ଯୋଗୁ ହିଁ ତାଙ୍କ ସହିତ ଆପଣଙ୍କର ବିବାହ ସମ୍ଭବ ହୋଇପାରିଅଛି ।

ମିସେସ୍ ଚନ୍ଦ୍ରେଭର—ତୁମର ଉପହାସ ଅତିରିକ୍ତ ହୋଇ ପଡ଼ୁଛି । ଅନୁଗ୍ରହ କରି ମୋ ପାଖରୁ ଚାଲିଯାଅ ।

ମି: ଗାରେଲ—ଭଦ୍ରେ, ଟିକିଏ ଚିନ୍ତା କରି ଦେଖନ୍ତୁ । ମୁଁ ଯଦି ସେଦିନ ଆପଣଙ୍କୁ ପ୍ରହାର କରିବାଭଳି କୁକାର୍ଯ୍ୟ କରିନଥାନ୍ତି, ତେବେ ଆମ ଦୁହିଁଙ୍କର ଜୀବନ ଏ ପର୍ଯ୍ୟନ୍ତ ଦୁଃଖମୟ ହୋଇ ରହିଥାନ୍ତା ।

ମିସେସ୍ ଚନ୍ଦ୍ରେଭର—ତାହାହେଲେ ତୁମେ ମୋର ଖୁବ ଉପକାର କରିଥିଲ, ନା ?

ମି: ଗାରେଲ—ହଁ କରିଥିଲି । କରିନଥିଲି କିପରି ? କିନ୍ତୁ ସେହି ଉପକାର ପାଇଁ ଆପଣ ମୋ ପ୍ରତି ଏହା ଅପେକ୍ଷା ଭଲ ବ୍ୟବହାର ଦେଖାଇବା ଉଚିତ ଥିଲା ।

ମିସେସ୍ ଚନ୍ଦ୍ରେଭର—ହୁଏତ ଉଚିତ ଥିଲା; କିନ୍ତୁ ତୁମର ମୁହଁ ଦେଖିଲାକ୍ଷଣି ମୋର ବିରକ୍ତି ଆସୁଛି ।

ମି: ଗାରେଲ—କିନ୍ତୁ ଆପଣଙ୍କ ମୁହଁ ବିଷୟରେ ମୁଁ କଦାପି ସେପରି କହିପାରିବିନାହିଁ ।

ମିସେସ୍ ଚନ୍ଦ୍ରେଭର—ତୁମେ ଆଜି ମୋର ଯେଉଁ ପ୍ରଶଂସା କରୁଛ, ତାକୁ ମଧ୍ୟ ମୁଁ ତୁମର ପାଶବିକ ବ୍ୟବହାରଭଳି ଘୃଣା କରୁଛି ।

Digitized by srujanika@gmail.com

ମି: ଗାରେଲ୍—ତେବେ ମୁଁ ବର୍ତ୍ତମାନ କଅଣ କରିବ କହନ୍ତୁ। ଆପଣଙ୍କୁ ପ୍ରହାର କରିବାର ଅଧିକାର ମୋର ଏବେ ନାହିଁ। ତେଣୁ ମୁଁ ଆପଣଙ୍କୁ ସନ୍ତୁଷ୍ଟ କରିବାକୁ ବାଧ୍ୟ।

ମିସେସ୍ ଚନ୍ଦ୍ରେଭର—ବେଶ୍। ଅନ୍ତତଃ ଏତେବେଳକୁ ତୁମେ ଠିକ୍‌କଥା କହିଲ। କିନ୍ତୁ ପ୍ରକୃତରେ ଯଦି ମୋତେ ସନ୍ତୁଷ୍ଟ କରିବାକୁ ତୁମର ଇଚ୍ଛା ଥାଏ, ତେବେ ମୋ କଥା ମାନି ଏଠାରୁ ଚାଲିଯାଅ।

ମି: ଗାରେଲ୍—ଏବେସୁଦ୍ଧା ମୁଁ ଆପଣଙ୍କୁ ସେତେଦୂର ସନ୍ତୁଷ୍ଟ କରିବାକୁ ପ୍ରସ୍ତୁତ ହୋଇପାରିନାହିଁ।

ମିସେସ୍ ଚନ୍ଦ୍ରେଭର—ତେବେ ତୁମେ କଅଣ ଚାହଁ ?

ମି: ଗାରେଲ୍—ଯଦି ମୁଁ ଆପଣଙ୍କପ୍ରତି ଅନ୍ୟାୟ କରିଥାଏଁ ତେବେ ସେଥିପାଇଁ ପ୍ରାୟଶ୍ଚିତ୍ତ କରିବାପାଇଁ ମୁଁ ପ୍ରସ୍ତୁତ।

ମିସେସ୍ ଚନ୍ଦ୍ରେଭର—କଅଣ ? ପୁଣି 'ଯଦି' ? ଯଦି ଅନ୍ୟାୟ କରିଥାଅ ? ତୁମେ ପାଗଳ। ତୁମେ ମୋତେ ନିର୍ଦ୍ଦୟଭାବରେ ପ୍ରହାର କଲ। ବୋଧହୁଏ ତୁମର ମୋପ୍ରତି ଏପ୍ରକାର ବ୍ୟବହାର ଉପଯୁକ୍ତ ବୋଲି ମନେକରୁଛ।

ମି: ଗାରେଲ୍—ସମ୍ଭବତଃ ମୋର ସେହିପ୍ରକାର ଧାରଣା ଥିଲା।

ମିସେସ୍ ଚନ୍ଦ୍ରେଭର—କଅଣ କହିଲ ? ତୁମର ଏଭଳି ଧାରଣା ଥିଲା ?

ମି. ଗାରେଲ୍—ହଁ ଭଦ୍ରେ ! ଆଚ୍ଛା କହନ୍ତୁ, ମୁଁ ଜଣେ ବିଶ୍ୱାସଘାତିନୀ ରମଣୀର ସ୍ୱାମି ଥିଲି କି ନା ? ଏହାହିଁ ହେଉଛି ପ୍ରଧାନ ପ୍ରଶ୍ନ। ଯାହା ହେଉ ନା କାହିଁକି ଆପଣ ପ୍ରହାରକଷ୍ଟ ଭୋଗିଲେ, ଦୁଃଖ ପାଇଲେ···

Digitized by srujanika@gmail.com

ମିସେସ୍ ଶନ୍ରେଭର—ତୁମେ ମୋତେ ଅପମାନ ଦେଉଛ ।

ଏତକ କହି ସେ ଉଠିଯିବାକୁ ବାହାରିଲେ ।

ମି: ଗାରେଲ୍—ମୋ କଥା ଆଉ ଟିକଏ ଶୁଣନ୍ତୁ, ଏତକ ମୋର ବିନୀତ ଅନୁରୋଧ । ମୁଁ ବଡ଼ ଈର୍ଷୁକ ; ହଁ, ଖୁବ୍ ଈର୍ଷୁକ । ସେଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ମୁଁ ଆପଣଙ୍କୁ ଅନ୍ତରକ୍ତ ମାତ୍ରାରେ ଭଲ-ପାଉଥିଲି । ମୁଁ ଯେ ଆପଣଙ୍କୁ ପ୍ରହାର କଲି, ତାହା ହେଉଛି ମୋ ପ୍ରେମର ଅନ୍ୟତମ ପ୍ରମାଣ । ପୁଣି ଅତି ନିର୍ମମଭାବରେ ପ୍ରହାର କରି-ଥିବାରୁ ପ୍ରମାଣିତ ହୁଏ ଯେ ମୋର ପ୍ରେମ ନିଃସନ୍ଦେହରେ ଅତି ଗଭୀର । ହଁ, ଯଦି ଆପଣ ବିଶ୍ୱାସଘାତିନୀ ନ ହୋଇ ପ୍ରହାର ଖାଇଥାଆନ୍ତି, ତେବେ ପ୍ରକୃତରେ ଆପଣଙ୍କର ମୋ ଉପରେ ରାଗ କରିବାର କାରଣ ଥାଇପାରେ । ମୁଁ ଏହା ସ୍ୱୀକାର କରିବାକୁ ବାଧ୍ୟ ।

ମିସେସ୍ ଶନ୍ରେଭର – ତୁମର ମୋପ୍ରତି ଦୟା ପ୍ରକାଶକରିବା ଦରକାର ନାହିଁ ।

ମି: ଗାରେଲ୍—ଏହା କହିବାର ଅର୍ଥ କଅଣ ? ଏହାର ଦୁଇଟି ଅର୍ଥ ହୋଇପାରେ । ଗୋଟିଏ ଅର୍ଥ ହୋଇପାରେ—ଆପଣ ମୋର ଦୟାକୁ ଘୃଣା କରନ୍ତି । ଅପର ଅର୍ଥ ହୋଇପାରେ—ଆପଣ ମୋ ଦୟାର ଉପଯୁକ୍ତ ପାତ୍ର ନୁହନ୍ତି । ଯଦି ଆପଣ ମୋ ଦୟାର ଉପଯୁକ୍ତ ପାତ୍ର ନୁହନ୍ତି ବୋଲି ସ୍ୱୀକାର କରନ୍ତି, ତେବେ ମୁଁ ଯେଉଁ ପ୍ରହାର କରିଥିଲି ତାହା ଆପଣଙ୍କର ଉପଯୁକ୍ତ ପ୍ରାପ୍ୟ ବୋଲି ସ୍ୱୀକାର କରିବାକୁ ହେବ ।

ମିସେସ୍ ଶନ୍ରେଭର—ତୁମେ ଯେ କୌଣସି ଅର୍ଥରେ ଗ୍ରହଣ କରିପାର ।

Digitized by srujanika@gmail.com

ମି: ଗାରେଲ୍—ବେଶ୍, ମୁଁ ବୁଝୁଛି, ମୁଁ ଆପଣଙ୍କର ସ୍ୱାମୀ ଥିବାବେଳେ ଆପଣ ମୋପ୍ରତି ବିଶ୍ୱାସଘାତକତା କରି-ଅଛନ୍ତି ।

ମିସେସ୍ ଶନ୍ଲେଭର—ମୁଁ ତ ତାହା କହୁନାହିଁ ।

ମି: ଗାରେଲ୍ – ଆପଣଙ୍କ କଥାରୁ ଅନ୍ତତଃ ମୁଁ ତାହାହିଁ ବୁଝୁଛି ।

ମିସେସ୍ ଶନ୍ଲେଭର—ମୁଁ ଏତିକିମାତ୍ର କହିବାକୁ ଇଚ୍ଛା କରେଁ ଯେ ମୁଁ ତୁମର ଦୟା ଲୋଡ଼େଁନାହିଁ ।

ମି: ଗାରେଲ୍—ବୁଲେଇକରି କହିବା ଦରକାରନାହିଁ । ସ୍ପଷ୍ଟଭାବରେ ସ୍ୱୀକାର କରନ୍ତୁ ଯେ ଆପଣ···

ମିସେସ୍ ଶନ୍ଲେଭର—ସେ ଶବ୍ଦ ଉଚ୍ଚାରଣ କରନାହିଁ । ତାହା ଶୁଣିଲାକ୍ଷଣି ମୁଁ ଉନ୍ମତ୍ତ ହୋଇ ଉଠୁଛି ।

ମି: ଗାରେଲ୍ —ହେଉ, ମୁଁ ଆଉ ସେ ଶବ୍ଦ ଉଚ୍ଚାରଣ କରିବି ନାହିଁ । କିନ୍ତୁ ଆପଣ ସେ କାର୍ଯ୍ୟ କରିଛନ୍ତି ବୋଲି ସ୍ୱୀକାର କରନ୍ତୁ ।

ମିସେସ୍ ଶନ୍ଲେଭର—ନା, କଦାପି ନୁହେ । ସବୁ ମିଥ୍ୟା ।

ମି: ଗାରେଲ୍—ତେବେ ମୁଁ ଆପଣଙ୍କପ୍ରତି ଯଥେଷ୍ଟ ଦୟା ପ୍ରଦର୍ଶନ କରିବି । ମୁଁ ଆପଣଙ୍କୁ ଯାହା କରିବାପାଇଁ ପ୍ରସ୍ତାବ ଦେବାକୁ ଯାଉଥିଲି, ତାର କୌଣସି ଯଥାର୍ଥତା ନାହିଁ ।

ମିସେସ୍ ଶନ୍ଲେଭର—କେଉଁ ପ୍ରସ୍ତାବ ?

ମି: ଗାରେଲ୍—ତାହା ଆଉ କହିବା ଦରକାର ନାହିଁ । ଆପଣ ଯଦି ମୋତେ ପ୍ରତାରଣା କରିଥାନ୍ତେ, ତେବେ ସିନା ସେ ପ୍ରଶ୍ନ ଉଠିଥାନ୍ତା ।

Digitized by srujanika@gmail.com

ମିସେସ୍ ଚନ୍ଦ୍ରେଭର—କ୍ଷଣକପାଇଁ ମନେକରଯାଉ, ମୁଁ ତୁମପ୍ରତି ବିଶ୍ୱାସଘାତକତା କରିଥିଲି । ତେବେ—

ମି: ଗାରେଲ୍—ଏପରି କହିଲେ ଯଥେଷ୍ଟ ନୁହେ । ଆପଣଙ୍କୁ ସ୍ପଷ୍ଟଭାବରେ ସ୍ୱୀକାର କରିବାକୁ ହେବ ।

ମିସେସ୍ ଚନ୍ଦ୍ରେଭର—ହେଉ; ମୁଁ ସ୍ୱୀକାର କରୁଛି ।

ମି: ଗାରେଲ୍—ତଥାପି ଯଥେଷ୍ଟ ହେଲନାହିଁ । ପ୍ରମାଣ ଦରକାର ।

ମିସେସ୍ ଚନ୍ଦ୍ରେଭର—ତୁମେ ଅତି ବେଶି ଦାବି କରୁଛ ।

ଏହା କହି ସେ ହସିପକାଇଲେ ।

ମି: ଗାରେଲ୍—ନା, ତା ନୁହେଁ । ମୁଁ ବର୍ତ୍ତମାନ ଗୋଟାଏ ଭୀଷଣ ପ୍ରସ୍ତାବ ଦେବାକୁ ଯାଉଥିଲି । ମୋର ସେପରି ବିଶେଷ ଉଦ୍ଦେଶ୍ୟ ନ ଥିଲେ ମୁଁ ଆପଣଙ୍କୁ ଖୋଜି ଖୋଜି ଏଠାକୁ ଆସି ନ ଥାନ୍ତି । ଆମେ ଦୁହେଁ ପରସ୍ପରପ୍ରତି—ପ୍ରଥମେ ଆପଣ ମୋପ୍ରତି ଓ ପରେ ମୁଁ ଆପଣଙ୍କପ୍ରତି—ଯାହା କରିଥାଏଁ ସେଥିରେ ଆମର ସାକ୍ଷାତ ବା କଥାବାର୍ତ୍ତା ହେବାର ସମ୍ଭାବନା ନ ଥିଲା । ଆପଣ ଯଦି ମୋପ୍ରତି ବିଶ୍ୱାସଘାତକତା କରିନାହାନ୍ତି, ତାହାହେଲେ ବର୍ତ୍ତମାନ ସେ ପ୍ରସ୍ତାବର ମୂଲ୍ୟ ନାହିଁ । ନୋଚେତ୍ ସେ ପ୍ରସ୍ତାବର ପରିଣାମ ଆମ ଦୁହିଁଙ୍କ ପକ୍ଷରେ ସାଙ୍ଘାତିକ ହୋଇଥାନ୍ତା ।

ମିସେସ୍ ଚନ୍ଦ୍ରେଭର—ତୁମେ ବଡ଼ ବିଚିତ୍ର ଲୋକ । ଆଚ୍ଛା, ତୁମେ ଆଉ ଅଧିକା କଅଣ ଚାହଁ ? ମୁଁ ତୁମକୁ ପ୍ରତାରଣା କରିଥିଲି । ହେଲା ।

ମି: ଗାରେଲ୍—କିନ୍ତୁ ମୋତେ ସେଥିର ପ୍ରମାଣ ଦେବାକୁ ହେବ ।

Digitized by srujanika@gmail.com

ମିସେସ୍ ଚନ୍ଦ୍ରେଭର—କିନ୍ତୁ ମୁଁ କିପ୍ରକାର ପ୍ରମାଣ ଦେଇ-ପାରିବ ? ମୋପାଖରେ କିଛି ପ୍ରମାଣ ନାହିଁ; ବରଂ କହିପାରେ ବର୍ତ୍ତମାନ ମୋପାଖରେ କିଛି ପ୍ରମାଣ ନାହିଁ ।

ମି: ଗାରେଲ—କେଉଁଠାରେ ଅଛି, ସେଥିରେ କିଛି ଯାଏ ଆସେନା । କିନ୍ତୁ ମୋର ପ୍ରମାଣ ଦରକାର ।

ମିସେସ୍ ଚନ୍ଦ୍ରେଭର—ଏଭଳି କାର୍ଯ୍ୟର କିଏ କିଛି ପ୍ରମାଣ ରଖିଥାଏ ? ମୋ ମତରେ, ମୋର କଥାହିଁ ଯଥେଷ୍ଟ ପ୍ରମାଣ ।

ମି: ଗାରେଲ—ତାହାହେଲେ ଆପଣ ଶପଥ କରି ଏହି କଥା କହିବାକୁ ପ୍ରସ୍ତୁତ ?

ମିସେସ୍ ଚନ୍ଦ୍ରେଭର—ମୁଁ ଶପଥ କରୁଛି ।

ମି: ଗାରେଲ—ମୁଁ ଆପଣଙ୍କ କଥାକୁ ବିଶ୍ୱାସ କରୁଛି । ବର୍ତ୍ତମାନ କହନ୍ତୁ, କାହା ସଙ୍ଗରେ ପଡ଼ି ଆପଣ ମୋତେ ପ୍ରତାରଣା କରିଥିଲେ ?

ମିସେସ୍ ଚନ୍ଦ୍ରେଭର—ଓଃ ! ତୁମେ କିନ୍ତୁ ଅତିରିକ୍ତ ଦାବି କରୁଛ ।

ମି: ଗାରେଲ—ସେ ଲୋକର ନାମ ଜାଣିବା ମୋର ନିତାନ୍ତ ଦରକାର ।

ମିସେସ୍ ଚନ୍ଦ୍ରେଭର—କିନ୍ତୁ ସେକଥା ପ୍ରକାଶ କରିବା ମୋପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ।

ମି: ଗାରେଲ—ଅସମ୍ଭବ କାହିଁକି ?

ମିସେସ୍ ଚନ୍ଦ୍ରେଭର—କାରଣ ବର୍ତ୍ତମାନ ମୁଁ ଅନ୍ୟର ବିବାହିତା ପତ୍ନୀ ।

Digitized by srujanika@gmail.com

ମି: ଗାରେଲ୍—ତେବେ ?

ମିସେସ୍ ଚନ୍ଲେଭର—ତାହାଛଡ଼ା ଏ ହେଉଛି ନାରୀର ଏକାନ୍ତ ଗୋପନୀୟ ବ୍ୟାପାର ।

ମି: ଗାରେଲ୍—ଆପଣ ଯାହା କହୁଛନ୍ତି ତାହା ଠିକ୍ । କିନ୍ତୁ... ।

ମିସେସ୍ ଚନ୍ଲେଭର—ମୁଁ କହିବ, ଏହି ମି: ଚନ୍ଲେଭରଙ୍କ ପ୍ରେମରେ ପଡ଼ି ମୁଁ ତୁମକୁ ପ୍ରତାରଣା କରିଥିଲି ।

ମି: ଗାରେଲ୍—ଏହା କଦାପି ସତ୍ୟ ନୁହେ ।

ମିସେସ୍ ଚନ୍ଲେଭର—ସତ୍ୟ ନ ହେବ କାହିଁକି ?

ମି: ଗାରେଲ୍—ସତ୍ୟ ହୋଇଥିଲେ ମି: ଚନ୍ଲେଭର ଆପଣଙ୍କୁ ବିବାହ କରିନଥାନ୍ତେ ।

ମିସେସ୍ ଚନ୍ଲେଭର—ତୁମେ ନିତାନ୍ତ ଉଦ୍ଧତ । ଏପରି ପ୍ରସ୍ତାବନାର ଅର୍ଥ ?

ମି: ଗାରେଲ୍—କଥାଟା ହେଉଛି, ଆପଣ ଯେ ବର୍ତ୍ତମାନ ମୋତେ ପ୍ରତାରଣା କରିଥିବା ବିଷୟ ସ୍ୱୀକାର କଲେ ସେଥିପାଇଁ ଧନ୍ୟବାଦ । ମୁଁ ନିତାନ୍ତ ହାସ୍ୟାସ୍ପଦ ହୋଇଛି । ଯାହାକିଛି କଲେ ମୁଁ ଉପହାସର ପାତ୍ର ହୋଇଛି । ଚୁପ୍‌କରି ରହିଲେ ଲୋକେ ଥଟ୍ଟା କରନ୍ତି; ବିରକ୍ତି ପ୍ରକାଶକଲେ ଆହୁରି ବ୍ୟଙ୍ଗବିଦ୍ରୂପ ମିଳେ । ମୋଭଳି ଲୋକଙ୍କୁ ସମସ୍ତେ ପ୍ରତାରିତ ସ୍ୱାମୀ ବୋଲି କହନ୍ତି । ତେଣୁ ସ୍ୱୀକାରକରିବାକୁ ହେବ, ମୁଁ ଆପଣଙ୍କୁ ଘୋଡ଼ାକୋରଡ଼ାରେ ଯେଉଁ ପ୍ରହାର କରିଥିଲି, ତାହା ମୋପ୍ରତି ଅନ୍ୟାୟ ତୁଳନାରେ ଯଥେଷ୍ଟ ନୁହେ । ଆପଣଙ୍କର ଏହି କାର୍ଯ୍ୟଫଳରେ ମୁଁ ବୈବାହିକ ଜୀବନରେ ଯେତେ ଯନ୍ତ୍ରଣା ଭୋଗିଛି, ତାର ଉପଯୁକ୍ତ କ୍ଷତିପୂରଣ ପାଇନାହିଁ ।

Digitized by srujanika@gmail.com

ଆପଣଙ୍କୁ ଯେ ସେହି କ୍ଷତିପୂରଣ ଦେବାକୁ ହେବ ଏଥିରେ ସନ୍ଦେହ ନାହିଁ । ସେ କ୍ଷତିପୂରଣ ଅବଶ୍ୟ ଭିନ୍ନ ଧରଣର ହେବ । କାରଣ ମୁଁ ବର୍ତ୍ତମାନ ଆପଣଙ୍କର ବିବାହିତ ସ୍ୱାମୀ ନୁହେଁ ।

ମିସେସ ଚନ୍ଦ୍ରେଭର—ତୁମେ ପାଗଳ । ତୁମ କଥାର ଅର୍ଥ ମୁଁ ଆଦୌ ବୁଝିପାରୁନାହିଁ ।

ମି: ଗାରେଲ—ମୁଁ କହିବାର ଅର୍ଥ ହେଉଛି, ମୁଁ ଆପଣଙ୍କର ସ୍ୱାମୀ ଥିବା ଅବସ୍ଥାରେ ଆପଣ ଗୋପନରେ ମୋର ବୈବାହିକ ଜୀବନର କେତେକ ସମୟ ଅପହରଣ କରି ଅନ୍ୟ କୌଣସି ପୁରୁଷ ସହିତ ତାହା ଆନନ୍ଦରେ କଟାଇ ଅଛନ୍ତି । ସେ ପୁରୁଷ କିଏ, ମୁଁ ଏପର୍ଯ୍ୟନ୍ତ ଜାଣିନାହିଁ । କିନ୍ତୁ ମୋତେ ସେହି ସମୟତକ ଫେରାଇ-ଦେବାକୁ ପଡ଼ିବ ।

ମିସେସ୍ ଚନ୍ଦ୍ରେଭର—ତୁମେ ପାଗଲ୍ ଛଡ଼ା ଆଉ କିଛି ହୋଇ ନପାର ।

ମି: ଗାରେଲ—ମୁଁ ମୋଟେ ପାଗଳ ନୁହେଁ । ମୁଁ ଥିଲି ଆପଣଙ୍କର ସ୍ୱାମୀ । ତେଣୁ ଆପଣଙ୍କର ସମସ୍ତ ପ୍ରେମ ଉପରେ ମୋର ଥିଲା ଅଧିକାର । ଆପଣଙ୍କ ଚୁମ୍ବନ ଉପରେ କେବଳ ମୋର ଅଧିକାର ଥିଲା । ଏହା ସତ୍ୟ ନୁହେଁ କି ? ଆପଣ ସେହି ପ୍ରେମର, ସେହି ଚୁମ୍ବନର କେତେକ ଅଂଶ ଅନ୍ୟକୁ ଦେଇଥିଲେ । ତେଣୁ ମୋର ଯେଉଁ ପ୍ରାପ୍ୟରୁ ମୋତେ ବଞ୍ଚିତ କରି ଆପଣ ଅନ୍ୟକୁ ଦେଇଥିଲେ, ସେତକ ମୁଁ ଫେରିପାଇବା ପାଇଁ ହକ୍‌ଦାର । ଆଜି ଆପଣ ଯେପରି ନିର୍ଲଜ୍ଜ ଭାବରେ, ଗୋପନରେ ଚୋରି କରି ମୋର ପ୍ରାପ୍ୟ ଅନ୍ୟକୁ ଦେଇଥିଲେ, ଠିକ୍ ସେହିପରି ଗୋପନରେ ଫେରାଇଦେବାକୁ ପଡ଼ିବ ।

Digitized by srujanika@gmail.com

ମିସେସ୍ ଚନ୍ଦ୍ରେଭର—ମୋତେ ତୁମେ କଅଣ ମନେ କରୁଛ କି ?

ମି: ଗାରେଲ—ମୁଁ ଆପଣଙ୍କୁ ମିଷ୍ଟର ଚନ୍ଦ୍ରେଭରଙ୍କ ସ୍ତ୍ରୀ ଛଡ଼ା ଅନ୍ୟ କିଛି ମନେକରୁନାହିଁ ।

ମିସେସ୍ ଚନ୍ଦ୍ରେଭର—ଏ ନିତାନ୍ତ ଖରାପ କଥା ।

ମି: ଗାରେଲ – କ୍ଷମା କରିବେ । ଆପଣ ମୋର ପ୍ରାପ୍ୟ ଯାହାଙ୍କୁ ଗୋପନରେ ଦେଇଥିଲେ ସେତେବେଳେ ସେ ନିଶ୍ଚୟ ଜାଣି-ଥିବେ ଯେ ଆପଣ ମି: ଗାରେଲଙ୍କ ବିବାହିତା ସ୍ତ୍ରୀ । ବର୍ତ୍ତମାନ ମୋର ପାଳି ପଡ଼ିଛି । ଏଥିରେ କିଛି ଅନ୍ୟାୟ ନାହିଁ । ନ୍ୟାୟତଃ ଯାହା ମୋର ପ୍ରାପ୍ୟ, ତାହା ଫେରାଇ ଦେବାକୁ ଅସ୍ୱୀକାର କରିବା ନିତାନ୍ତ ଅନ୍ୟାୟ ।

ମିସେସ୍ ଚନ୍ଦ୍ରେଭର—ମୁଁ ଯଦି ଫେରାଇଦେବାକୁ ସ୍ୱୀକାର କରେ, ତେବେ କଅଣ ତୁମେ··· ।

ମି: ଗାରେଲ—ନିଶ୍ଚୟ ! ମୋର ପ୍ରାପ୍ୟ ମୁଁ ଗ୍ରହଣ କରିବି ।

ମିସେସ୍ ଚନ୍ଦ୍ରେଭର— ତାହା ହେଲେ କି ଉଦ୍ଦେଶ୍ୟ ସାଧିତ ହେବ ?

ମି: ଗାରେଲ—ଆମର ପୂର୍ବପ୍ରେମ ପୁନରୁଜ୍ଜୀବିତ ହେବ ।

ମିସେସ୍ ଚନ୍ଦ୍ରେଭର— ତୁମର ମୋ ପ୍ରତି କେବେ ପ୍ରେମ ନ ଥିଲା । ପୁନରୁଜ୍ଜୀବିତ ହେବ କଅଣ ?

ମି: ଗାରେଲ – ମୁଁ ଯେ ଆପଣଙ୍କୁ ପ୍ରେମ କରୁଥିଲି, ତାର ଯଥେଷ୍ଟ ପ୍ରମାଣ ଅଛି ।

ମିସେସ୍ ଚନ୍ଦ୍ରେଭର — କି ପ୍ରମାଣ ?

ମି: ଗାରେଲ—ଆପଣ ପ୍ରମାଣ ଚାହାନ୍ତି ? ଯେତେବେଳେ କେହି ପୁରୁଷ ଥରେ ସ୍ୱାମୀ ରୂପରେ ଓ ପରେ ପ୍ରେମିକ ରୂପରେ

Digitized by srujanika@gmail.com

ନିଜକୁ କୌଣସି ନାରୀ ନିକଟରେ ଅର୍ପଣ କଲାଭଳି ନିର୍ବୋଧତା ପ୍ରକାଶ କରିପାରେ ସେତେବେଳେ ସେ ସେହି ନାରୀକୁ ପ୍ରେମ କରୁ-ଥିବା ପ୍ରମାଣିତ ହୁଏ । ଏହା ଯଦି ଯଥେଷ୍ଟ ପ୍ରମାଣ ନହୁଏ, ତେବେ ମୁଁ ପ୍ରେମ ବିଷୟରେ କିଛି ଜାଣେ ନାହିଁ ବୋଲି ସ୍ୱୀକାର କରିବାକୁ ବାଧ୍ୟ ହେବି ।

ମିସେସ୍ ଚନ୍ଦ୍ରେଭର—ତୁମେ ଦୁଇଟି ବିଷୟକୁ ଏକାଠି ମିଶାଇ ଗୋଳମାଳ କରିଦେଉଛ କାହିଁକି ? କୌଣସି ପୁରୁଷ ଜଣେ ରମଣୀକୁ ବିବାହ କଲେ ପ୍ରମାଣିତ ହୁଏ ଯେ, ସେ ସେହି ରମଣୀକୁ ପ୍ରେମ କରେ, ଅଥବା ତାକୁ ପାଇବାକୁ କାମନା କରେ; କିନ୍ତୁ ତାକୁ ପ୍ରେମିକା ରୂପେ ରଖିବାକୁ ଇଚ୍ଛା କଲେ ସେଥିରୁ କିଛି ପ୍ରମାଣିତ ହୁଏ ନାହିଁ । ସେଥିରୁ କେବଳ ତା ପ୍ରତି ପୁରୁଷର ଘୃଣା ଥିବା ପ୍ରକାଶ ପାଏ । ବିବାହ କଲେ ସ୍ୱାମୀ ପରିବାରର ସମସ୍ତ ବ୍ୟୟ ବହନ କରେ; ସମସ୍ତ ଦୁଃଖ କଷ୍ଟ ବରଣ କରେ; ସମସ୍ତ ଦାୟିତ୍ୱ ନିଏ; କିନ୍ତୁ ପ୍ରେମିକ ଏସବୁ ଭାର ରମଣୀର ବିବାହିତ ସ୍ୱାମୀ ଉପରେ ଛାଡ଼ିଦେଇ କେବଳ ସୁଖ ଭୋଗ କରୁଥାଏ ଏବଂ ରମଣୀ ସେହି ସୁଖ ଦେବାକୁ ଅକ୍ଷମ ହେଲା ମାତ୍ରେ ପ୍ରେମିକ ତା ପାଖରୁ ଦୂରକୁ ଚାଲି-ଯାଏ । ତେଣୁ ସ୍ୱାମୀ ଓ ପ୍ରେମିକକୁ ସମାନ ସ୍ତରରେ ରଖାଯାଇ-ନପାରେ ।

ମି: ଗାରେଲ୍—ଆପଣଙ୍କୁ ଧନ୍ୟବାଦ, କିନ୍ତୁ ଆପଣଙ୍କର ଯୁକ୍ତି ନିତାନ୍ତ ଦୁର୍ବଳ । ପୁରୁଷ କୌଣସି ସ୍ତ୍ରୀକୁ ପ୍ରେମ କରୁଥିବାପାଏ ତାକୁ ବିବାହ କରିବା ଉଚିତ ନୁହେଁ । କାରଣ ବିବାହ କଲେ ସେ ଦିନେ ପ୍ରତାରିତ ହେବା ନିଶ୍ଚିତ । ଠିକ୍ ମୁଁ ଯେପରି ଆପଣଙ୍କଦ୍ୱାରା ପ୍ରତା-ରିତ ହୋଇଥିଲି । ଏବେ ପ୍ରମାଣ ମିଳିଲା ତ ! ନାରୀ ସ୍ୱାମୀକୁ ପ୍ରତା-ରଣା କରିବା ପାଇଁ ଯେତିକି ପରିମାଣରେ ଚେଷ୍ଟା କରେ ଠିକ୍

Digitized by srujanika@gmail.com

ସେଇଭଳି ପରିମାଣରେ ପ୍ରେମିକା ପ୍ରେମିକ ପ୍ରତି ଆନୁଗତ୍ୟ ସ୍ୱୀକାର କରିଥାଏ; ଏଥିରେ ଲବମାତ୍ର ସନ୍ଦେହ ନାହିଁ । ମୋ କଥା ଠିକ ତ ? କୌଣସି ନାରୀ ସହିତ ଅଚ୍ଛେଦ୍ୟ ବନ୍ଧନ ପ୍ରତିଷ୍ଠା କରିବାର ଇଚ୍ଛା ଥିଲେ ଅନ୍ୟ ପୁରୁଷ ସହିତ ତାର ବିବାହର ବ୍ୟବସ୍ଥା କରିଦେବା ଉଚିତ । କାରଣ ବିବାହ ବନ୍ଧନ ହେଉଛି ଗୋଟାଏ ଅତି କ୍ଷୀଣ ସୂତ୍ର; ତାକୁ ଯେତେବେଳେ ଇଚ୍ଛା ଛିନ୍ନକରି ସେହି ରମଣୀର ପ୍ରେମିକ ହେବା ଉଚିତ । ସ୍ୱାଧୀନ ପ୍ରେମର ବନ୍ଧନ ଦୃଢ଼, ଅଚ୍ଛେଦ୍ୟ । ଆମ ଦୁହିଁଙ୍କ ଭିତରେ ବିବାହର କ୍ଷୀଣ ସୂତ୍ର ଛିଣ୍ଡିଯାଇଛି । ତାହା ପରିବର୍ତ୍ତେ ଏବେ ପ୍ରେମର ଦୃଢ଼ ଲୌହ ବନ୍ଧନ ମୁଁ ଆପଣଙ୍କୁ ଦେଉଛି ।

ମିସେସ୍ ଚନ୍ସେଭର୍—ତୁମେ ବଡ଼ ଅଦ୍ଭୁତ ଲୋକ । ମୁଁ ତୁମ ପ୍ରସ୍ତାବରେ ସମ୍ମତ ନୁହେ ।

ମି: ଗାରେଲ୍—ତାହାହେଲେ ମୁଁ ଯାଉଛି ମି: ଚନ୍ସେଭରଙ୍କୁ ସାବଧାନ କରିଦେବି ।

ମିସେସ୍ ଚନ୍ସେଭର୍—କେଉଁ ବିଷୟରେ ତାଙ୍କୁ ସାବଧାନ କରିଦେବ ?

ମି: ଗାରେଲ୍—ଆପଣ ମୋତେ ପ୍ରତାରଣା କରିଥିଲେ ବୋଲି କହିବି ।

ମିସେସ୍ ଚନ୍ସେଭର—ମୁଁ ପ୍ରତାରଣା କରିଥିଲି ବୋଲି······ ?

ମି: ଗାରେଲ୍—ହଁ, ଆହୁରି କହିବି, ସେତେବେଳେ ଆପଣ ମୋର ବିବାହିତା ପତ୍ନୀ ଥିଲେ ।

ମିସେସ୍ ଚନ୍ସେଭର୍—ତାହା ହେଲେ···?

ମି: ଗାରେଲ୍—ତାହା ହେଲେ ମି: ଚନ୍ସେଭର ଆପଣଙ୍କୁ କେବେହେଲେ ସେଥିପାଇଁ କ୍ଷମା ଦେବେ ନାହିଁ ।

Digitized by srujanika@gmail.com

ମିସେସ୍ ଚନ୍ଦ୍ରେଭର—ମି: ଚନ୍ଦ୍ରେଭର ?

ମି: ଗାରେଲ—ହଁ, ମି: ଚନ୍ଦ୍ରେଭର ଆପଣଙ୍କୁ କଦାପି କ୍ଷମା ଦେବେ ନାହିଁ; ଏଭଳ ବିଷୟ କେହି ଭୁଲିଯାଏନାହିଁ ।

ମିସେସ୍ ଚନ୍ଦ୍ରେଭର—ନା, ନା, ତା କରନାହିଁ ।

ଏହି ସମୟରେ କେହି ମିସେସ୍ ଚନ୍ଦ୍ରେଭରଙ୍କୁ ଡାକିବାର ଶୁଣାଗଲା—'ମେଥିଲଡ଼ା' ।

ମିସେସ୍ ଚନ୍ଦ୍ରେଭର—ଧୀରସ୍ୱରରେ କହିଲେ, "ମୋର ସ୍ୱାମୀ ମୋତେ ଡାକୁଛନ୍ତି । ମୁଁ ଯାଏଁ । ମୋତେ ବିଦାୟ ଦିଅ ।

ମି: ଗାରେଲ—ଚାଲନ୍ତୁ, ମୁଁ ଆପଣଙ୍କ ସଙ୍ଗରେ ତାଙ୍କ ପାଖକୁ ଯାଇ ସେଠାରେ ମୋର ପରିଚୟ ଦେବି ।

ମିସେସ୍ ଚନ୍ଦ୍ରେଭର—ନା, ନା, ତାହା କରନାହିଁ ।

ମି: ଗାରେଲ—ଦେଖିବ, ମୁଁ ତାହାହିଁ କରିବି ।

ମିସେସ ଚନ୍ଦ୍ରେଭର—ନା, ନା, ସେପରି କରି ମୋର ସର୍ବନାଶ କରନାହିଁ ।

ମି: ଗାରେଲ୍—ତେବେ କଅଣ ଆପଣ ପ୍ରେମର ଲୌହଶୃଙ୍ଖଳ ପିନ୍ଧିବାକୁ ପ୍ରସ୍ତୁତ ?

ପୁଣି ଡାକ ଶୁଣାଗଲା—'ମେଥିଲଡ଼ା' ।

ମିସେସ୍ ଚନ୍ଦ୍ରେଭର—ଅନୁଗ୍ରହ କରି ଚାଲିଯାଅ ।

ମି: ଗାରେଲ୍—ତେବେ କେତେବେଳେ ମୁଁ ପୁଣି ଆପଣଙ୍କର ସାକ୍ଷାତ ପାଇବି ?

ମିସେସ୍ ଚନ୍ଦ୍ରେଭର—ଏଇଠାରେ—ଆଜି ସନ୍ଧ୍ୟାରେ ଆମର ଖିଆପିଆ ପରେ ।

ମି: ଗାରେଲ ମିସେସ୍ ଚନ୍ଦ୍ରେଭରଙ୍କ ହସ୍ତ ଚୁମ୍ବନ କରି କହିଲେ, "ବେଶ୍, ମୁଁ ଆପଣଙ୍କୁ ଭଲପାଏ ।"

Digitized by srujanika@gmail.com

ମିସେସ୍ ଚନ୍ତେଭର ଆଉ ବିଳମ୍ବ ନକରି ଚାଲିଗଲେ ଓ ମି: ଗାରେଲ ଧୀରେ ଆରାମଚୌକି ଉପରେ ବସିପଡ଼ି ଭାବିଲେ, "ମୋର ମତ ଠିକ୍ । ମୋ ପକ୍ଷରେ ମୋର ପୂର୍ବଜୀବନଠାରୁ ଏ ପ୍ରକାର ଜୀବନ ଖୁବ୍ ଭଲ। ମିସେସ୍ ଚନ୍ତେଭର ସୁନ୍ଦରୀ, ଅପୂର୍ବ ସୁନ୍ଦରୀ । ମି: ଚନ୍ତେଭର ତାଙ୍କୁ ଯେଉଁ କୋମଳ ସ୍ୱରରେ 'ମେଥିଲ୍ଡା' ବୋଲି ଡାକୁଥିଲେ, ସେଥିରୁ ମୋର ମନେ ହେଉଛି ସେ ଅଦ୍ୱିତୀୟା ସୁନ୍ଦରୀ । ଯେଉଁଭଳି ସ୍ୱରରେ ସ୍ୱାମୀ ସ୍ତ୍ରୀକୁ ଡାକିବାର କଥା, ମି: ଚନ୍ତେଭରଙ୍କ ସ୍ୱର ଠିକ୍ ସେଇଭଳି ।"

Digitized by srujanika@gmail.com

ସାବତ୍‌ର ପାପସ୍ୱୀକାର

ମାର୍ଟିନଭିଲର ମଦଖଟିରେ ସାବତ୍ ପଣିଗଲାକ୍ଷଣି ଖଟିଘରଟି ହସରେ ଫାଟିପଡ଼େ । ଲୋକଟି ଭାରି ମିଳାପୀ । କେବଳ ସହରର ପାର୍ସନ (ପ୍ରଧାନ ପାଦ୍ରୀ)ଙ୍କ ସହିତ ତାର ଆଦୌ ପଡ଼େନାହିଁ ।

ସାବତ୍ ଜଣେ ଅସଲ କାଠଗର । ସେ ଥିଲା ସହରର ବିପ୍ଳବୀ ଦଳର ନେତା । ଲୋକଟି ଖୁବ୍ ଡେଙ୍ଗା ଓ କ୍ଷୀଣ; ଆଖି-ଯୋଡ଼ିକ କଣ୍ଟାଣିଆ, ମୁହଁଟି ଗୋଜିଆ । ମୁଣ୍ଡର ବାଳ କୁଣ୍ଡିଆ ହୋଇ କପାଳ ଉପରେ ଆଖି ପର୍ଯ୍ୟନ୍ତ ପଡ଼ିଥାଏ । ତାର ଧର୍ମବିଶ୍ୱାସ ଆଦୌ ନଥିଲା । ସେ କହେ, 'ଆମର ପରମ ପିତା ପରମେଶ୍ୱର ଧୋଇ ଉଡ଼ିଗଲେଣି ।' ଏ କଥାଟି ସେ ଏପରି ଢଙ୍ଗରେ କହେ ଯେ ସମସ୍ତେ ହସି ଉଠନ୍ତି । ରବିବାର ଦିନ ସମସ୍ତେ କାମ ବନ୍ଦକରି ଗୀର୍ଜାରେ ପ୍ରାର୍ଥନା କରିବାକୁ ଯାଆନ୍ତି; କିନ୍ତୁ ସାବତ୍ କେବେ ହେଲେ ରବିବାର ଦିନ କାମ ନକରି ରୁହେନାହିଁ । ଗୀର୍ଜାରେ ସମବେତ-ପ୍ରାର୍ଥନା ଚାଲିଥିବାବେଳେ ସେ କାମରେ ଲାଗିଥାଏ । ଇଷ୍ଟର ପର୍ବରେ ସମସ୍ତେ ଉପବାସ କରନ୍ତି; କିନ୍ତୁ ସାବତ୍ ପର୍ବର ଠିକ୍ ଆଗରୁ ଗୋଟାଏ ଦୁଇଟା ଘୁଷୁରି କାଟି ରଖିଥାଏ । ପର୍ବରେ ପେଟ ପୂରାଇ ମନସୁଖରେ ଖାଏ । ପାର୍ସନଙ୍କୁ ଦେଖିଲେ ସେ କୌତୁକ କରି କହେ, "ଏଇ ଲୋକଟାକୁ ଦେଖ, ସେ ମଦଗିଲାସଭିତରୁ ତାର ଈଶ୍ୱରଙ୍କୁ ପିଇବାରେ ଲାଗିଛି ।"

Digitized by srujanika@gmail.com

ପାର୍ସନ ହେଉଛନ୍ତି ଜଣେ ସୁସ୍ଥ ସବଳ ଲୋକ । ସେ ମଧ୍ୟ ସାବତ୍ ପରି ଡେଙ୍ଗା । କିନ୍ତୁ ସେ ସାବତ୍‌କୁ ମନେ ମନେ ଭୟ କରୁଥିଲେ । ଭୟର କାରଣ ହେଲା, ସେ ଥଟ୍ଟାରେ ତାଙ୍କୁ ଉଡ଼ାଇ ଦିଏ । ପୁଣି ତା ପଛରେ ଦଳେ ଲୋକଙ୍କର ସମର୍ଥନ ଥିଲା ।

ପାର୍ସନଙ୍କର ନାମ ମାରିଟାଇମ୍ । ସେ ବଡ଼ ଚତୁର ଲୋକ । ବାହାରେ ଚିହ୍ନା ନ ପଡ଼ି କୌଶଳରେ କାମ ହାସଲ କରି ଜାଣନ୍ତି । ସାବତ୍ ଓ ପାର୍ସନଙ୍କ ମଧ୍ୟରେ ଭିତରେ ଭିତରେ ଦଶବର୍ଷହେଲା ମନାନ୍ତର ରହିଥିଲେହେଁ ବାହାରକୁ ବେଶୀକିଛି ଜଣାପଡ଼ୁନଥିଲା । ସାବତ୍ ସହର ମ୍ୟୁନିସିପାଲିଟିର ଜଣେ ସଭ୍ୟ ହୋଇପାରିଥିଲା । ଶୁଣାଯାଉଥିଲା, ଭୋଟରେ ଜିଣି ସାବତ୍ ମ୍ୟୁନିସିପାଲିଟିର ମେୟର ହେବାର ଯଥେଷ୍ଟ ସମ୍ଭାବନା ଅଛି । ମେୟର ହେଲେ ସହରର ସବୁ କ୍ଷମତା ତା' ହାତରେ ରହିବ । ତା ଅମଳରେ ସହରର ଧର୍ମସଂସ୍ଥାଗୁଡ଼ିକ ଯେ ଧ୍ୱଂସ ପାଇଯିବ, ଏ ବିଷୟରେ କାହାରି ସନ୍ଦେହ ନଥିଲା ।

ମ୍ୟୁନିସିପାଲିଟିର ନିର୍ବାଚନ ଖୁବ୍ ନିକଟ । ମାର୍ଟିନଭିଲର ଯେଉଁମାନେ ଧର୍ମାନୁଷ୍ଠାନଗୁଡ଼ିକର କର୍ତ୍ତା ଥିଲେ ସେମାନଙ୍କର ଚିନ୍ତା ଉପସ୍ଥିତ ହେଲା । ଦିନେ ସକାଳେ ପାର୍ସନ ମାରିଟାଇମ୍ ଏ ବିଷୟରେ ଆର୍ଚ୍ଚବିଶପଙ୍କ ସଙ୍ଗେ ପରାମର୍ଶ କରିବାପାଇଁ ରୁଏନ ସହରକୁ ଚାଲିଗଲେ ।

ଦୁଇଦିନ ପରେ ପାର୍ସନ ମାର୍ଟିନଭିଲ୍‌କୁ ଫେରିଆସିଲେ । ତାଙ୍କର ମିଜାଜ ବଦଳି ଯାଇଥିଲା । ମୁହଁରେ ଆନନ୍ଦର ହସ ଖେଳୁଥିଲା । ଦିନକଭିତରେ ସହରରେ ରଷ୍ଟି ହୋଇଗଲା ଯେ ଗୀର୍ଜାର ଚୂଡ଼ପାଖରେ ଥିବା ବଡ଼ ହଲ୍ ପୂରା ମରାମତି ହେବ । ମରାମତି ଖର୍ଚ୍ଚପାଇଁ ଆର୍ଚ୍ଚବିଶପ୍ ନିଜ ହାତରୁ ଛଅହଜାର ଫ୍ରାଙ୍କ୍

Digitized by srujanika@gmail.com

ଦେଇଅଛନ୍ତି । ଭଙ୍ଗା କରାଯିବା ପରେ ତିଆରି ହେବ । ଭଲ ମିସ୍ତ୍ରୀହାତରେ ସୁନ୍ଦର କାମ ଗୁଡ଼ାକ ଉଠିଯିବ । ତା ପରବର୍ତ୍ତିରେ ଭଲ ଶାଗୁଆନକାଠର ଦୋକାନଘର ତିଆରି ହେବ । ଭଲ ମିସ୍ତ୍ରୀହାତରେ ସୁନ୍ଦର କାମ କରାଯିବ । ସହରର ସମସ୍ତଙ୍କ ତୁଣ୍ଡରେ ସେହି କାମ କଥା ଶୁଣାଗଲା ।

ସାବତ୍ର ସବୁ ଶୁଣିଲା । ସେଦିନ ତା ମୁହଁରେ ହସ ନାହିଁ ।

ତାର ପରଦିନ ସାବତ୍ର ରାସ୍ତାରେ ଗଲାବେଳକୁ ତାର ପାଖ-ପଡ଼ଶା, ଘର ବନ୍ଧୁ, ଏପରିକି ତାର ଶତ୍ରୁମାନେ ମଧ୍ୟ ତାକୁ ଉପହାସ କଲାପରି ପଚାରିଲେ, "ଗୀର୍ଜା ମରାମତି କାମଟା ତୁମେ କରୁଛ ତ ?"

ସାବତ୍ର କିଛି ଉତ୍ତର ଦେଇପାରିଲା ନାହିଁ । ରାଗରେ ତାର ଦେହ ଜଳିଯାଉଥାଏ ।

କେହି କେହି ତାକୁ ଉତ୍ତେଜିତ କରିବାପାଇଁ କହୁଥିଲେ, "ଖୁବ୍ ଭଲ କାମଟାଏ ; ଏଥିରେ ବେଶ୍ ଲାଭ ମିଳିବ । ଦୁଇଶ ତିନିଶ ଫ୍ରାଙ୍କରୁ କମ ଲାଭ ହେବନାହିଁ ।"

ଦୁଇଦିନ ପରେ ଜଣାପଡ଼ିଗଲା ଯେ ଏହି ମରାମତି କାମ ପଡ଼ିଭିଲର ଗ୍ରିମ୍ବରିଲନ୍ ବୋଲି ଜଣେ କାରିଗରକୁ ଦିଆଯାଉଛି । ଏହା ପରେ ପୁଣି ଗୁଜବ୍ ଶୁଣାଗଲା, ଗୀର୍ଜାଭିତରେ ମଧ୍ୟ କେତେକ ମରାମତି ହେବ । ଏଥିରେ ଦୁଇହଜାର ଫ୍ରାଙ୍କ୍ ଖରଚ ହେବ । ଏହି ଟଙ୍କା ଯୋଗାଇଦେବାପାଇଁ ସରକାରଙ୍କୁ ଆବେଦନ କରାଯାଇଅଛି । ଏ ସମ୍ବାଦରେ ସହରରେ ଅଦ୍ଭୁତ ଉତ୍ତେଜନା ଖେଳିଗଲା ।

ସେଦିନ ରାତିରେ ସାବତ୍ରକୁ ନିଦ ହେଲାନାହିଁ । ସ୍ଥାନୀୟ କୌଣସି କାରିଗର ଏଭଳି ବଡ଼ କାମ କେବେ କରିଥିବାର କେହି

Digitized by srujanika@gmail.com

ଜାଣିନଥିଲେ । ଏହା ପରେ ପୁଣି ଶୁଣାଗଲା—ବାହାରର ଗୋଟାଏ କାରିଗରକୁ ଏତେବଡ଼ ଗୋଟାଏ କାମ ଦେବାପାଇଁ ପାର୍ସନଙ୍କର ଆଦୌ ଇଚ୍ଛା ନ ଥିଲା । ସାବତ୍ ଏ କାମ ଭଲଭାବରେ କରି-ପାରନ୍ତା, କିନ୍ତୁ ତାର ଧର୍ମରେ ବିଶ୍ୱାସ ନ ଥିବାରୁ ତାକୁ ସେ କାମ ଦେଇପାରୁନାହାନ୍ତି ।

ସାବତ୍ ଏ ଖବର ପାଇଲା । ପ୍ରକୃତ ଘଟନା ଜାଣିବାପାଇଁ ସନ୍ଧ୍ୟାବେଳକୁ ସେ ପାର୍ସନଙ୍କ ଘରକୁ ଗଲା । ସେଠାରେ ତାଙ୍କ ଚାକରଠାରୁ ଶୁଣିଲା ଯେ, ପାର୍ସନ ଗୀର୍ଜାକୁ ଯାଇଅଛନ୍ତି । ସାବତ୍ ଗୀର୍ଜାକୁ ଗଲା ।

ଇଷ୍ଟର ପର୍ବ ପାଖେଇଆସୁଥିବାରୁ ଦୁଇଜଣ ମାତା ଗୀର୍ଜାର ବେଦୀକୁ ସଜାଉଥିଲେ । ପାର୍ସନ ପାଖରେ ଛିଡ଼ାହୋଇ କେଉଁଠାରେ କ'ଣ କରିବାକୁ ହେବ ବୁଝାଇଦେଉଥିଲେ । ତାଙ୍କର ବିଶାଳ ଉଦରଟି ଉଛୁଳିପଡ଼ୁଥିଲା । ସେ ଉପଦେଶ ଦେଉଥିଲେ ଓ ମାତା ଦୁଇଜଣ ତାଙ୍କ ପରାମର୍ଶ ଅନୁସାରେ ବେଦୀଉପରେ ଫୁଲ ସଜାଉଥିଲେ ।

ସାବତ୍ ଭୀଷଣ ଅସ୍ୱସ୍ତି ବୋଧ କଲା । ତାର ମନେହେଲା, ସତେ ଯେପରି ସେ ତାର ଭୀଷଣ ଶତ୍ରୁର ଘରେ ରହିଛି । କିନ୍ତୁ ଧନଲୋଭରେ ସେ ସେଠାରୁ ପଳାଇ ଯାଇପାରିଲା ନାହିଁ । ମାତା-ଦୁହେଁ ସାବତ୍‌କୁ ଗୀର୍ଜାଭିତରେ ଦେଖି ସ୍ତମ୍ଭୀଭୂତ ହୋଇଯାଇଥିଲେ । ସାବତ୍ ସେମାନଙ୍କଆଡ଼କୁ ନ ଚାହିଁ ମୁଣ୍ଡର ଟୋପିଟି ହାତରେ ଧରି ପାର୍ସନଙ୍କ ଆଗକୁ ଚାଲିଗଲା ଓ ତାଙ୍କୁ ନମସ୍କାର ଜଣାଇଲା । ପାର୍ସନ ମଧ୍ୟ ପ୍ରତିନମସ୍କାର ଜଣାଇଲେ । କିନ୍ତୁ ସେ ସାବତ୍ ଆଡ଼ୁ ମୁହଁ ବୁଲାଇଦେଇ ବେଦୀର ସାଜସଜ୍ଜା ଆଡ଼କୁ ଚାହିଁରହିଲେ ।

Digitized by srujanika@gmail.com

ସାବତ୍‌କୁ ବଡ଼ ଖରାପ ଲାଗୁଥାଏ । ସେ କଅଣ କହିବ ସ୍ଥିରକରିପାରୁନଥିଲା । କିଛିସମୟ ପରେ ସେ କହିଲା, "ଫର୍ଦ-ସକାଶେ ଆପଣ କାମରେ ଲାଗିଛନ୍ତି ।"

ପାର୍ସନ ଉତ୍ତର କଲେ, "ହଁ, ହଁ, ଫର୍ଦ ଖୁବ୍ ନିକଟ ହୋଇଗଲାଣି ।"

ସାବତ୍‌ର ତୁଣ୍ଡରୁ ହଠାତ୍ ବାହାରିପଡ଼ିଲା, "ନଷ୍ଟପୂ, ନଷ୍ଟପୂ ।" ଏତିକି କହି ସେ ନୀରବ ରହିଲା ।

ସେତେବେଳକୁ ସାବତ୍ ଭାବୁଥାଏ—ଏଠାରୁ ପଳାଇଗଲେ ରକ୍ଷା । କିନ୍ତୁ ଗୀର୍ଜାଭିତରକୁ ପୂରିଁଲାଣି ପଳାଇଯିବାକୁ ତାର ପାଦ ଚଳୁ ନ ଥାଏ । ସେ ଦେଖିଲା, ଷୋଳଟି ଦୋକାନଘର ମରାମତି ହେବ; ଡାହାଣପାଖେ ଛଅଟି, ବାଆଁ ପାଖେ ଆଠଟି ଓ ଦୁଆର-ମୁହଁର ଦୁଇପାଖେ ଦୁଇଟି । ବାହାରୁ କିଣିଲେ ଏଥିରେ ତିନିଶହ ଫ୍ରାଙ୍କ ଖରଚ ହେବ, କିନ୍ତୁ ଜଣେ ଭଲ କାରିଗର ସେହି କାମ କଲେ ଦୁଇଶହ ଫ୍ରାଙ୍କ ଲାଭ ଉଠାଇପାରିବ । ଲୋଭ ସମ୍ଭାଳି ନ ପାରି ସାବତ୍ କହିପକାଇଲା, "ମୁଁ ଏଇ ମରାମତି କାମ ବିଷୟରେ ଆସିଥିଲି ।"

ପାର୍ସନ ବିସ୍ମୟ ପ୍ରକାଶକରି କହିଲେ, "କାମ ! କେଉଁ କାମ ?"

ସାବତ୍ କହିଲା, "ଗୀର୍ଜାରେ ଏଇ ଯେଉଁସବୁ କାମ ହେବ ।"

ପାର୍ସନ ବୁଲିପଡ଼ି ସାବତ୍‌ର ମୁହଁକୁ ଚାହିଁ କହିଲେ, "ଗୀର୍ଜାରେ ଯେଉଁ ମରାମତି ହେବ, ସେଇ କାମ କଥା କହୁଛ ?"

ପାର୍ସନଙ୍କ କହିବା ଭଙ୍ଗୀ ଦେଖି ଓ ସ୍ୱର ଶୁଣି ସାବତ୍‌ର ଦେହ କମ୍ପିଉଠିଲା । ପଳାଇଯିବାପାଇଁ ତାର ମନ ହେଲା । କିନ୍ତୁ

Digitized by srujanika@gmail.com

ସେ ନିଜର ମନୋଭାବକୁ ଦମନ କରି ନମ୍ରଭାବରେ କହିଲା, "ହଁ, ମହାଶୟ !"

ମୁଣ୍ଡରେ ବଜ୍ରପଡ଼ିଲା ପରି ବିସ୍ମୟଭାବ ପ୍ରକାଶକରି ପାର୍ସନ କହିଲେ, "ତୁମେ···ତୁମେ···ସାବତ୍, ମୋପାଖକୁ ଆସି···ଏକଥା ପଚାରୁଛ ? ତୁମେ ହେଉଛ···ଏ ସହରର ଏକମାତ୍ର ବିଧର୍ମୀ, ନାସ୍ତିକ । ତୁମକୁ ଗୀର୍ଜାର କାମ ଦେଲେ ସହରଯାକ ହିନ୍ଦାହାଟ ବସିବ । ଆଉ ଆର୍ଚ୍ଚବିଶପ ମୋତେ ଗାଳିଦେବେ; ଏପରିକି ମୋର ପାର୍ସନ ପଦଟି ମଧ୍ୟ କାଢ଼ିନେଇପାରନ୍ତି ।"

ପାର୍ସନ ଅଣନିଶ୍ୱାସୀ ହୋଇଆସୁଥିଲେ । ସେ ଟିକିଏ ରହିଯାଇ ପୁଣି କହିଲେ, "ମୁଁ ବୁଝୁଛି, ଏଭଳି ଗୋଟାଏ ବଡ଼ କାମ ସହର ବାହାରର ଜଣେ ଲୋକକୁ ଦିଆଯାଉଥିବାରୁ ତୁମ ମନରେ ଭୀଷଣ କଷ୍ଟ ହେଉଥିବ । କିନ୍ତୁ···ମୋର ଉପାୟ ନାହିଁ ।···ଯଦି ତୁମେ ପାପସ୍ୱୀକାର···ନା, ନା,···ତାହା ଅସମ୍ଭବ । ତୁମେ··· କଅଣ ରାଜି ହେବ ? ପୁଣି ତା ନକଲେ···କାମଟା···ତୁମକୁ··· ନା, ନା, କଦାପି ଦିଆଯାଇନପାରେ ।"

ସାବତ୍ର ନଜର ପଡ଼ିଲା ହଲ୍ ଉପରେ । ଓଃ ! ବହୁତ ଗୁଡ଼ାଏ କାମ ! ଅନେକ ଲାଭର କଥା ।

ସାବତ୍ ପଚାରିଲା, "ଆପଣ ମୋଠାରୁ କଅଣ ଚାହାନ୍ତି ? ସେକଥା ମୋତେ କହିବାରେ କିଛି କ୍ଷତି ନାହିଁ ।"

ପାର୍ସନ ଦୃଢ଼ ସ୍ୱରରେ କହିଲେ, "ମୁଁ ଚାହେଁ, ତୁମ ଧର୍ମ-ବିଶ୍ୱାସର ସ୍ପଷ୍ଟ ପ୍ରମାଣ ।"

ସାବତ୍ ଗୁଣୁ ଗୁଣୁ ହୋଇ ଉତ୍ତର କଲା, "ମୁଁ ଏତିକି କହି-ପାରେ, ଗୋଟାଏ ସମାଧାନରେ ପହଞ୍ଚିବା ସେପରି ଅସମ୍ଭବ ମନେ-ହୁଏନାହିଁ ।"

Digitized by srujanika@gmail.com

ପାର୍ସନ କହିଲେ, "ବେଶ୍, କାଲି ରବିବାର । ସାଧାରଣ ପ୍ରାର୍ଥନାସଭାରେ ତୁମର ଧର୍ମବିଶ୍ୱାସ ପ୍ରକାଶ କରିବ ?"

ସାବତ୍‌ର ମୁହଁ କଳା ପଡ଼ି ଆସିଲା । ସେ ପାର୍ସନଙ୍କ ପ୍ରଶ୍ନର ଉତ୍ତର ନ ଦେଇ ପଚାରିଲା, "ହଲ ମଧ୍ୟ ମରାମତି ହେବ ?"

ପାର୍ସନ ଜୋର୍ ଦେଇ କହିଲେ, "ନିଶ୍ଚୟ ! କିନ୍ତୁ ଆଗେ ଦୋକାନଘର ମରାମତି ହେବ ; ତା ପରେ ହଲ୍ ।"

ସାବତ୍ କହିଲା, "ମୁଁ ଏତିକି କହିପାରେଁ ମୁଁ ନାସ୍ତିକ ନୁହେଁ; ମୁଁ ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରେ ନାହିଁ । ଧର୍ମସହିତ ମୋର କିଛି ବିରୋଧ ନାହିଁ । କେବଳ ଲୋକେ ଯେପରି ଧର୍ମର ଗୀତ ଗାଉଛନ୍ତି, ସେଇଟା ମୋତେ ଭଲ ଲାଗେ ନାହିଁ । ଏଥିରୁ ଆପଣ ମୋର ଧର୍ମବିଶ୍ୱାସ ଜାଣିପାରିବେ । ମୁଁ ମଦ୍‌ଖୋର ନୁହେଁ ।"

ଏଥିମଧ୍ୟରେ ଗୀର୍ଜାରେ ଯେଉଁମାନେ କାମ କରୁଥିଲେ, ସେମାନେ ଆସି ଲୁଚି ରହି ଏହି କଥାବାର୍ତ୍ତା ଶୁଣୁଥିଲେ ।

ପାର୍ସନ ଦେଖିଲେ ସେ ସାବତ୍ ଉପରେ ବିଜୟ ହାସଲ କରି-ଅଛନ୍ତି । ସେ ଆନନ୍ଦିତ ହୋଇ କହିଲେ, "ସାବାସ୍, ସାବାସ୍ ସାବତ୍, ତୁମେ ଯାହା କହୁଛ, କିଛି ଅନ୍ୟାୟ ନୁହେଁ । ଉଚିତ କଥା କହୁଛ । ଆଚ୍ଛା, ଦେଖାଯାଉ ।"

ସାବତ୍ ମନେ ମନେ ନିତାନ୍ତ ଅସ୍ୱସ୍ତି ବୋଧ କରୁଥିଲା । ସେ କହିଲା, "ସାଧାରଣ ପ୍ରାର୍ଥନାସଭାକୁ କିଛି ସମୟ ଗଡ଼ାଇଦେଲେ ଚଳିବ ନାହିଁ ?"

ପାର୍ସନଙ୍କର ମୁଖ ପୁଣି ଗମ୍ଭୀର ହୋଇଗଲା । ସେ କହିଲେ, "ମୁଁ ଯେତେବେଳେ ତୁମକୁ ପ୍ରସ୍ତାବ ଦେଲି, ସେତିକିବେଳୁ ମୋର ବିଶ୍ୱାସ ହୋଇଛି ଯେ ତୁମେ ଧର୍ମ ବିଷୟରେ ତୁମର ମତ ପରିବର୍ତ୍ତନ

Digitized by srujanika@gmail.com

କରିବାକୁ ପ୍ରସ୍ତୁତ। ତୁମେ କାଲି ମୋପାଖକୁ ଆସି ନିଜର ପାପ ସ୍ୱୀକାର କରିପିବ ; ମୁଁ ତୁମକୁ ଦୁଇଥର ପରୀକ୍ଷା କରି ଜାଣିବାକୁ ଚାହେଁ।"

ସାବତ୍‌ର ଅଜ୍ଞାତରେ ତା ମୁହଁରୁ ବାହାରିପଡ଼ିଲା, "ଏଁ, ଦୁଇଥର ?"

ପାର୍ସନ ହସି ହସି କହିଲେ, "ହଁ, ଦୁଇ ଥର। ତୁମର ଭ୍ରାନ୍ତ ଧାରଣାକୁ ପୂର୍ଣ୍ଣମାତ୍ରାରେ ଦୂର କରିବା ଉଚିତ। ଥରକରେ ସବୁ ମଇଳା ଘୁଞ୍ଚିନପାରେ। ମୁଁ କାଲି ତୁମକୁ ଅପେକ୍ଷା କରି ରହିଥିବି।"

ବିଚଳିତ ହୋଇ ସାବତ୍ ପଚାରିଲା, "ଆପଣ କେଉଁଠାରେ ମୋର ସ୍ୱୀକାରୋକ୍ତି ଗ୍ରହଣ କରିବେ ?"

ପାର୍ସନ ଉତ୍ତର କଲେ, "କାହିଁକି ? ଏଇ ଗୀର୍ଜାରେ। ସେଥିପାଇଁ ଗୀର୍ଜାରେ ସ୍ଥାନ ନିର୍ଦ୍ଦିଷ୍ଟ ଅଛି।"

ସାବତ୍—କଅଣ କହୁଛନ୍ତି ? ଗୀର୍ଜାର କଣରେ ? ସେଇ ବାକ୍‌ସ ଉପରେ ? ଦେଖନ୍ତୁ, ମୁଁ ସେ ବାକ୍‌ସକୁ ଘୃଣାକରେଁ।

ପାର୍ସନ—କାହିଁକି ? ଘୃଣା କରିବାର କାରଣ କଣ ?

ସାବତ୍—କାରଣ, ମୁଁ ସେଥିରେ ଅଭ୍ୟସ୍ତ ନୁହେଁ। ଆଉ ଗୋଟିଏ କଥା; ମୁଁ ଟିକିଏ କାଲା, ଭଲ ଶୁଣିପାରେ ନାହିଁ।

ପାର୍ସନ—ଆଚ୍ଛା, ତେବେ ଗୋଟାଏ କାମ କରାଯାଉ। ତୁମେ ମୋ ଘରକୁ ଆସିବ। ମୋର ପଢ଼ାଘରେ ଘରୋଇ ଭାବରେ ତୁମର ପାପ ସ୍ୱୀକାର କରିପିବ। ଏଥିରେ ତୁମର କିଛି ଅସୁବିଧା ହେବ ?

ସାବତ୍—ନା, ସେଥିରେ ମୋର ଅସୁବିଧା ହେବନାହିଁ। କିନ୍ତୁ ସେ ବାକ୍‌ସ କଥା ମୋତେ କହନ୍ତୁ ନାହିଁ।

ପାର୍ସନ—ତାହାହେଲେ କାଲି କାମ ସାରି ସନ୍ଧ୍ୟା ଛଅଟା ବେଳକୁ ତୁମର ଆସିବା ଠିକ୍ ହେଲା ?

Digitized by srujanika@gmail.com

ସାବତ୍—ବେଶ୍, ଆପଣଙ୍କ ପ୍ରସ୍ତାବ ଅତି ଉତ୍ତମ । କାଲି ସନ୍ଧ୍ୟା ଛଅଟା ବେଳେ ମୁଁ ଆପଣଙ୍କ ପଡ଼ାଘରେ ଦେଖାକରିବି । ମରଦ୍‌କା ବାତ୍ ହାତିକା ଦାନ୍ତ୍ ! ଜବାବ୍ ଦେଇ ଯିଏ କଥା ନ ରଖେ ତାକୁ ମୁଁ ଘୃଣାକରେ ।

ସାବତ୍ ଏହା କହି ଡାହାଣହାତଟି ବଢ଼ାଇଦେଲା । ପାର୍ସନ ମଧ୍ୟ ଖୁବ୍ ଜୋର୍‌ରେ ନିଜ ହାତଟି ତାର ହାତଉପରେ ପିଟିଦେବାରୁ ଗୋଟାଏ ଶବ୍ଦ ହେଲା । ଗୀର୍ଜାଭିତରେ ସେହି ଶବ୍ଦର ପ୍ରତିଧ୍ୱନି କେତେବେଳଯାଏ ଶୁଣାଗଲା ।

ଏହାର ପରଦିନଟିଯାକ ସାବତ୍ ବଡ଼ ଅଶାନ୍ତି ଅନୁଭବ କଲା । ଡାକ୍ତରପାଖକୁ ଦାନ୍ତ ଉପାଡ଼ିବାପାଇଁ ଯିବା ପୂର୍ବରୁ ରୋଗୀ ଯେପରି ଭୟ କରେ, ତାର ସେହିପରି ଭୟ ହେଲା ।

ପ୍ରତି ମୁହୂର୍ତ୍ତରେ ସେ ଭାବୁଥିଲା, "ଆଜି ସନ୍ଧ୍ୟାରେ ମୋତେ ପାପ ସ୍ୱୀକାର କରିବାକୁ ପଡ଼ିବ ।"

ସାବତ୍ ଯେ ଠିକ୍ ନାସ୍ତିକ ଥିଲା, ତାହା ନୁହେଁ । ଈଶ୍ୱର ଅଛନ୍ତି କି ନାହିଁ, ଏ ବିଷୟରେ ତାର ସନ୍ଦେହ ଥିଲା । ତା ପକ୍ଷରେ ଈଶ୍ୱର ରହସ୍ୟମୟ । ଏହି ରହସ୍ୟମୟ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ବିଷୟ ଚିନ୍ତାକରି ତାର ଅନ୍ତର ଭୀଷଣ କଷ୍ଟ ଅନୁଭବ କରୁଥିଲା ।

ଦିନର କାମ ଶେଷକରି ସାବତ୍ ପାର୍ସନଙ୍କ ଘରକୁ ଗଲା । ସେତେବେଳକୁ ପାର୍ସନ ମହାଶୟ ବଗିଚାରେ ବୁଲି ବୁଲି ଖଣ୍ଡିଏ ଧର୍ମଗ୍ରନ୍ଥ ପଢ଼ୁଥିଲେ । ସାବତ୍ ଆସୁଥିବାର ଦେଖି ସେ ଆନନ୍ଦପ୍ରକାଶ କଲେ ଓ ହସି ହସି ସ୍ୱାଗତ ଜଣାଇ କହିଲେ, "ଆସ ସାବତ୍, ଘରଭିତରକୁ ଚାଲ । ଏଠାରେ ଭୟର କିଛି କାରଣ ନାହିଁ ।"

Digitized by srujanika@gmail.com

ସାବତ୍ ପାଦ୍ରୀଙ୍କ ସହିତ ଘରଭିତରକୁ ଯାଇ କହିଲା, "ମହାଶୟ, ଗୀର୍ଜାର ବାକ୍ସଉପରେ ପାପ ସ୍ୱୀକାରକରିବା ଯାହା, ଏଠାରେ ଆପଣଙ୍କ ପଢ଼ାଘରେ କରିବା ମଧ୍ୟ ସେଇଆ। ତେଣୁ ମୋର କାର୍ଯ୍ୟଟା ଶୀଘ୍ର ଶେଷ ହୋଇଯିବା ମୋର ଇଚ୍ଛା।"

ପାର୍ସନ—ମୁଁ ତ ତୁମରି କାର୍ଯ୍ୟପାଇଁ ପ୍ରସ୍ତୁତ ହୋଇ ରହିଛି। ଏଇ ମୋର ଧଳା ଗାଉନ୍ ରଖାହୋଇଛି। ଆଉ ମାତ୍ର ମୁହୂର୍ତ୍ତକରେ ମୁଁ ତୁମର ସ୍ୱୀକାରୋକ୍ତି ଗ୍ରହଣକରିବାକୁ ପୂରା ପ୍ରସ୍ତୁତ ହୋଇଯିବି।

ଏହା କହି ସେ ଧଳା ଗାଉନଟି ପିନ୍ଧିଲେ। ସାବତ୍ ତାଙ୍କୁ ଚାହିଁ ରହିଥାଏ। ସେତେବେଳକୁ ତାର ମନ ବ୍ୟସ୍ତବ୍ୟସ୍ତ ହେଉଥାଏ।

ପାର୍ସନ ହାତର ସଙ୍କେତ ଦେଇ କହିଲେ, "ଏହି ଗଦିଉପରେ ଆଣ୍ଠୁମାଡ଼ି ବସ।"

ଆଣ୍ଠୁମାଡ଼ି ବସିବାପାଇଁ ସାବତ୍‌କୁ ଲଜ୍ଜା ହେଲା। ସେ ରହି ରହି ପଚାରିଲା, "ଆଣ୍ଠୁମାଡ଼ି ବସି ସ୍ୱୀକାରକରିବା ଓ ଛିଡ଼ାହୋଇ ସ୍ୱୀକାରକରିବା ଭିତରେ କିଛି ପ୍ରଭେଦ ଅଛି ?"

ପାର୍ସନ ଗମ୍ଭୀରହୋଇ ଗର୍ବ ଦେଖାଇଲା ପରି କହିଲେ, "ପାପ ସ୍ୱୀକାରକରି ଅନୁତାପ କରିବାକୁ ହେଲେ ଆଣ୍ଠୁମାଡ଼ି ବସିବାକୁ ହିଁ ହେବ।"

ସାବତ୍ ଆଣ୍ଠୁମାଡ଼ି ବସିଲା।

ପାର୍ସନ ଆଦେଶ ଦେଲେ, "ଏବେ ବିଧି ଅନୁସାରେ ପ୍ରାର୍ଥନା କରି ପାପ ସ୍ୱୀକାର କରିଯାଅ।"

ସାବତ୍ ହତବୁଦ୍ଧି ହେଲାଭଳି କେବଳ କହିଲା, "ଏଁ... ।"

ପାର୍ସନ କହିଲେ, "ଯଦି ତୁମେ ପ୍ରାର୍ଥନା ଜାଣନାହିଁ, ମୁଁ ପଦ ପଦ କରି ଯାହା କହୁଛି, ତୁମେ ତାହା କହିଯାଅ।"

Digitized by srujanika@gmail.com

ପାର୍ସନ ପବିତ୍ର ପ୍ରାର୍ଥନାଟି ପଦ ପଦ କରି ଆବୃତ୍ତି କଲେ ; ସଙ୍ଗେ ସଙ୍ଗେ ସାବତ୍ ସେହି ପଦଗୁଡ଼ିକ ଉଚ୍ଚାରଣ କଲା ।

ପ୍ରାର୍ଥନା ଶେଷ ହେଲା ଉତ୍ତାରେ ପାର୍ସନ କହିଲେ, "ଏବେ ପାପ ସ୍ୱୀକାର କରିଯାଅ ।"

ସାବତ୍ କଅଣ କହି କପରି ଆରମ୍ଭ କରିବ ସ୍ଥିରକରିନପାରି ଚୁପ୍‌ହୋଇ ରହିଲା । ପାର୍ସନ ମହାଶୟ ତାର ଅବସ୍ଥା ବୁଝି ତାକୁ ସାହାଯ୍ୟକରିବା ଉଦ୍ଦେଶ୍ୟରେ କହିଲେ, "ମୁଁ ଦେଖୁଛି, ତୁମେ ଏ ବିଷୟରେ ଆଦୌ ଅଭ୍ୟସ୍ତ ନୁହ । ତେଣୁ ମୁଁ ପ୍ରଶ୍ନ ପଚାରି ତୁମଠାରୁ ଉତ୍ତର ଆଦାୟ କରିବି । ପ୍ରଥମେ ଆମେ ଭଗବାନଙ୍କ ଆଜ୍ଞାଗୁଡ଼ିକ ଗୋଟିକ ପରେ ଗୋଟିଏ ଆରମ୍ଭ କରିବା । ମୁଁ ଯାହା କହୁଛି, ମନଦେଇ ଶୁଣ । ତାହା ପରେ ଉତ୍ତର ଦିଅ । ମନରେ କଷ୍ଟକରିବାର କାରଣ ନାହିଁ । ସ୍ପଷ୍ଟଭାବରେ ସତକଥା କହିଯିବ । କିଛି ଲୁଚାଇବ ନାହିଁ କି ଭୟ କରିବନାହିଁ । ପ୍ରଥମ ଆଜ୍ଞା ହେଉଛି—ତୁମେ ଏକମାତ୍ର ଈଶ୍ୱରଙ୍କୁ ପୂଜାକରିବ ଓ ଅନ୍ତରର ସହିତ ତାଙ୍କୁ ଭକ୍ତିକରିବ । ତୁମେ କାହାରିକୁ ବା କୌଣସି ପଦାର୍ଥକୁ ଈଶ୍ୱରଙ୍କ ତୁଲ୍ୟ ଭଲ ପାଇଛ କି ? ତୁମର ସମସ୍ତ ଅନ୍ତରଦେଇ, ସମସ୍ତ ଆତ୍ମା ଦେଇ, ସମସ୍ତ ଶକ୍ତି ଦେଇ ଈଶ୍ୱରଙ୍କୁ ପ୍ରେମ କରିଛ କି ?"

ସାବତ୍ ଗଭୀର ଚିନ୍ତାରେ ମଗ୍ନ ହୋଇଗଲା । ଚିନ୍ତାରେ ତାର ଦେହରୁ ଝାଳ ବୋହିଗଲା । ସେ କହିଲା, "ଧର୍ମାବତାର, ମୁଁ ଯଥା-ଶକ୍ତି ଈଶ୍ୱରଙ୍କୁ ଭଲପାଇଆସିଅଛି । ହଁ, ମୁଁ ଈଶ୍ୱରଙ୍କୁ ଭଲ ପାଏଁ । କିନ୍ତୁ ମୁଁ ମୋର ପିଲମାନଙ୍କୁ ଭଲପାଏନାହିଁ ବୋଲି କହି-ପାରିବିନାହିଁ । ଯଦି ମୋତେ ପଚରାଯାଏ—ପିଲମାନେ ଓ ଈଶ୍ୱର ଏ ଦୁହିଁଙ୍କ ଭିତରୁ କାହାକୁ ଭଲପାଅ ? ତାର ଉତ୍ତର ଦେବାକୁ ମୁଁ ଅକ୍ଷମ । ଈଶ୍ୱରଙ୍କ ପ୍ରେମ ପକାଶେ ଯଦି ମୋତେ ଶହେ ଫ୍ରାଙ୍କ ହରାଇ-

Digitized by srujanika@gmail.com

ବାକୁ ପଡ଼େ ତେବେ ମୁଁ ଈଶ୍ୱରଙ୍କୁ ପ୍ରେମ କରିବ ବୋଲି କହି ନପାରେଁ କିନ୍ତୁ ମୁଁ ଯେ ଈଶ୍ୱରଙ୍କୁ ଭଲପାଏ ଏହା ନିଃସନ୍ଦେହ ।"

ପାର୍ସନ ଗମ୍ଭୀର ସ୍ୱରରେ କହିଲେ, "ପୃଥିବୀରେ ଅନ୍ୟ ସମସ୍ତଙ୍କଠାରୁ ତୁମେ ଈଶ୍ୱରଙ୍କୁ ଅଧିକ ଭଲପାଇବା ଉଚିତ ।"

ସାବତ୍ ସରଳ ଅନ୍ତଃକରଣରେ କହିଲି, "ଧର୍ମାବତାର, ମୁଁ ତାହା କରିବାକୁ ଯଥାଶକ୍ତି ଚେଷ୍ଟା କରିବ ।"

ପାର୍ସନ ଦ୍ୱିତୀୟ ଆଜ୍ଞା ପାଠକଲେ—ତୁମେ ଈଶ୍ୱରଙ୍କ ନାମରେ ବା ଅନ୍ୟ କାହାରି ନାମରେ ଶପଥ କରିବ ନାହିଁ । ତୁମେ କେବେ କେବେ ଶପଥ କରିଛ କି ?

ସାବତ୍ ଉତ୍ତର କଲି, "ନା, ନା, ମୁଁ କେବେ ହେଲେ ଶପଥ କରେ ନାହିଁ । ତେବେ ବେଳେ ବେଳେ ରାଗିଯାଇ ମୁଁ କହିଛି 'ସେ ଈଶ୍ୱରଙ୍କ କଥା ଛାଡ଼ିଦିଅ'; କିନ୍ତୁ ମୁଁ କେବେ ଶପଥ କରି-ନାହିଁ ।"

ପାର୍ସନ କହିଲେ, "ସେପରି କହିବା ଯାହା, ଶପଥ କରିବା ତାହା । ଯାହା ହେଉ, ଏଣିକି ସେପରି କହିବ ନାହିଁ । ଏବେ ତୃତୀୟ ଆଜ୍ଞାଟି ଶୁଣ—ରବିବାରଟି ପୂର୍ଣ୍ଣମାତ୍ରାରେ ଈଶ୍ୱରଙ୍କୁ ଅନ୍ତରର ସହିତ ସେବା କରିବାରେ କଟାଇବ । ତୁମେ ରବିବାରଦିନ କଅଣ କର ?"

ସାବତ୍ କିଛି ଉତ୍ତର ଦେଇନପାରି କେବଳ ମୁଣ୍ଡରେ ଆଙ୍ଗୁଳି ଚଳାଇବାରେ ଲାଗିଲି । କିଛି ସମୟ ପରେ ସେ କହିଲି, "ଧର୍ମାବତାର, ମୋର ସାଧ୍ୟ ଅନୁସାରେ ମୁଁ ଈଶ୍ୱରଙ୍କ ସେବା କରିଥାଏ । ମୁଁ ଘରେ କାର୍ଯ୍ୟ କରିବାଦ୍ୱାରା ତାଙ୍କର ସେବା କରେ । ରବିବାର ଦିନ ମଧ୍ୟ ମୁଁ କାମ କରିଥାଏ ।"

Digitized by srujanika@gmail.com

ପାର୍ସନ ଉଦାରତା ଦେଖାଇ ସାବତ୍‌କୁ ଆଉ କିଛି କହିବାକୁ ନଦେଇ କହିଲେ, "ମୋର ବିଶ୍ୱାସ, ଭବିଷ୍ୟତରେ ତୁମେ ଏ ଦିଗରେ ଚେଷ୍ଟା କରିବ । ଏହା ପରେ ଥିବା ତିନୋଟି ଆଜ୍ଞା ବିଷୟରେ ପଚାରିବା ଦରକାର ନାହିଁ । ମୋର ଦୃଢ଼ ବିଶ୍ୱାସ, ତୁମେ ସେ ଆଜ୍ଞା ଲଙ୍ଘନ କରିନାହଁ । ବର୍ତ୍ତମାନ ଷଷ୍ଠ ଆଜ୍ଞା ସହିତ ନବମ ଆଜ୍ଞା ଶୁଣ—'ତୁମେ ଅନ୍ୟର ଦ୍ରବ୍ୟ ଅପହରଣ କରିବ ନାହିଁ କିମ୍ବା ଜ୍ଞାତସାରରେ ପରର ଦ୍ରବ୍ୟ ରଖିବ ନାହିଁ ।' ଯାହା ତୁମର ନୁହେ, ଏପରି ଜିନିଷ କାହାରିଠାରୁ ନେଇଛ କି ?"

ସାବତ୍ ଏ ପ୍ରଶ୍ନ ଶୁଣି ମନେ ମନେ ରାଗିଉଠିଲା । ସେ କହିଲା, "ଏଭଳି ହୀନ କାର୍ଯ୍ୟ ମୁଁ କେବେ କରିନାହିଁ । ମୁଁ ଶପଥ କରି କହିପାରେ—ମୁଁ ଅସତ୍ ନୁହେଁ; କିନ୍ତୁ କୌଣସି କାମ ଯେତିକି ସମୟଭିତରେ କରାଯାଇପାରନ୍ତା ତାକୁ କରିବାରେ ମୁଁ ଯେ ଘଣ୍ଟାଏ ଅଧେ ବେଶୀ ସମୟ ନେଇନାହିଁ, ତାହା କହିପାରିବି ନାହିଁ । ମୋର ପାଉଣାରେ ଯେ ସାମାନ୍ୟ କିଛି ଅଧିକା ଦାବୀ କରି-ନାହିଁ, ସେ କଥା କହିପାରିବିନାହିଁ । କିନ୍ତୁ ଧର୍ମାବତାର, ମୁଁ ଚୋରି କରିନାହିଁ, କାହାରି ଜିନିଷ ନେଇ ରଖିନାହିଁ । ନା, ନା, ମୁଁ କେବେ ଚୋର ନୁହେ ।"

ପାର୍ସନ କଠୋର ସ୍ୱରରେ କହିଲେ, "ସାମାନ୍ୟ ପଇସାଟିଏ ସୁଦ୍ଧା ଅନ୍ୟାୟରେ ନେବା ଏକପ୍ରକାର ଚୋରି । ଏଣିକି ସେପରି କରିବ ନାହିଁ । ହଁ, ଏହାର ପରବର୍ତ୍ତୀ ଆଜ୍ଞାଟି ହେଉଛି—'କୌଣସି ପ୍ରକାର ମିଥ୍ୟା ସାକ୍ଷ୍ୟ ଦେବନାହିଁ' । ତୁମେ କେବେ ମିଥ୍ୟା ସାକ୍ଷ୍ୟ ଦେଇଛ ?"

ସାବତ୍ ଉତ୍ତର କଲା, "ମୁଁ କେବେ ମିଥ୍ୟା କହିନାହିଁ । ମୋର ଗର୍ବ ହେଉଛି, ମୁଁ ମିଥ୍ୟାବାଦୀ ନୁହେ । କିନ୍ତୁ ଯଦି ବଢ଼େଇ

Digitized by srujanika@gmail.com

କରି ଗଳ୍ପ କରିବା କଥା ପଚ୍ଛରନ୍ତି, ତେବେ ମୁଁ ସେପରି ଗଳ୍ପ କରି-ନାହିଁ ବୋଲି କହିପାରିବି ନାହିଁ । ସୁବିଧା ପଡ଼ିଲେ କାହାରିକୁ ମିଥ୍ୟା କଥାରେ ବିଶ୍ୱାସ କରାଇବା ପାଇଁ କେବେ ଚେଷ୍ଟା କରି-ନାହିଁ ବୋଲି କହିପାରିବିନାହିଁ । କିନ୍ତୁ ମୁଁ ମିଥ୍ୟା କହିନାହିଁ ।"

ପାର୍ସନ ସଂକ୍ଷେପରେ ଉପଦେଶ ଦେଇ କହିଲେ, "ତୁମେ ଏଣିକି ନିଜକୁ ଜଗି ଚଳିବ । ତାହା ପରି ଆଜ୍ଞା ହେଉଛି—'ନିଜର ବିବାହିତା ପତ୍ନୀ ଛଡ଼ା ଅନ୍ୟ ରମଣୀର ଅଙ୍ଗସଙ୍ଗ କାମନା କରିବ ନାହିଁ ।'—ତୁମେ ନିଜ ଧର୍ମପତ୍ନୀ ଛଡ଼ା ଅନ୍ୟ କୌଣସି ନାରୀଠାରେ ଆସକ୍ତ ହୋଇ ତାକୁ ଉପଭୋଗ କରିଛ କି ?"

ସାବର୍ ଦୃଢ଼ ସ୍ୱରରେ ଉତ୍ତର କଲା, "ନା, ତା କଦାପି କରିନାହିଁ । ଧର୍ମାବତାର, ମୋର ହତଭାଗିନୀ ସ୍ତ୍ରୀକୁ ପ୍ରତାରଣା କରିବା ମୋର ଚିନ୍ତାର ବାହାରେ । କାର୍ଯ୍ୟରେ ଆଉ ଚିନ୍ତାରେ ମଧ୍ୟ ମୁଁ ଅନ୍ୟର ସ୍ତ୍ରୀକୁ ସ୍ଥାନ ଦେଇନାହିଁ । ଏହା ମୁଁ ଶପଥ କରି କହିପାରେ ।" ଟିକିଏ ରହିଯାଇ ସେ ନିଜ କଥାକୁ ସନ୍ଦେହ କଲାପରି ପୁଣି କହିଲା, "ହଁ, ଯେତେବେଳେ ମୁଁ ବଡ଼ ସହରକୁ ଯାଏଁ ସେତେବେଳେ ସେ ପଡ଼ାକୁ ଯାଇ ଟିକିଏ ମଉଜ କରେଁ—ମୋ କଥା ବୁଝିପାରୁଥିବେ—ଥରେ ଅଧେ ଯେ ଅନ୍ୟ ସ୍ତ୍ରୀ ସହିତ ମିଳାମିଶା ନ କରିଛି, ତାହା କହିପାରିବିନାହିଁ । କିନ୍ତୁ ଧର୍ମାବତାର, ମୁଁ ସେମାନଙ୍କୁ ପଇସା ଦେଇଥାଏଁ; ବରାବର ଦେଇଥାଏଁ । ଏଥିରେ କଅଣ ଦୋଷ ରହିଲା ?"

ପାର୍ସନ ସାବର୍‌ର କଥାରେ ପ୍ରତିବାଦ ନ କରି ତାକୁ ସମସ୍ତ ପାପରୁ କ୍ଷମା ଦେଲେ ।

ସାବର୍ ସେହିଦିନଠାରୁ ଗୀର୍ଜାର ମରାମତି କାମ ପାଇଲା । ତାହା ପରେ ସେ ପ୍ରତି ମାସରେ ଗୀର୍ଜାକୁ ଯାଇ ପ୍ରାର୍ଥନା ସଭାରେ ଯୋଗ ଦେଉଥିବାର ଦେଖାଗଲା ।

Digitized by srujanika@gmail.com

ମୁଁ ଫେରିଆସିଛି

ସମୁଦ୍ରର ଛୋଟ ଛୋଟ ଲହରୀଗୁଡ଼ିକ ଗୋଟିକ ପରେ ଗୋଟିଏ କୂଳରେ ପିଟିହୋଇ ଫେରିଯାଉଛନ୍ତି । ନୀଳ ଆକାଶରେ ଖଣ୍ଡେ ଖଣ୍ଡେ ଧଳା ମେଘ ଚଢ଼େଇ ଉଡ଼ିଗଲାପରି ପବନରେ ଭାସି-ଯାଉଛନ୍ତି । ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ଉପତ୍ୟକାରେ ଯେଉଁ ଗ୍ରାମଟି ଅଛି, ସେଇଟି ସୂର୍ଯ୍ୟର କୋମଳ କିରଣରେ ଘୁମେଇ ପଡ଼ିଥିଲାପରି ବୋଧ ହେଉଛି ।

ଗାଁ ଭିତରକୁ ରାସ୍ତାଟିଏ ଯାଇଛି । ତାହାର ପାଖରେ ମାର୍ଟିନ ଲେଭେଷ୍ଟଙ୍କର କୁଡ଼ିଆ ଘରଟି । କେଉଟର କୁଡ଼ିଆ ଘର, ମାଟି କାନ୍ଥ ଓ ନଡ଼ା ଛାତରେ ତିଆରି । ଘର ଆଗରେ ରଙ୍ଗକଣିଆ ଛୋଟ ବଗିଚାଟିଏ । ସେଥିରେ କେତେଗୁଡ଼ିଏ ପିଆଜ, କୋବି, ଧନିଆଁ ଓ ଅନ୍ୟାନ୍ୟ ଗଛ । ରାସ୍ତା ଧାରକୁ ବଗିଚାର ବାଡ଼ ।

ଘରର ମୁରବି ମାଛଧରି ଯାଇଛି । ତାର ସ୍ତ୍ରୀ କାନ୍ଥ ଉପରେ ପ୍ରକାଣ୍ଡ ବୁଢ଼ିଆଣି ଜାଲଭଳି ଗୋଟାଏ ଜାଲ ଝୁଲାଇଦେଇ ଚିରା କଣାଗୁଡ଼ିକ ମରାମତି କରିବାରେ ଲାଗିଛି । ବାଡ଼କୁ ଲାଗି ଗୋଟିଏ ବେତ ଚଉକି ପଡ଼ିଛି । ତା ଉପରେ ଚଉଦବର୍ଷର ଗୋଟିଏ ଝିଅ ବସିଛି । ଚଉକିଟି ବାଡ଼ ଉପରକୁ ଆଉଜି ରହିଛି । ମାଆଭଳି ଝିଅ ମଧ୍ୟ ଗୋଟିଏ ଚିରା ଜାମା ମରାମତି କରୁଛି । ଜାମାଟି ଅତି ପୁରୁଣା; ଆଗରୁ ଅନେକ ଜାଗାରେ ମରାମତି ହୋଇଛି, ଅନେକ

Digitized by srujanika@gmail.com

ଚାଳ ପଡ଼ିଛି । ତା ଠାରୁ ପ୍ରାୟ ବର୍ଷେ କମ୍ ହେବ ଆଉ ଗୋଟିଏ ଝିଅ ଗୋଟିଏ ଗ୍ରେଟ ଶିଶୁକୁ କୋଳରେ ଧରି ଝୁଲାଉଛି । ଶିଶୁଟି ଭଲ ଶିଖିନାହିଁ କି କଥା କହି ଶିଖିନାହିଁ । ଦୁଇ ତିନ ବର୍ଷର ଆଉ ଯୋଡ଼ିଏ ପିଲା ମୁହାଁମୁହିଁ ହୋଇ ଭୂଇଁ ଉପରେ ବସିଛନ୍ତି । ଦୁହେଁଯାକ ଆଙ୍ଗୁଳରେ ମାଟି ଖୋଳି ପରସ୍ପର ଫିଙ୍ଗାଫିଙ୍ଗି ହେଉଛନ୍ତି ।

କାହାରି ତୁଣ୍ଡରେ କଥା ନାହିଁ । କେବଳ ଝିଅର କୋଳରେ ଥିବା ପିଲାଟି କ୍ରମାଗତ ଧୀରେ କରୁଣ ସ୍ୱରରେ କାନ୍ଦୁଛି । ଝରକା କାନ୍ଥି ଉପରେ ଗୋଟାଏ ବିରାଡ଼ି ଶୋଇଛି । କାନ୍ଥମୂଳରେ ଗୁଡ଼ିଏ ମହୁଲି ଫୁଲ ପଡ଼ି ଧଳା ଫୁଲ ପେନ୍ଥାଟିଏ ପରି ଦିଶୁଛି । ତାହା ଉପରେ ପଲେ ମାଛି ଭଣଭଣ ହେଉଛନ୍ତି ।

ଜାମା ମରାମତି କରୁଥିବା ଝିଅଟି ହଠାତ୍ ଡାକ ପକାଇଲା, "ମାଆ !"

ମାଆ ଉତ୍ତର କଲା, "କଅଣ ଝିଅ !"

ଝିଅ କହିଲା, "ଦେଖିଲୁ, ହେଇଟି ସେ ଲୋକଟା ପୁଣି ଏଠିକି ଆସିଲାଣି ।"

ସେଦିନ ସକାଳୁ ଘରର ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି । ବୁଢ଼ା ଭିକାରି ଭଳିଆ ଜଣେ ଲୋକ ସକାଳୁ ଘର ଚାରି ପାଖେ ବୁଲୁଛି । ସକାଳେ ବାପାକୁ ସମୁଦ୍ରକୂଳରେ ଛାଡ଼ିଆସିବାକୁ ଗଲା-ବେଳେ ପିଲାମାନେ ଏଇ ଲୋକଟାକୁ ଦେଖିଥିଲେ । ସେତେବେଳେ ସେ ଘରପାଖ ନାଳବନ୍ଧ ଉପରେ ବସିଥିଲା । ସମୁଦ୍ରକୂଳରୁ ଫେରିଲା ବେଳକୁ ସେ ଘର ଆଡ଼କୁ ଚାହିଁରହିଥିଲା ।

ଲୋକଟା ବେମାରିଆ, ଆଉ ଅତି ଗରିବ ପରି ଜଣାପଡ଼ୁଥିଲା । ଘଣ୍ଟାକରୁ ବେଶି ବେଳଯାଏ ସେ ଏକ ସ୍ଥାନରେ ବସିରହିଲା ।

Digitized by srujanika@gmail.com

ତାର ଦେହ ଟିକିଏ ହେଲେ ହଲ୍‌ଚଲ୍ ହେଉନଥିଲା । ଘରର ଲୋକେ ତାକୁ ଶୋର କି ଡକାଏତ ବୋଲି ସନ୍ଦେହ କରୁଥିବାର ଜାଣିପାରି ସେ ଚାଲିଯାଇଥିଲା ।

ଅଳ୍ପ ସମୟ ପରେ ସେ ପୁଣି ଗୋଟେଇ ଗୋଟେଇ ଆସି ଆଗ ଜାଗାଠାରୁ ଟିକିଟି ଦୂରରେ ବସିପଡ଼ିଲା । ସତେ ଅବା ଘରର ଲୋକେ କିଏ କଅଣ କରୁଛନ୍ତି, ସେ ନଜର କରୁଥିଲା ।

ଝିଅ ଦୁହେଁ ଓ ସେମାନଙ୍କ ମାଆ ବଡ଼ ଭୟ କଲେ । ବିଶେଷତଃ ମାଆର ସବୁଠାରୁ ବେଶି ଭୟ । ସ୍ୱଭାବତଃ ସେ ଭୟାଳୁ ; ପୁଣି ଘରେ କେହି ପୁରୁଷ ଲୋକ ନାହାନ୍ତି । ସନ୍ଧ୍ୟା ପୂର୍ବରୁ ସ୍ୱାମୀ ଘରକୁ ଫେରିବାର ଆଶା ନାହିଁ । ତେଣୁ ତାର ଭୟ ବେଶି ହେବା ବିଚିତ୍ର ନୁହେଁ ।

ତାର ସ୍ୱାମୀର ନାମ ଥିଲା ଲେଭେଷ୍ଟ; ତାର ନାମ ଥିଲା ମାର୍ଟିନା । ବିବାହ ପରେ ସେ ଦୁହିଙ୍କର ନାମ ମିଳି ହେଲା ମାର୍ଟିନ-ଲେଭେଷ୍ଟ । କାହିଁକି ଏପରି ନାମକରଣ ହେଲା, ସେକଥା କହିଦେବା ଦରକାର । ଏଥିପୂର୍ବରୁ ମାର୍ଟିନର ଜଣେ ନାବିକ ସହିତ ବିବାହ ହୋଇଥିଲା । ସେ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ କଡ଼ମାଛ ଧରିବାପାଇଁ ଯାଉଥିଲା । ଏହି ନାବିକର ନାମ ଥିଲା ମାର୍ଟିନ । ବିବାହ କରିବାର ଦୁଇବର୍ଷ ମଧ୍ୟରେ ତାର ଗୋଟିଏ ଝିଅ ହୋଇଥିଲା । ପୁଣି ଛଅ ମାସ ଗର୍ଭ ହୋଇଥିଲାବେଳେ ତା ସ୍ୱାମୀ ଯେଉଁ ଜାହାଜରେ ଯାଉଥିଲା ତାହା ବାଟରେ ବୁଡ଼ିଗଲା । ଜାହାଜରୁ କେହି ଉଦ୍ଧାର ପାଇଥିବାର ଜଣାଯାଇନଥିଲା । ଲୋକଙ୍କର ବିଶ୍ୱାସ, ଜାହାଜ ସହିତ ସମସ୍ତ ନାବିକ ବିନଷ୍ଟ ହୋଇଥିଲେ ।

ଏଥିମଧ୍ୟରେ ମିସେସ୍ ମାର୍ଟିନର ଆଉ ଗୋଟିଏ ଝିଅ ଜନ୍ମ ହେଲା । ସ୍ୱାମୀ ନାହିଁ, ଘର ଚଳାଇବାକୁ ସେ ଏକା; ପିଲା ଦୁଇଟିର ତତ୍ତ୍ୱ ନେଇ ସେମାନଙ୍କ ଭରଣପୋଷଣର ବ୍ୟବସ୍ଥା କରିବା ତାକୁ

Digitized by srujanika@gmail.com

ବିଶେଷ କଷ୍ଟକର ହେଉଥାଏ । ଏହିପରି ଦଶ ବର୍ଷ ବିତିଗଲା । ତଥାପି ତାର ସ୍ୱାମୀର କିଛି ସମ୍ବାଦ ମିଳିଲା ନାହିଁ । ସେହି ଗ୍ରାମରେ ଲେଭେସ୍କ ବୋଲି ଆଉ ଜଣେ କେଉଟ ଥିଲା, ତାର ସ୍ତ୍ରୀ ଗୋଟିଏ ପୁଅକୁ ଜନ୍ମ ଦେଇ ପରେ ମରିଯାଇଥିଲା । ସେ ଦେଖିଲା, ମିସେସ୍ ମାର୍ଟିନର ବୟସ ସେତେ ବେଶି ନୁହେ । ଦେହରେ ବଳ ଅଛି । ଚେହେରା ମଧ୍ୟ ମନ୍ଦ ନୁହେ । ତେଣୁ ସେ ମିସେସ୍ ମାର୍ଟିନକୁ ବିବାହ କଲା । ଏହି ବିବାହର ତିନି ବର୍ଷ ଭିତରେ ସେମାନଙ୍କର ଦୁଇଟି ସନ୍ତାନ ହେଲେ ।

ମାର୍ଟିନ-ଲେଭେସ୍କ ବଡ଼ କଷ୍ଟରେ ଚଳୁଥିଲେ । ଅଟା ମହର୍ଘ । ତେଣୁ ଅଟା କିଣିଲା ପରେ ହାତରେ ପ୍ରାୟ ଆଉ କିଛି ରହୁନଥିଲା । ମାଂସ କେବେ ଘରକୁ ଆସୁନଥିଲା । ଶୀତଦିନେ ପ୍ରବଳ ପବନ ହେଲେ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇହୁଏନାହିଁ ; ହାତକୁ ପଇସାଟିଏ ଆସେ ନାହିଁ । ତେଣୁ ଅଟାତକ କିଣିବାପାଇଁ ମଧ୍ୟ ଧାର-ଉଧାର କରିବାକୁ ପଡ଼େ । ପିଲାଗୁଡ଼ିକ ଭଲ ଖାଇବାକୁ ଭଲ ପିନ୍ଧିବାକୁ ପାଉନଥିଲେ । ତଥାପି ସେମାନଙ୍କର ସ୍ୱାସ୍ଥ୍ୟ ମନ୍ଦ ନଥିଲା । ପାଖପଡ଼ିଶାମାନେ କହୁଥିଲେ, "ମାର୍ଟିନ-ଲେଭେସ୍କ ଦୁହେଁଯାକ ଖୁବ ଭଲ ଲୋକ । ମାର୍ଟିନ ଘରକାମ କରିବାକୁ ଧୁରନ୍ଧର ; ଲେଭେସ୍କ ଯେପରି ମାଛ ଧରି ଜାଣେ, ଆଉ କେହି ସେପରି ଜାଣନ୍ତି ନାହିଁ ।"

ବାଡ଼ପାଖେ ବସିଥିବା ଝିଅଟି କହିଲା, "ମାଆ, ସେ ଲୋକଟା ଆମକୁ ଚିହ୍ନିଥିଲାପରି ଜଣାପଡ଼ୁଛି, ବୋଧହୁଏ ସେ ଏପରଭିଲର କି ଔଜଟକ୍ସର ଜଣେ ଭିକାରି ହୋଇଥିବ ।"

ମାଆ ଏ କଥାଟାକୁ ସତ ବୋଲି ଭାବିଲା । ସେ ଯେ ଏମାନଙ୍କର ଚାର ନୁହେଁ ଏ ବିଷୟରେ କାହାରି ସନ୍ଦେହ ନଥିଲା ।

Digitized by srujanika@gmail.com

ଲୋକଟା କାଠ ପର ଏକା ଜାଗାରେ ବସି ସେହ କୁଡ଼ିଆ ଆଡ଼କୁ ଗ୍ରହିଁଥାଏ । ତା ଆଖିରେ ପଲକ ପଡ଼ୁନଥାଏ ।

ମାଆର ରାଗ ଚଢ଼ିଗଲା । ଆଗରୁ ସହଜେ ଭୟ ରହିଥିଲା । ସାହସ କର ସେ ଗୋଟାଏ କୋଦାଳ ଧର ଫାଟକ ପାଖକୁ ଗ୍ରଲି-ଗଲା । ବଡ଼ ପାଟିକର ସେ ତାକୁ ପଗ୍ରରିଲା, "ତୁ ଏଠି ଏମିତ ବସି କଅଣ କରୁଛୁ ?"

ଲୋକଟି ଧୀର ଭାବରେ କହିଲା, "ମୁଁ ଏଠାରେ ବସି ଟିକଏ ପବନ ଖାଉଛି । ମୁଁ ତୁମର କଛି କ୍ଷତ କଲି କ ?"

ମାର୍ଟିନ ପୁଣି କହିଲା, "ତୁ ଆମ ଘରକୁ ଗ୍ରହିଁ ସନ୍ଧାନ କରୁଛୁ ।"

ଲୋକଟି ଉତ୍ତର କଲା, "ମୁଁ କାହାର କଛି ଅନଷ୍ଟ କରୁ-ନାହିଁ । ରାସ୍ତା ଧାରରେ ବସିବାକୁ କଅଣ ମତେ ମନା ଅଛି ?"

ମାର୍ଟିନ ଏଥିର କ ଉତ୍ତର ଦେବ ଭାବନପାର ଘର ଭିତରକୁ ଗ୍ରଲିଗଲା ।

ଧୀରେ ଧୀରେ ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲେ । ଦି'ପହର ବେଳକୁ ଲୋକଟାର ଆଉ ଦେଖା ମିଳିଲାନାହିଁ । ପୁଣି ସନ୍ଧ୍ୟା ପୂର୍ବରୁ ପ୍ରାୟ ପାଞ୍ଚଟା ବେଳେ ସେ ସେହଠାରେ ଘୂରିବୁଲୁଥିବାର ଦେଖାଗଲା । ସନ୍ଧ୍ୟା ହେଲାରୁ ସେ କୁଆଡ଼େ ଗ୍ରଲିଗଲା ।

ସନ୍ଧ୍ୟା ପରେ ଲେଭେଷ୍ଟ ଘରକୁ ଆସି ସବୁ ଘଟଣା ଶୁଣି କହିଲା, "କିଏ ଗୋଟାଏ ବଦ୍‌ମାସ ଲୋକ ବୁଲୁଥିବ ।" ଖାଇ ପିଇ ସେ ନଶ୍ଚିନ୍ତରେ ଶୋଇଲା । କନ୍ତୁ ମାର୍ଟିନର ମନରେ ଚନ୍ତା ପୂରି ରହିଥାଏ । ସ୍ୱପ୍ନରେ ମଧ୍ୟ ସେ ଦେଖିଲା, ସେହ କଦାକାର ଗ୍ଳେଟା ବୁଢ଼ା ଲୋକଟା ତାକୁ ଗ୍ରହିଁ ବସିଛି ।

Digitized by srujanika@gmail.com

ସକାଳ ହେଲା । ବତାସିଆ ପବନ ବୋହୁଥିବାରୁ ସେଦିନ ଲେଭେସ୍କ ମାଛ ମାରିବାକୁ ଯିବ ନାହିଁ ବୋଲି ସ୍ଥିରକରି ତାରି ଜାଲ ମରାମତି କରିବାକୁ ବସିଲା । ତାର ସ୍ତ୍ରୀ ମଧ୍ୟ ତା ପାଖରେ ବସି ଜାଲ ମରାମତିରେ ସାହାଯ୍ୟ କରୁଥାଏ ।

ଦିନ ନଅଟା ବେଳକୁ ମାର୍ଟିନର ବଡ଼ ଝିଅଟି ଅଟା କିଣିବାକୁ ଯାଇଥିଲା । ସେ ଅଟା ଆଣି ଘରକୁ ପଶିଯିବା ମାତ୍ରେ କହିଲା, "ମାଆ, ମାଆ, ସେ ଲୋକଟା ପୁଣି ଆସିଛି ।" ଝିଅର ମୁହଁକୁ ଚାହିଁଲେ ଜଣାପଡୁଥାଏ, ସେ ଖୁବ୍ ଡରିଯାଇଛି ।

ମାଆ ମନରେ ଆଶଙ୍କା ଜନ୍ମିଲା । ସେ ସ୍ୱାମିକୁ କହିଲା, "ଯାଅ, ସେ ଲୋକଟାକୁ ତଡ଼ିଦିଅ । ସେ ଏଠିକି ଆସି ଆମ ଘରର ସନ୍ଧାନ ନେଉଛି କାହିଁକି ? ମୋ ମନରେ ନାନା ଭୟ ହେଉଛି ।"

ଲେଭେସ୍କ ଖୁବ୍ ସୁସ୍ଥ ସବଳ ଲୋକ; ନାଲିଆ ମୁହଁରେ ନାଲିଆ ଦାଢ଼ି । ଆଖି ଦୁଇଟି ନୀଳ ବର୍ଣ୍ଣ । ତା ଭିତରେ ତାରା ଦୁଇଟି ଉଜ୍ଜ୍ୱଳ ଦିଶୁଥାଏ । ତା ଗଳାରେ ସବୁବେଳେ ଗୋଟାଏ ମଫଲର ବନ୍ଧା ହୋଇଥାଏ । ସମୁଦ୍ରରେ ଥିଲାବେଳେ ଏହାଦ୍ୱାରା ସେ ନିଜକୁ ବର୍ଷା ଓ ପବନରୁ ରକ୍ଷାକରେ । ଧୀରେ ଧୀରେ ସେ ସେହି ଲୋକ ପାଖକୁ ଗଲା ।

ଦୁହେଁ କଥାବାର୍ତ୍ତା ହେଉଥାନ୍ତି, ମାଆ ଓ ପିଲାମାନେ ଦୂରରୁ ସେ ଦୁହିଁଙ୍କୁ ଚାହିଁଥାନ୍ତି । ଘଟନା କଅଣ ଜାଣିନପାରି ଅସ୍ଥିରତାରେ ସେମାନେ କମ୍ପି ଉଠୁଥାନ୍ତି ।

ହଠାତ୍ ସେହି ଅଜଣା ଲୋକଟି ବସିବା ସ୍ଥାନରୁ ଉଠି ଲେଭେସ୍କ ପଛେ ପଛେ ଗ୍ଲେଟେଇ ଗ୍ଲେଟେଇ ଘରଆଡ଼କୁ ଆସିଲା ।

ଭୟରେ ମିସେସ୍ ମାର୍ଟିନ ପଛକୁ ଘୁଞ୍ଚି ଆସିଲା । ଲେଭେସ୍କ ତାକୁ କହିଲା, "ଏହାଙ୍କୁ ଖଣ୍ଡେ ରୁଟି ଖାଇବାକୁ, ଦିଅ ଗିଲାସେ ମଦ ମଧ୍ୟ ପିଇବାକୁ ଦିଅ । ଦୁଇଦିନ ହେଲା ସେ କିଛି ଖାଇନାହାନ୍ତି ।"

Digitized by srujanika@gmail.com

ଲେଭେଷ୍ଟ ଅଚହ୍ନା ଲୋକଟିକୁ ସଙ୍ଗରେ ନେଇ ଘର ଭିତରକୁ ଗଲା । ପଛେ ପଛେ ତାର ସ୍ତ୍ରୀ ଓ ପିଲାମାନେ ଚାଲିଲେ । ଲୋକଟି ବସି ଭାତକୁ ମୁହଁ କରି ଖାଇବାରେ ଲାଗିଲା ।

ମିସେସ୍ ମାର୍ଟିନ ଛିଡ଼ା ହୋଇ ଲୋକଟିକୁ ଚାହିଁ ରହିଲା । ବଡ଼ ଝିଅ ଦୁଇଟି କବାଟକୁ ଆଉଜି ଛିଡ଼ା ହୋଇଥାନ୍ତି । ଗୋଟିଏ ଝିଅ ସାନ ପିଲାଟିକୁ କୋଳରେ ଧରି ତା ଆଡ଼କୁ ଚାହିଁରହିଥାଏ । ସବା ସାନପିଲା ଦୁଇଟି ଚୁଲି ପାଖ ପାଉଁଶରେ ଖେଳୁଥାନ୍ତି । ସେମାନେ ମଧ୍ୟ ଖେଳ ଛାଡ଼ି ଲୋକଟିକୁ ଚାହିଁଲେ ।

ଲେଭେଷ୍ଟ ଲୋକଟିର ପାଖରେ ବସି ପଚାରିଲା, "ତୁମେ ତେବେ ଖୁବ୍ ଦୂରରୁ ଆସିଛ ।"

ଅପରିଚିତ ଲୋକ—"ହଁ, ସେଠିରୁ ।"

"କଅଣ, ଏମିତି ଚାଲି ଚାଲି ଆସିଛ ?"

"ହଁ, ହାତରେ ପଇସା ନଥିଲେ ଚାଲିବାକୁ ହିଁ ପଡ଼ିବ ।"

"ତୁମେ କେଉଁଠାକୁ ଯାଉଛ ?"

"ମୁଁ ତ ଏଇଠାକୁ ଆସୁଥିଲି ।"

"ଏଠାରେ ତୁମର କେହି ଚିହ୍ନା ଲୋକ ଅଛି ?"

"ଥାଇପାରନ୍ତି ।"

ଏତିକରେ କଥାବାର୍ତ୍ତା ବନ୍ଦ ହେଲା । ଲୋକଟି ଧୀରେ ଧୀରେ ଖାଉଥାଏ । କଳେ ଦୁଇକଳ ରୁଟି ଖାଇବା ପରେ ଟିକିଏ ମଦ ପିଉଥାଏ । ତାର ମୁହଁର ଚମ ଓହଳିପଡ଼ିଥିଲା, ଗାଲ ଦୁଇଟା ପଶିଯାଇଥିଲା । ଦେଖିଲାମାତ୍ରେ ଜଣାପଡ଼ୁଥିଲା, ସେ ଜୀବନରେ ନାନା ଦୁଃଖକଷ୍ଟ ଭୋଗିଛି ।

ହଠାତ୍ ଲେଭେଷ୍ଟ ପଚାରିଲା, "ତୁମର ନାଁ କଅଣ ?" ଲୋକଟି ମୁଣ୍ଡ ନ ଟେକି ଭାତକୁ ଚାହିଁ କହିଲା, "ମୋର ନାଁ ମାର୍ଟିନ ।"

Digitized by srujanika@gmail.com

ଏହା ଶୁଣିଲାମାତ୍ରେ ମିସେସ୍ ମାର୍ଟିନର ଦେହରେ ଗୋଟାଏ ଶିହରଣ ଖେଳଗଲା । ଲୋକଟିର ଚେହେରା ଭଲରୂପେ ଦେଖିବାପାଇଁ ସେ ପାଦେ ଆଗେଇଗଲା । ଲୋକଟିର ଆଗରେ ଛିଡ଼ାହୋଇ ସେ ତାର ମୁହଁକୁ ଚାହିଁରହିଲା । କାହାରି ତୁଣ୍ଡରୁ କଥା ବାହାରୁ-ନଥାଏ । ଶେଷରେ ଲେଭେସ୍କ ପଚାରିଲା, "ତୁମର ଘର କଅଣ ଏଇ ଅଞ୍ଚଳରେ ?" ଉତ୍ତର ମିଳିଲା, "ହଁ, ଏଇ ଅଞ୍ଚଳରେ ।"

ଏହା କହି ସେ ମୁଣ୍ଡ ଟେକି ମିସେସ୍ ମାର୍ଟିନର ମୁହଁକୁ ଚାହିଁଲା । ଦୁହିଁଙ୍କର ଆଖି ପରସ୍ପରର ଆଖିଉପରେ ଲାଗିରହିଲା । ହଠାତ୍ ମିସେସ୍ ମାର୍ଟିନ ଥର ଥର ସ୍ୱରରେ କହିଲା, "ତୁମେ କଅଣ ମୋର ସ୍ୱାମୀ, ମି: ମାର୍ଟିନ ?" ଅପରିଚିତ ଲୋକଟି ଉତ୍ତର କଲା, "ହଁ, ମୁଁ ସେଇ ମାର୍ଟିନ ।" ମିସେସ୍ ମାର୍ଟିନର ଦ୍ୱିତୀୟ ସ୍ୱାମୀ ଲେଭେସ୍କ ପଚାରିଲା, "ତୁମେ କେଉଁଠାରୁ ଆସିଲ ?"

ମାର୍ଟିନ ନିଜର ଜୀବନକାହାଣୀ କହିଗଲା ।

"ମୁଁ ଆଫ୍ରିକାର ଉପକୂଳରୁ ଆସିଛି । ଆମ ଜାହାଜଟି ଗୋଟିଏ ପ୍ରବାଳଦ୍ୱୀପରେ ଧକ୍କା ଲାଗି ଭାଙ୍ଗିଗଲା । ପିକାର୍ଡ୍, ଭେଟିନେଲ୍ ଓ ମୁଁ—ଏଇ ତିନିଜଣ ବଞ୍ଚିଗଲୁ । ଆଉ ସମସ୍ତେ ବୁଡ଼ି ମଲେ । ଆମେ ଯେଉଁ ଦ୍ୱୀପରେ ଲାଗିଲୁ ତାହାର ବର୍ବର ଅଧିବାସୀମାନେ ଆମକୁ ଧରିନେଇ ବାରବର୍ଷକାଳ ରଖିଥିଲେ । ପିକାର୍ଡ୍ ଓ ଭେଟିନେଲଙ୍କର ମୃତ୍ୟୁ ହୋଇଯାଇଅଛି । ଜଣେ ଇଂରେଜ ପରିବ୍ରାଜକ ମୋତେ ସେମାନଙ୍କ ହାତରୁ ଉଦ୍ଧାରକରି ସେଠିକୁ ନେଇ ଆସିଲେ । ସେଠିଠାରୁ ଏପର୍ଯ୍ୟନ୍ତ ମୁଁ କେବଳ ଚାଲିଚାଲି ଆସିଛି ।"

Digitized by srujanika@gmail.com

ମିସେସ୍ ମାର୍ଟିନ ମୁହଁରେ ଲୁଗା ଦେଇ କରିଁ କରିଁ ହୋଇ କାନ୍ଦିବାକୁ ଲାଗିଲା ।

ଲେଭେଷ୍କ ପଚାରିଲା, "ଆଚ୍ଛା, ଏବେ ଆମେ କଅଣ କରିବା ?"

ମାର୍ଟିନ କହିଲା, "ତୁମେ ଏବେ କଅଣ ମୋ ସ୍ତ୍ରୀର ସ୍ୱାମୀ ହୋଇଅଛ ?"

ଲେଭେଷ୍କ ଉତ୍ତର କଲା, "ହଁ, ମୁଁ ତାଙ୍କର ଦ୍ୱିତୀୟ ସ୍ୱାମୀ ।"

ଏବେ ତିନହେଁଯାକ ନୀରବରେ ପରସ୍ପରକୁ ଚାହିଁରହିଲେ ।

ମାର୍ଟିନ ପିଲାମାନଙ୍କୁ ଚାହିଁ ଶେଷରେ ବଡ଼ ଝିଅ ଦୁଇଟିଙ୍କୁ ଦେଖାଇ ପଚାରିଲା, "ଏ ଦୁହେଁ କଅଣ ମୋର ଝିଅ ?"

ଲେଭେଷ୍କ ଉତ୍ତର କଲା, "ହଁ, ସେ ଦୁହେଁ ତୁମର ।"

ମାର୍ଟିନ ଠିଆହେଲା ନାହିଁ, କି ସେ ଦୁହିଁଙ୍କୁ ଚୁମ୍ବନ ଦେଲାନାହିଁ । ପୂର୍ବପରି ବସିରହି ସେ କହିଲା, "ଓଃ, ପିଲାଦିଓଟି କେତେ ବଡ଼ ହୋଇଗଲେଣି ?"

ଲେଭେଷ୍କ ପୁଣି ସେହି ପୂର୍ବ ପ୍ରଶ୍ନ ପଚାରିଲା, "ଏବେ ଆମେ କଅଣ କରିବା ?"

ମାର୍ଟିନ ବଡ଼ ବିଚଳିତ ହୋଇପଡ଼ିଲା । ଶେଷରେ ସେ କହିଲା, "ତୁମେ ଯାହା କରିବାକୁ କହିବ, ସେଥିରେ ମୋର ରାଜି । ତୁମପ୍ରତି ଅନ୍ୟାୟ କରିବା ମୋର ଆଦୌ ଇଚ୍ଛା ନୁହେଁ । କିନ୍ତୁ ଏ ଘରକୁ ଚାହିଁଲାକ୍ଷଣି ମୁଁ ବିଚଳିତ ହୋଇପଡ଼ୁଛି । ମୋର ଦୁଇଟି ପିଲା ଅଛନ୍ତି ; ତୁମର ତିନୋଟି । ଆମ ଦୁହିଁଙ୍କର ସନ୍ତାନ ଅଛନ୍ତି । ଆଉ ସେମାନଙ୍କ ମାଆ କଥା । ତାକୁ ତୁମେ ରଖିବ କି ମୋତେ ଦେବ ? ଏ ବିଷୟରେ ତୁମେ ଯାହା ସ୍ଥିରକରିବ, ମୁଁ ତାହା ମାନିନେବାକୁ

Digitized by srujanika@gmail.com

ପ୍ରସ୍ତୁତ । କିନ୍ତୁ ଏ ଘରଟି ହେଉଛି ମୋର । ଏଇଟି ମୋର ଆମ ବାପଅମଳର ଘର । ଏଇ ଘରେ ମୋର ଜନ୍ମ ହୋଇଥିଲା । ଏ ଘରର ସ୍ୱତ୍ତ୍ୱ ବିଷୟରେ କାଗଜପତ୍ର ଓକିଲଙ୍କ ପାଖରେ ରହିଛି ।"

ମିସେସ୍ ମାର୍ଟିନ ସେତେବେଳଯାଏ କାନ୍ଦୁଥିଲା ; ମଝିରେ ମଝିରେ ଧକେଇ ପଡ଼ୁଥିଲା । ମୁହଁ ଲୁଗାକାନରେ ତାଙ୍କିହୋଇ ରହୁଥାଏ । ବଡ଼ଝିଅ ଦୁଓଟି ବୁଢ଼ାର ପାଖକୁ ଲଗିଆସି ତାର ମୁହଁକୁ ଚାହୁଁଥିଲେ । ଦୁହିଁଙ୍କର ମନରେ ଅଶାନ୍ତି ପୂରିଥାଏ ।

ଖାଇସାରିବା ପରେ ଏଥର ବୁଢ଼ା ପଚାରିଲା, "ଏବେ ଆମେ କଅଣ କରିବା ?"

ଲେଭେସ୍କ ଟିକିଏ ଚିନ୍ତାକରି କହିଲା, "ଚାଲ, ଗାଆଁର ପାଦ୍ରୀଙ୍କି ପଚାରିବା । ସେ ଗୋଟାଏ କିଛି ମୀମାଂସା କରିଦେବେ ।"

ମାର୍ଟିନ ଉଠିଯିବାକୁ ବାହାରିଲା । ଏହି ସମୟରେ ମିସେସ୍ ମାର୍ଟିନ ତାପାଖକୁ ଧାଇଁଆସିଲା ଓ ତାର ଛାତିରେ ମୁଣ୍ଡରଖି କାନ୍ଦ କାନ୍ଦ କହିଲା, "ତୁମେ, ତୁମେ ହେଉଛ ମୋର ସ୍ୱାମୀ ମାର୍ଟିନ !"

ମିସେସ୍ ମାର୍ଟିନ୍‌ର ମନରେ ଅତୀତର ସ୍ମୃତି ଜାଗି ଉଠିଲା । ମୁହୂର୍ତ୍ତକ ଭିତରେ ସେ ତାର ଯୌବନ କାଳର ଘଟନା ମନେ ପକାଇଲା । ସେ ମାର୍ଟିନକୁ ଦୁଇ ବାହୁରେ ଆଲିଙ୍ଗନ କରି ରହିଗଲା ।

ମାର୍ଟିନ ମଧ୍ୟ ଏକ ପରିବର୍ତ୍ତନ ଅନୁଭବ କଲା । ସେ ମିସେସ୍ ମାର୍ଟିନର ମସ୍ତକ ଚୁମ୍ବନ କଲା ! ମାଆ କାନ୍ଦୁଥିବାର ଦେଖି ଚୁଲି-ମୁଣ୍ଡରେ ଖେଳୁଥିବା ପିଲା ଦୁଇଟି ମଧ୍ୟ କାନ୍ଦିଉଠିଲେ । ସାନ ଝିଅଟିର କୋଳରେ ଥିବା ପିଲାଟି ହଠାତ୍ କାନ୍ଦିବାକୁ ଲଗିଲା ।

Digitized by srujanika@gmail.com

ଲେଭେସ୍କ ଠିଆ ହୋଇ କହିଲା, "ଆସ ଯିବା, କଥାଟାର ଗୋଟାଏ ନିଷ୍ପତ୍ତି ହୋଇଯାଉ ।"

ମାର୍ଟିନ ନିଜର ଭୂତପୂର୍ବ ସ୍ତ୍ରୀ ପାଖରୁ ଚାଲିଆସି ଝିଅ ଦୁଇଟିକୁ ଚାହିଁ ରହିଲା । ମିସେସ୍ ମାର୍ଟିନ ସେମାନଙ୍କୁ କହିଲା, "ଯାଅ, ତମ ବାପାଙ୍କୁ ଚୁମ୍ବନ କର ।"

ଦୁହେଁଯାକ ବିସ୍ମିତ ହୋଇ ବୁଢ଼ା ପାଖକୁ ଲାଗିଆସିଲେ । ମାର୍ଟିନ ସେ ଦୁହିଙ୍କୁ ଆଲିଙ୍ଗନ କରି ଚୁମ୍ବନ ଦେଲା । ଗ୍ରେଟ ପିଲାଟି ମାର୍ଟିନକୁ ଦେଖି ଭୟରେ କାନ୍ଦି ଉଠିଲା ।

ମି: ମାର୍ଟିନ ଓ ଲେଭେସ୍କ ଘରୁ ବାହାରିଗଲେ । କିଛି ଦୂର ଯିବା ପରେ କନସର୍ଟ ହୋଟେଲ ପଡ଼ିଲା । ଲେଭେସ୍କ କହିଲା, "ଟିକିଏ ମଦ ପିଇଗଲେ ହୁଅନ୍ତା ନାହିଁ ?"

ମାର୍ଟିନ ଉତ୍ତର କଲା, "ହଁ, ଟିକିଏ ମଦ ପିଇବା ମୋର ଇଚ୍ଛା ।"

ଦୁହେଁଯାକ ହୋଟେଲ ଭିତରକୁ ଯାଇ ବସିଲେ । ସେତେବେଳକୁ ହୋଟେଲରେ ଅନ୍ୟ କେହି ଗ୍ରାହକ ନଥିଲେ । ଲେଭେସ୍କ ବଡ଼ ପାଟି କରି କହିଲା, "ହେ ଚକଟ, ଖୁବ ଭଲ ମଦ ଦୁଇ ଗିଲାସ ଆଣ । ମୋ ସାଥିରେ ଏ କିଏ ଜାଣ ? ଏ ହେଉଛନ୍ତି ମି: ମାର୍ଟିନ, ଏତେଦିନ ପରେ ସେ ଫେରି ଆସିଛନ୍ତି । ତୁମେ ମାର୍ଟିନଙ୍କୁ ଚିହ୍ନିଥିବ; ମୋର ବର୍ତ୍ତମାନ ସ୍ତ୍ରୀର ସ୍ୱାମୀ । ସେ ଯେଉଁ ଜାହାଜରେ ଯାଇଥିଲେ, ସେଇଟି ବୁଡ଼ିଯାଇଥିବାର ତୁମେ ଶୁଣିଥିବ ।"

ହୋଟେଲର ମାଲିକ ଚକଟ ତିନି ଗ୍ଲାସ ମଦ ଓ କିଛି ପାଣି ଆଣି ଟେବୁଲ ଉପରେ ରଖିଦେଲେ । ତାଙ୍କର ମୁହଁଟି ଲାଲ; ପେଟଟି ବାହାରିପଡ଼ିଥାଏ । ସେ ଟେବୁଲ ପାଖରେ ବସିପଡ଼ି କହିଲେ, "ତେବେ ତୁମେ ଫେରିଆସିଛ, ମାର୍ଟିନ ?"

ମାର୍ଟିନ ଉତ୍ତର କଲା, "ହଁ, ମୁଁ ଫେରି ଆସିଛି ।"

Digitized by srujanika@gmail.com

ଭୌତିକ ବ୍ୟାପାର

ଦିନେ ସନ୍ଧ୍ୟା ସମୟରେ ଆମେ କେତେଜଣ ବନ୍ଧୁ ରିଜ୍‌ଗ୍ରୀନ୍‌ଭିଲ୍‌ର ଗୋଟିଏ ଘରେ ବସି ଗଳ୍ପ କରୁଥିଲୁ । ଅଳ୍ପଦିନତଳେ ଗୋଟାଏ ମୋକଦ୍ଦମା ଚାଲିଥିଲା । ସେଥିରେ ବିବାଦୀୟ ସମ୍ପତ୍ତି ଅନ୍ୟ ଜଣେ ଲୋକର ଜିମ୍ମାରେ ରଖାଯାଇଥିଲା । ଏହି ବିଷୟରେ କିଛି ବେଳଯାଏ ଆମର ଆଲୋଚନା ଚାଲିଲା । ତାହା ପରେ କଥା ହେଲା, ଉପସ୍ଥିତ ବନ୍ଧୁମାନଙ୍କ ଭିତରୁ ପ୍ରତ୍ୟେକେ ଗୋଟିଏ ଲେଖାଏଁ ଗଳ୍ପ କୁହନ୍ତୁ । କିନ୍ତୁ ଗଳ୍ପଟି ସତ୍ୟ ହୋଇଥିବା ଦରକାର । ଏହି ପ୍ରସ୍ତାବ ଶୁଣିଲା କ୍ଷଣି ମାର୍କୁଇସ ଯାମୁଏଲ ଉଠିପଡ଼ିଲେ ଓ ଟେବୁଲ ଉପରେ ଭର ଦେଇ ଛିଡ଼ାହେଲେ । ତାଙ୍କର ବୟସ ବୟାଅଶୀ ବର୍ଷ । ସେ ଧୀରେ ଧୀରେ କହିବାକୁ ଲାଗିଲେ :

"ମୁଁ ଗୋଟିଏ ବିଚିତ୍ର ଅନୁଭୂତି ବର୍ଣ୍ଣନା କରିବି । ସେଇଟି ଏତେ ଅଦ୍ଭୁତ ଯେ ମୋର ସାରା ଜୀବନରେ ତାହା ଭୁଲିପାରିନାହିଁ । ଘଟଣାଟି ଛପନ ବର୍ଷ ତଳେ ଘଟିଥିଲା କିନ୍ତୁ ତାହା ମୁଁ ଶତ ଶତ ବାର ସ୍ୱପ୍ନରେ ଦେଖିଛି । ଆପଣମାନେ ବୁଝିପାରୁଥିବେ, ସେହି ଘଟଣାର ଗୋଟାଏ ଭୟାବହ ଛାପ ମୋ ମନରେ ଆଜିଯାଏ ରହିଯାଇଛି । ଅବଶ୍ୟ ଘଟଣାଟି ମାତ୍ର ଦଶ ମିନିଟ ଭିତରେ ଘଟିଯାଇଥିଲା କିନ୍ତୁ ସେହି ଅଳ୍ପ ସମୟ ମଧ୍ୟରେ ମୁଁ ଯେଉଁ ଆତଙ୍କ ଅନୁଭବ କରିଥିଲି; ତାହା ଚିରଦିନପାଇଁ ମୋର ଅନ୍ତରକୁ କମ୍ପାଇ ଦେଉ-

Digitized by srujanika@gmail.com

ଅଛୁ । ସେହିଦିନଠାରୁ କୌଣସି ଅଜ୍ଞାତ ଶବ୍ଦ ଶୁଣିଲ ମାତ୍ରେ ମୁଁ ଭୟରେ ଥରଯାଏ; ରାତିର ଅନ୍ଧକାରରେ କୌଣସି ପଦାର୍ଥ ଜାଲୁ-ଜାଲୁଆ ଦେଖାଗଲେ ମୁଁ ଭୟରେ ସେଠାରୁ ପଳାଇ-ଯିବାକୁ ବସେ । ମୋଟ ଉପରେ କହିପାରେ, ରାତିରେ ମୋର ଖୁବ ଭୟ ହୁଏ ।

"ମୋର ଏ ବୃଦ୍ଧ ବୟସ ହୋଇନଥିଲେ ମୁଁ ଏକଥା ସ୍ୱୀକାର କରିନଥାନ୍ତି । ବର୍ତ୍ତମାନ ଏ ବୟସରେ ମୁଁ ଯାହାକଛି କହିପାରେ । କାଲ୍ପନିକ ବିପଦକୁ ସାହସର ସହିତ ସମ୍ମୁଖୀନ ହେବାପାଇଁ ବୟା-ଅଶୀ ବର୍ଷର ବୃଦ୍ଧକୁ କେହି ଉପଦେଶ ଦେବାକୁ ଯିବେନାହିଁ । ପ୍ରକୃତ ବିପଦ ଉପସ୍ଥିତ ହେଲାବେଳେ ମୁଁ କେବେ ପଛଘୁଞ୍ଚା ଦେଇନାହିଁ ।

"ସେହି ଘଟନାରେ ମୁଁ ଏତେଦୂର ବିଚଳିତ ହୋଇ-ଯାଇଥିଲି, ଏପରି ଗୋଟାଏ ଭୟରେ ଅଭିଭୂତ ହୋଇଯାଇଥିଲି, ଯେ ଆଜିଯାଏ ତାହା କାହାରି ଆଗରେ ପ୍ରକାଶ କରିନଥିଲି । ମୋର ସେହି ବିଷାଦମୟ ଗୋପନ କଥାଟି ହୃଦୟ ମଧ୍ୟରେ ଆଜିଯାଏ ଲୁଚାଇ ରଖିଥିଲି । ପ୍ରତ୍ୟେକ ଲୋକ ତାର ଜୀବନର ଏହିଭଳି କେତେକ ଲଜ୍ଜାଜନକ ଗୋପନ କଥା, ଦୁର୍ବଳତା ଲୁଚାଇ ରଖିଥାଏ । ଘଟନାଟି ଯେପରି ଘଟିଥିଲା, ମୁଁ ଠିକ୍ ସେହିପରି ବର୍ଣ୍ଣନା କରି-ପାରିବିନାହିଁ କିମ୍ବା ଘଟନାଟିର ବ୍ୟାଖ୍ୟା ଦେବାକୁ ଯିବିନାହିଁ । ସେ ସମୟରେ ଯାହା ଘଟିଥିଲା, ତାହାର କାରଣ ଦର୍ଶାଇବା ଅସମ୍ଭବ ହୋଇନପାରେ । ସେ ସମୟରେ ଯଦି ମୋର ମସ୍ତିଷ୍କ ବିକୃତ ହୋଇଥାନ୍ତା, ତେବେ କାରଣ ଖୋଜିବା ଅନାବଶ୍ୟକ ହୁଅନ୍ତା ; କିନ୍ତୁ ମୋର ମସ୍ତିଷ୍କବିକାର ନ ଥିଲା ; ମୁଁ ତାର ପ୍ରମାଣ ଦେଇ-

Digitized by srujanika@gmail.com

ପାରିବ । ଆପଣମାନେ ଏ ବିଷୟରେ ଯାହାକିଛି ମନେ କରିପାରନ୍ତି । ମୁଁ କେବଳ ଘଟଣାଟି ବର୍ଣ୍ଣନାକରୁଛି ।

"୧୮୬୭ ମସିହା ଜୁଲାଇମାସରେ ମୁଁ ରୁଏନରେ ଅବସ୍ଥାପିତ ଥିଲି । ଦିନେ ମୁଁ ବନ୍ଦରପାଖରେ ବୁଲୁ ବୁଲୁ ଜଣେ ଲୋକକୁ ଦେଖିଲି । ଲୋକଟି ଚିହ୍ନା ଚିହ୍ନା ବୋଧହେଲା ; କିନ୍ତୁ ତାକୁ ଠିକ୍ ଚିହ୍ନିପାରିଲି ନାହିଁ । ନିଜର ଅଜ୍ଞାତସାରରେ ମୁଁ ତାହାଆଗରେ ଛିଡ଼ା ହୋଇଗଲି । ସେ ମୋର ମନର ଭାବ ଜାଣିପାରି ମୋର ମୁହଁକୁ ନିରେଖି ଚାହିଁଲା ଓ ତାହା ପରେ ମୋତେ ଦୁଇବାହୁରେ କୁଣ୍ଢେଇ-ପକାଇଲା ।

"ମୋର ଯୌବନକାଳରେ ସେ ଲୋକଟି ମୋର ଅନ୍ତରଙ୍ଗ ବନ୍ଧୁ ଥିଲା । ମାତ୍ର ପାଞ୍ଚବର୍ଷହେଲା ଆମ ଦୁହିଙ୍କର ସାକ୍ଷାତ୍ ହୋଇନ-ଥିଲା ; କିନ୍ତୁ ଏଇ ପାଞ୍ଚବର୍ଷ ଭିତରେ ତାର ବୟସ ପଚିଶବର୍ଷ ବଢ଼ି-ଯାଇଥିଲାପରି ମନେହେଲା । ତାର ମୁଣ୍ଡର ବାଳ ଏକବାରେ ଧଳା ହୋଇଯାଇଥିଲା ଓ ସେ ନଇଁ ନଇଁ ଚାଲୁଥିଲା । ତାର ଏହି ଭୀଷଣ ପରିବର୍ତ୍ତନରେ ମୋର ଗଭୀର ବିସ୍ମୟ ଜାତହେଲା । ସେ ମୋର ବିସ୍ମୟ ଲକ୍ଷ୍ୟକରି କହିଲା ଯେ ଗୋଟାଏ ଘଟଣାରେ ତାର ଜୀବନରେ ଏହି ବିପର୍ଯ୍ୟୟ ଘଟିଛି ।

"ଗୋଟିଏ ଯୁବତୀର ପ୍ରେମରେ ପଡ଼ି ସେ ତାକୁ ବିବାହ କରିଥିଲା । ବର୍ଷକଯାଏ ସେ ଦୁହେଁ ଖୁବ୍ ସୁଖଶାନ୍ତିରେ ଜୀବନ କଟାଇଥିଲେ । ସେମାନେ ମନେକରୁଥିଲେ ଯେ, ଏଭଳି ଦାମ୍ପତ୍ୟ ପ୍ରେମ, ଏଭଳି ଆନନ୍ଦ ଜଗତରେ କେହି ଉପଭୋଗ କରିନଥିବେ । କିନ୍ତୁ ଦିନେ ହଠାତ୍ ଯୁବତୀଟିର ହୃଦ୍‌ଯନ୍ତ୍ରର କ୍ରିୟା ବନ୍ଦ ହୋଇଯିବା-ଫଳରେ ତାର ମୃତ୍ୟୁ ଘଟିଲା । ଯେଉଁଦିନ ସେ ନିଜର ପତ୍ନୀର ଶବକୁ କବର ଦେଲା, ଠିକ୍ ସେହିଦିନ ସେ ତାର ଘର ଛାଡ଼ିଦେଇ ରୁଏନରେ

Digitized by srujanika@gmail.com

ବାସ କରିବାକୁ ଲାଗିଲା । ଏହିଠାରେ ସେ ଏକାକୀ ତାର ବିଷାଦମୟ ଜୀବନ କଟାଉଥିଲା । ସେ ଜୀବନକୁ ଏପରି ଦୁର୍ବହ ମନେକରୁଥିଲା ଯେ, ସେଥିରୁ ଉଦ୍ଧାର ପାଇବା ଲାଗି ବେଳେ ବେଳେ ଆତ୍ମହତ୍ୟା କରିବ ବୋଲି ଭାବୁଥିଲା ।

"ଲୋକଟି ତାର ଏହି ଜୀବନ କାହାଣୀ କହିସାରି ମୋତେ ଗୋଟାଏ ଅନୁରୋଧ କଲା । ସେ କହିଲା, ଏବେ ତୁମ ସଙ୍ଗେ ମୋର ଦେଖା ହୋଇଛି । ତୁମେ ମୋର ପୁରୁଣା ବନ୍ଧୁ । ମୋର ଗୋଟାଏ କାମ କରିଦେବା ପାଇଁ ତୁମକୁ ମୋର ବିଶେଷ ଅନୁରୋଧ । ସେ କାମଟି ମୋପକ୍ଷରେ ବଡ଼ ଗୁରୁତ୍ୱପୂର୍ଣ୍ଣ । ତୁମେ ମୋର ସେହି ପୁରୁଣା ଘରକୁ ଯିବ । ଆମର ଶୋଇବା ଘର ଟେବୁଲ ଉପରୁ ଭିତରୁ କେତେକ ଦରକାରୀ କାଗଜ ଆଣି ମୋତେ ଦେବ । କାଗଜଗୁଡ଼ିକ ବଡ଼ ଜରୁରୀ ଓ ଗୋପନୀୟ । ତେଣୁ କୌଣସି ଚାକର ବା ଓକିଲଦ୍ୱାରା ସେଗୁଡ଼ିକ ଅଣାଇ ପାରୁନାହିଁ । ମୁଁ ନିଜେ କାହିଁକି ଯାଉନାହିଁ ବୋଲି ପଚାରିପାର । ମାତ୍ର ଯେଉଁ ଘରେ ଆମେ ପତିପତ୍ନୀ ଭାବରେ ବର୍ଷଟିଏ ପରମ ସୁଖରେ କଟାଇଥିଲୁ, ତାହା ଭିତରେ ପ୍ରବେଶ କରିବାକୁ ଆଦୌ ମନ ହେଉନାହିଁ । ଘର ଛାଡ଼ି ଆସିଲାବେଳେ ମୁଁ ଯେଉଁ ତାଲା ପକାଇ ଆସିଥିଲି, ତାର ଚାବି ଓ ଘରଭିତର ଟେବୁଲ ଉପରର ଚାବି ମୁଁ ତୁମକୁ ଦେବି । ସେଠାରେ ମୋର ଯେଉଁ ମାଳୀ ଅଛି ତା ପାଖକୁ ମଧ୍ୟ ଖଣ୍ଡିଏ ଚିଠି ଲେଖିଦେବି ଯେ, ସେ ତୁମର ଘର ଖୋଲିବାରେ କିଛି ଆପତ୍ତି କରିବ ନାହିଁ । କାଲି ମୋ ଘରକୁ ଆସି ସେଇଠାରେ ଖାଇବ । ମୁଁ କାଲି ସବୁ ବନ୍ଦୋବସ୍ତ କରିଦେବି ।

"ବନ୍ଧୁଟି ମୋତେ ଯେଉଁ କାମ କରିବାପାଇଁ କହିଲେ, ତାହା ଅତି ସାମାନ୍ୟ । ତେଣୁ ମୁଁ ମୋର ସ୍ୱୀକୃତି ଦେଲି । କହିବାକୁ ଗଲେ, କାମଟାରେ କିଛି ପରିଶ୍ରମ ନ ଥିଲା । ତାଙ୍କ ଘରଟା ସେଠାରୁ

Digitized by srujanika@gmail.com

ଅଳ୍ପ କେତେ ମାଇଲ ମାତ୍ର । ଘୋଡ଼ାରେ ଗଲେ ଘଣ୍ଟାକରୁ କମ୍ ସମୟ ଲାଗିବ ।

"ପରଦିନ ସକାଳ ଦଶଟା ବେଳେ ମୁଁ ବନ୍ଧୁଙ୍କ ଘରେ ପହଞ୍ଚିଲି । ଦୁହେଁ ଏକାଠି ବସି ଖାଇଲୁ । କିନ୍ତୁ ଖାଇଲାବେଳେ ସେ ପ୍ରାୟ କିଛି କହୁନଥିଲେ ।

"ସେ ଏହି ନୀରବତା ପାଇଁ କ୍ଷମାପ୍ରାର୍ଥନା କରି କହିଲେ, 'ତୁମେ ଯେଉଁ ଘରକୁ ଯାଉଛ, ସେହିଠାରେ ମୋ ଜୀବନର ସବୁ ସୁଖ ଲିଭିଯାଇଛି । ସେ ପୁରୁଣା କଥା ଭାବିଲାବେଳକୁ ମୁଁ ଦୁଃଖରେ ବିହ୍ୱଳ ହୋଇପଡ଼ୁଛି ।'

"ପ୍ରକୃତରେ ସେ ବଡ଼ ଚିନ୍ତାକୁଳ ଓ ବିମର୍ଷ ଦେଖାଯାଉଥିଲେ । ମୋର ମନେହେଲା, ତାଙ୍କ ଅନ୍ତରରେ ଗୋଟାଏ କିଛି ରହସ୍ୟମୟ ସଙ୍ଘର୍ଷ ଚାଲିଥିଲା ।

"ମୋତେ କଅଣ କଅଣ କରିବାକୁ ହେବ, ସେ ବୁଝାଇ ଦେଲେ । ଟେବୁଲର ଡାହାଣ ପାଖ ଡ୍ରୟର ଫିଟାଇ ସେଥିରୁ ଦୁଇ ଛାଡ଼ା ଚିଠି ଓ ଗୋଟିଏ ବଣ୍ଡିଲ ଦଲିଲ ନେଇଆସିବାକୁ ହେବ । ସେ ମୋତେ ଭାବ ଦେଇ କହିଲେ, 'ଆଶାକରେଁ, ତୁମେ ସେ ଚିଠି ଓ ଦଲିଲକୁ ଖୋଲି ଦେଖିବ ନାହିଁ ।'

"ଏ କଥାଟି ମୋ ମନକୁ ବାଧିଲା । ମୋତେ ସନ୍ଦେହ କରୁଥିବାରୁ ମୁଁ ବନ୍ଧୁଙ୍କ ପ୍ରତି ବିରକ୍ତି ପ୍ରକାଶ କଲି । ତହୁଁ ସେ ରହି ରହି କହିଲେ, 'ମୋତେ କ୍ଷମା କରିବ । ମୁଁ ଜୀବନରେ ଅନେକ ଦୁଃଖ ସହିଛି ।' ଏତିକ କହି ସେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ ।

"କିଛି ସମୟ ପରେ ମୁଁ ବନ୍ଧୁଙ୍କ କାମରେ ବାହାରିପଡ଼ିଲି ।

"ପାଗ ଖୁବ୍ ଭଲ ଥାଏ । ଅଣ୍ଟାରେ ଖଣ୍ଡାଟି ଝୁଲାଇ ମୁଁ ଘୋଡ଼ା ଉପରେ ବସିଲି । ଘୋଡ଼ା କଦମ୍ ପକାଇ ପକାଇ ଚାଲିଲା

Digitized by srujanika@gmail.com

ବେଳେ ଖଣ୍ଡାଖୋଳର ଅଗ ମୋ ବୁଟ୍‌ରେ ବାଜ ଗୋଟାଏ ଶବ୍ଦ ହେଉଥାଏ । ପକ୍ଷୀମାନଙ୍କର କଳରବ କାନକୁ ବଡ଼ ମଧୁର ଶୁଣା-ଯାଉଥାଏ । କିଛି ଦୂର ଯିବା ପରେ ଗୋଟାଏ ବଣ ପଡ଼ିଲା । ମୁଁ ଘୋଡ଼ାକୁ ଧୀରେ ଧୀରେ ଚଳାଇଲି । ବେଳେବେଳେ କୌଣସି ଡାଳର ଅଗ ମୋତେ ଛୁଇଁ ଯାଉଥାଏ । କେତେବେଳେ ଅବା ମୁଁ କୌଣସି ଗଛର ପତ୍ର ଛିଣ୍ଡାଇ ଆଣି ଚୋବାଉଥାଏ । ଏହିପରି କରିବାରେ ମୁଁ ଗୋଟାଏ ଅଭୂତପୂର୍ବ ଆନନ୍ଦ ଅନୁଭବ କରୁଥିଲି ।

"ନିର୍ଦ୍ଦିଷ୍ଟ ଘର ପାଖେ ପହଞ୍ଚି ମୁଁ ପକେଟରୁ ମାଲୀର ଚିଠିଟି ବାହାର କଲି । ଦେଖେଁ ତ ଚିଠି ଉପରେ ଜଉ ମୋହର ଦିଆ-ଯାଇଅଛି । ଚିଠିଟି ଆଣିଲାବେଳେ ମୁଁ ଏହା ଲକ୍ଷ୍ୟକରିପାରି-ନଥିଲି । ଜଉମୋହରକୁ ଦେଖି ମୋ ମନରେ ଯେତିକି ବିସ୍ମୟ ହେଲା, ସେତିକି ବିରକ୍ତି ମଧ୍ୟ ହେଲା । ଏପରି କି ବନ୍ଧୁଙ୍କର କାର୍ଯ୍ୟ ନକରି ଫେରିଯିବି ବୋଲି ଭାବିଲି । କିନ୍ତୁ ପରେ ଚିନ୍ତାକଲି, ଫେରିଗଲେ ବନ୍ଧୁ କହିବେ, ମୁଁ ଅଯଥା ତାଙ୍କୁ ସନ୍ଦେହ କଲି । ହୁଏତ ସେ ମନରେ କିଛି ଉଦ୍ଦେଶ୍ୟ ନ ରଖି ଚିଠିଟି ମୋହର କରି-ଦେଇଥିବେ । ତାଙ୍କର ଯେଉଁଳି ମାନସିକ ଅବସ୍ଥା, ସେଥିରେ ଏହା ଘଟିଥିବା ବିଚିତ୍ର ନୁହେ ।

"ଘରଟି ଗୋଟିଏ ବଗିଚା ଭିତରେ । କୋଡ଼ିଏ ବର୍ଷ ହେଲା ସେ ଘରର ଦ୍ୱାର ବା ଝରକା ଫିଟିନଥିଲା । ଫାଟକ ମେଲା ଥିଲା; କିନ୍ତୁ ଏପରି ଭଙ୍ଗା ଦଦରା ହୋଇ ଯାଇଥିଲା ଯେ ହାତ ବାଜିଲା-ମାତ୍ରେ ଠିକ ଠିକ ହୋଇ ତଳେ ପଡ଼ିଯିବାର ଆଶଙ୍କା ଥିଲା । ବଗିଚାର ରାସ୍ତା ଉପରେ ଏତେ ଅନାବନା ଗଛ ଉଠିଯାଇଥିଲା ଯେ ରାସ୍ତା କେଉଁଠି ଥିଲା, ଜଣାପଡ଼ୁନଥିଲା । ଫୁଲ ଗଛଗୁଡ଼ାକର ଚିହ୍ନ ନଥିଲା; କେବଳ ଠାଏଠାଏ ଖୁଣ୍ଟା ରହିଥିଲା ।

Digitized by srujanika@gmail.com

"ମୁଁ କବାଟରେ ଠକ୍ ଠକ୍ କରିବାରୁ ପଛ ଦୁଆରବାଟେ ଜଣେ ବୃଦ୍ଧ ବାହାରିଆସିଲା । ମୋତେ ଦେଖି ସେ ବିସ୍ମିତ ହୋଇଗଲା । ମୁଁ ତା ହାତକୁ ଚିଠିଟି ବଢ଼ାଇଦେବାରୁ ସେ ତାହାକୁ ଖୋଲି ଥରେ ନୁହେ, ଦୁଇଥର ନୁହେ, ତିନିଥର ପଢ଼ିଲା । ତାକୁ ଖୁବ୍ ଓଲଟପାଲଟ କରି କେତେଥର ଦେଖିଲା । ତାହା ପରେ ଚିଠିଟିକୁ ପକେଟରେ ପୂରାଇ ସେ ମୋତେ ଗୋଡ଼ଠାରୁ ମୁଣ୍ଡଯାଏ ଚାହିଁଗଲା । ଶେଷରେ ପଚାରିଲା, 'ଆପଣ କଅଣ ଚାହାନ୍ତି ?'

"ମୁଁ ସଂକ୍ଷେପରେ ଉତ୍ତର ଦେଲି, 'ତୁମେ ଚିଠିରୁ ଜାଣିପାରିଥିବ, ମୁଁ କାହିଁକି ଆସିଛି । ମୁଁ ଏ ଘରଭିତରକୁ ଯିବି ।'

"ସେ ବିସ୍ମୟରେ ଅଭିଭୂତ ହୋଇଗଲା ପରି ମନେହେଲା । ଶେଷରେ ସେ ରହି ରହି କହିଲା, 'ଆପଣ ସେ ଘରକୁ ଯିବେ ? ମାନେ ଯେଉଁ ଘରେ ମିସେସ୍ ରହୁଥିଲେ ?'

"ମୋର ଧୈର୍ଯ୍ୟଚ୍ୟୁତି ଘଟିଆସିଥିଲା । ମୁଁ କହିଲି 'ମୋତେ ତୁମେ ଜେରା କରୁଛ ନା କଅଣ ?'

"ସେ ଖନେଇ ଖନେଇ କହିଲା, 'ନା ମହାଶୟ, କିନ୍ତୁ ମୋର କହିବାର ଉଦ୍ଦେଶ୍ୟ···ଘରଟା ତାଙ୍କର···ମାନେ ମିସେସ୍ଙ୍କ ମୃତ୍ୟୁ-ଦିନଠାରୁ···ବନ୍ଦ ରହିଛି । ଯଦି ଅନୁଗ୍ରହ କରି···ଆପଣ ପାଞ୍ଚମିନିଟ···ଅପେକ୍ଷା କରନ୍ତେ···ମୁଁ ଆଗ ଯାଇ···ଦେଖିଆସନ୍ତି । କାଳେ କଅଣ··· ।'

"ମୁଁ ବିରକ୍ତ ହୋଇ ତାକୁ ବାଧାଦେଇ କହିଲି, 'ତୁମେ କଅଣ କହୁଛ, ମୁଁ ବୁଝିପାରୁନାହିଁ । ତୁମେ କିପରି ଘରଭିତରକୁ ଯିବ ? ଚାବି ଯେ ମୋ ପକେଟରେ ।'

"ତାର ଆପତ୍ତି କରିବାର କିଛି ଉପାୟ ନ ଥିଲା । ସେ କହିଲା, 'ଆସନ୍ତୁ, ବାଟ ଦେଖାଇଦେବି ।'

Digitized by srujanika@gmail.com

"ମୁଁ ଉତ୍ତର କଲି, 'କେବଳ ସିଡ଼ିକୁ ବାଟ ଦେଖାଇଦେଇ ଚାଲିଯାଅ । ତେଣିକି ଯାହା କରିବାର କଥା ମୁଁ କରିବି । ତୁମର ସାହାଯ୍ୟ ଦରକାର ହେବନାହିଁ ।'

"ବୁଢ଼ା ପୁଣି କହିଲା, 'କିନ୍ତୁ ମହାଶୟ, ପ୍ରକୃତରେ··· ।'

"ଏଥର ମୁଁ ଖୁବ୍ ରାଗିଯାଇ କହିଲି, 'ସେତିକରେ ଚୁପ୍ କର, ନୋହିଲେ··· ।' ଏତିକି କହି ମୁଁ ତାକୁ ଠେଲିଦେଇ ଘରଭିତରକୁ ପଶିଲି ।

"ପ୍ରଥମେ ରୋଷେଇଘର ପଡ଼ିଲା । ତାହା ପରେ ଯେଉଁ ଘର ପଡ଼ିଲା, ସେଥିରେ ଆଗେ ଚାକର ଓ ତାର ସ୍ତ୍ରୀ ରହୁଥିଲେ । ଏହା ପରେ ଗୋଟିଏ ବଡ଼ ହଲ୍‌ପାଖକୁ ଯାଇ ମୁଁ ସିଡ଼ି ନିକଟରେ ପହଞ୍ଚିଲି । ମୁଁ ସିଡ଼ିରେ ଉଠି ବନ୍ଦ କରିଥିବା କୋଠରୀର ଦୁଆରମୁହଁରେ ଛିଡ଼ାହେଲି ।

"କବାଟ ସହଜରେ ଫିଟିଗଲା । ମୁଁ କୋଠରୀଭିତରେ ପ୍ରବେଶ କଲି । ଘରଭିତର ଏତେ ଅନ୍ଧାରୁଆ ହୋଇଥିଲା ଯେ, ମୁଁ ପ୍ରଥମେ କିଛି ଦେଖିପାରିଲି ନାହିଁ । ବହୁକାଳରୁ ଘରଭିତରକୁ ଆଲୁଅ ବା ପବନ ପଶିନଥିବାରୁ ଗୋଟାଏ ଉତ୍କଟ ଗନ୍ଧ ନାକରେ ବାଜିଲା । କିଛିସମୟ ପରେ ମୋର ଆଖି ସେହି ଅନ୍ଧାରରେ ଅଭ୍ୟସ୍ତ ହୋଇଗଲା । ମୁଁ ଏହି ଘରଟିର ଶୋଚନୀୟ ଅବସ୍ଥା ଦେଖିପାରିଲି । ଖଟଉପରେ ଗଦି ଓ ତକିଆ ପଡ଼ିରହିଥିଲା ; କିନ୍ତୁ ତାହା ଉପରେ ଚାଦର ନ ଥିଲା । ଗୋଟିଏ ତକିଆର ମଝି ଦବିଯାଇଥିଲା । ମନେ ହେଉଥିଲା, ଅଳ୍ପ ସମୟ ପୂର୍ବେ କେହି ତାହା ଉପରେ ହାତ ବା ମୁଣ୍ଡ ରଖିଥିଲା ।

"ଚଉକିଗୁଡ଼ିକ ଇତସ୍ତତଃ ହୋଇ ପଡ଼ିଥିଲା । କାନ୍ଥରେ ଥିବା ଆଲମାରୀର କବାଟ ଅଧା ମେଲା ହୋଇ ରହିଥିଲା ।

Digitized by srujanika@gmail.com

"ପ୍ରଥମେ ଆଲୁଅ ଆସିବା ପାଇଁ ମୁଁ ଝରକାଟିକୁ ଫିଟାଇବାକୁ ଚେଷ୍ଟା କଲି । କିନ୍ତୁ ଝରକାର କବଜାରେ କଳଙ୍କି ଲଗିଯାଇଥିଲା, କବାଟ ପଟା ଫୁଲିଯାଇଥିଲା । ଯେତେ ଚେଷ୍ଟା କଲେ ସୁଦ୍ଧା ଫିଟିଲାନାହିଁ । ଖଣ୍ଡାର ଅଗ ଭର୍ତ୍ତି କରି ଫିଟାଇବାର ଉଦ୍ୟମ କଲି । ତଥାପି ଝରକାର କବାଟ ଫିଟିଲାନାହିଁ । ଅଧିକ ଆଲୁଅ ପାଇବାର ଆଶା ଛାଡ଼ିଦେଇ ଶେଷରେ ଟେବୁଲପାଖକୁ ଗଲି ।

"ଗୋଟିଏ ଆରାମ ଚଉକିରେ ବସି ଟେବୁଲର ଡାହାଣପାଖ ଉପର ଫିଟାଇଲି । ଏଥିରେ ଅନେକ କାଗଜପତ୍ର ଭର୍ତ୍ତିହୋଇଥିଲା । ସେଥିମଧ୍ୟରୁ ମୋର ତିନୋଟିମାତ୍ର ଥାକ ଦରକାର । ମୁଁ ସେହି ତିନୋଟିକୁ ଖୋଜିଲି ।

"ଚିଠି ଥାକଗୁଡ଼ିକର ଉପର ଲେଖାଗୁଡ଼ିକ ପଢ଼ିବାକୁ ଚେଷ୍ଟାକଲି । ଅନ୍ଧାରୁଆ ହୋଇଥିବାରୁ ପଢ଼ିବାକୁ କଷ୍ଟ ହେଉଥାଏ । ଏହି ସମୟରେ ମୋ ପଛପଟେ ଗୋଟାଏ ଖସ୍ ଖସ୍ ଶବ୍ଦ ଶୁଣାଗଲା । ମୁଁ ଭାବିଲି, କୌଣସିବାଟେ ପବନ ଆସିବାରୁ କେଉଁଠି ପରଦା କି କାଗଜ ଖସ୍ ଖସ୍ ହେଉଥିବ । ତେଣୁ ସେଥିପ୍ରତି ନଜର ନ ଦେଇ ମୁଁ ଚିଠିଗୁଡ଼ିକ ଦେଖିବାରେ ଲାଗିଲି । କିନ୍ତୁ ଅଳ୍ପସମୟ ପରେ ପୁଣି ସେହିପରି ଶବ୍ଦ ହେଲା । ଏଥର ଶବ୍ଦଟି ଆହୁରି କ୍ଷୀଣ ; ମାତ୍ର ତାକୁ ଶୁଣିଲାମାତ୍ରେ ମୁଁ ସମସ୍ତ ଶରୀରରେ ଗୋଟାଏ ଅସ୍ୱସ୍ତିକର ଶିହରଣ ଅନୁଭବ କଲି । ଏପରି ସାମାନ୍ୟ କାରଣରୁ ବିଚଳିତ ହେବା ନିର୍ବୋଧତାର କାର୍ଯ୍ୟ । ପୁଣି ମୋର ଆତ୍ମଗୌରବବୋଧ ହେତୁ ମୁଁ ପଛକୁ ଅନାଇବା ଉଚିତ ମନେକଲିନାହିଁ । ସେତେବେଳକୁ ମୁଁ ଦୁଇଟି ଥାକ ଚିଠି ବାହାର କରିସାରି ତୃତୀୟଥାକଟି ଖୋଜୁଥାଏଁ । ଏହି ସମୟରେ ମୋର କାନ୍ଧଉପରେ କେହି ଗୋଟାଏ ଦୀର୍ଘନିଶ୍ୱାସ

Digitized by srujanika@gmail.com

ପକାଇବାର ମୁଁ ସ୍ପଷ୍ଟ ଅନୁଭବ କଲି । ମୁଁ ପାଗଳଭଳି ଚଉକିଉପରୁ ଡେଇଁପଡ଼ିଲି । ସେଠାରୁ କେତେଫୁଟ ଦୂରରେ ମୁଁ ପଡ଼ିଗଲି । ଡେଇଁପଡ଼ିଲାବେଳେ ମୁଁ ଖଣ୍ଡାର ବେଣ୍ଟଉପରେ ହାତ ପକାଇଦେଇ ପଛକୁ ଗୁଣ୍ଡିଥିଲି । ଯାହା ଦେଖିଲି, ସେଥିରେ ମୁଁ ନିଶ୍ଚୟ ଜୀବନ-ରକ୍ଷା କରିବାପାଇଁ ପଳାଇଆସିଥାନ୍ତି, କିନ୍ତୁ ହାତରେ ଖଣ୍ଡାଟା ଥିବାରୁ ଯେଉଁଠାରେ ପଡ଼ିଲି ସେହିଠାରେ ରହିଗଲି ।

"ମୁହୂର୍ତ୍ତକ ଆଗରୁ ଚଉକିର ଯେଉଁଠାରେ ମୁଁ ବସିଥିଲି, ଠିକ୍ ତାର ପଛପଟେ ଜଣେ ସ୍ତ୍ରୀଲୋକ ଛିଡ଼ା ହୋଇ ମୋତେ ଚାହିଁ ରହିଥିଲା । ସ୍ତ୍ରୀ ଲୋକଟି ବେଶ୍ ଉଚ୍ଚ ଓ ସେ ଧଳାରଙ୍ଗର ପୋଷାକ ପିନ୍ଧିଥିଲା ।

"ମୋର ଦେହ ଭୟରେ ଏପରି ଅବଶ ହୋଇଆସିଲା ଯେ, ମୁଁ ତଳେ ଗଡ଼ିଯାଇଥାନ୍ତି । ସେତେବେଳେ ମୋର ଯେଉଁ ଭୀଷଣ ଆତଙ୍କ ଉପସ୍ଥିତ ହୋଇଥିଲା, ତାହା ଅନୁଭବୀ ଛଡ଼ା ଅନ୍ୟ କେହି କଳନା କରିପାରିବନାହିଁ । ମୋର ମସ୍ତିଷ୍କରେ କିଛି ନଥିଲା; ମୋର ହୃଦୟରେ ସ୍ପନ୍ଦନ ନଥିଲା । ସତେ ଅବା ମୋର ଜୀବନଶକ୍ତି କୁଆଡ଼େ ଚାଲିଯାଉଥିଲା ଓ ମୋର ଦେହ ଜଡ଼ ହୋଇ-ଯାଉଥିଲା ।

"ଭୂତ ପ୍ରେତରେ ମୋର କେବେହେଲେ ବିଶ୍ୱାସ ନ ଥିଲା କି ଏବେ ମଧ୍ୟ ନାହିଁ । କିନ୍ତୁ ସେତେବେଳେ ମୃତବ୍ୟକ୍ତି ସମ୍ବନ୍ଧରେ ମୋର ଭୀଷଣ ଭୟ ଜାତହେଲା । ସେହି କେତୋଟି ମୁହୂର୍ତ୍ତରେ ଅପ୍ରାକୃତିକ ବସ୍ତୁ ବିଷୟରେ ମୁଁ ଯେଉଁ ଭୟ ଅନୁଭବ କରିଥିଲି, ଏ ଦୀର୍ଘ ଜୀବନରେ ସେପରି ଭୟ କେବେ ଅନୁଭବ କରିନାହିଁ । ସ୍ତ୍ରୀ ଲୋକଟି କଥାକହିବାକୁ ଆରମ୍ଭକଲା । ସେ କଥା କହିନଥିଲେ ବୋଧହୁଏ ଭୟରେ ମୋର ପ୍ରାଣ ଛାଡ଼ିଯାଇଥାଆନ୍ତା । ସେ ମଧୁର

Digitized by srujanika@gmail.com

ଅଥଚ କରୁଣ ସ୍ୱରରେ କଥା କହୁଥିଲା । ମୋର ଦେହରେ ଗୋଟିଏ ସ୍ପନ୍ଦନ ଖେଳିଗଲା ; ମୋର ଚିନ୍ତାକରିବାର ଶକ୍ତି ଫେରି-ଆସିଲା । ମୁଁ ଯେ ସମ୍ପୂର୍ଣ୍ଣରୂପେ ପ୍ରକୃତିସ୍ଥ ହୋଇଯାଇଥିଲି ତାହା କୁହାଯାଇନପାରେ । ଭୟ ହେତୁରୁ ମୁଁ କଅଣ କରୁଥିଲି, ତାହା ପ୍ରାୟ ଜାଣିପାରୁନଥିଲି । ତଥାପି ମୋର ପ୍ରକୃତିଗତ ଅହମିକା ଓ ମୋର ସୈନିକ ଜୀବନର ଅଭ୍ୟାସ ମୋର ଅନିଚ୍ଛାସତ୍ତ୍ୱେ ମୋତେ ସାହସ ଦେଲା । ବୋଧହୁଏ ମୁଁ ନିଜକୁ ପଚାରୁଥିଲି—ଏ ସ୍ତ୍ରୀ ଲୋକଟି କିଏ ? ? ମନୁଷ୍ୟ ନା ଭୂତ ?

"ଅବଶ୍ୟ ମୁଁ ପରେ ଏସବୁ ଚିନ୍ତାକଲି, କିନ୍ତୁ ସେତେବେଳେ ମୁଁ କିଛି ଭାବିପାରିନଥିଲି; ଭୟରେ ସ୍ତବ୍ଧ ହୋଇଯାଇଥିଲି ।

"ସେହି ସ୍ତ୍ରୀ ଲୋକଟି ମୋତେ କହିଲା, 'ମହାଶୟ, ଆପଣ ମୋର ଗୋଟିଏ ମହାନ୍ ଉପକାର କରିପାରିବେ ?'

"ମୁଁ ଉତ୍ତର ଦେବାକୁ ଚେଷ୍ଟାକଲି, ମାତ୍ର ମୋ ତୁଣ୍ଡରୁ ପଦେ ହେଲେ କଥା ବାହାରିଲାନାହିଁ । କେବଳ ଗୋଟାଏ ଅବୋଧ୍ୟ ଶବ୍ଦ ବାହାରିଲା ।

"ସେ କହିବାକୁ ଲାଗିଲା, 'ମହାଶୟ, ମୁଁ ଘୋର କଷ୍ଟ ପାଉଛି । ଆପଣ ମୋତେ ସେଥିରୁ ଉଦ୍ଧାର କରିପାରିବେ ? ମୋତେ ରକ୍ଷା କରିପାରିବେ ? ଓଃ ! ମୁଁ କି ଯନ୍ତ୍ରଣା ଭୋଗୁଛି !' ଏହା କହି ସେ ଧୀରେ ମୋର ଆରାମ ଚଉକି ଉପରେ ବସିପଡ଼ିଲା ।

"ସେ ମୋ ଆଡ଼କୁ ଚାହିଁ ବିକଳ ଭାବରେ କହିଲା, 'ମୋ ପାଇଁ ସାମାନ୍ୟ ପରିଶ୍ରମ କରିପାରିବେ ?'

"ସେତେବେଳଯାଏ ମୋର କଥା କହିବାର ଶକ୍ତି ଫେରି-ଆସିନଥାଏ । ମୁଁ କେବଳ ମୁଣ୍ଡ ନୁଆଇଁ ମୋର ସମ୍ମତି ଜଣାଇଲି ।

"ତହୁଁ ସେ ମୋ ହାତକୁ ଗୋଟିଏ ପାନିଆଁ ବଢ଼ାଇଦେଇ

Digitized by srujanika@gmail.com

କହିଲା, 'ମୋର ମୁଣ୍ଡବାଳକୁ କୁଣ୍ଡାଇଦିଅନ୍ତୁ । ଓଃ ! କି କଷ୍ଟ । କୁଣ୍ଡାଇଦେଲେ ମୁଁ ଭଲ ହୋଇଯିବ । ମୁଣ୍ଡ କୁଣ୍ଡାଇବା ଦରକାର । ମୋ ମୁଣ୍ଡକୁ ଦେଖନ୍ତୁ । ଓଃ, ମୁଁ କଷ୍ଟ ପାଉଛି !'

"ସେ ମୁଣ୍ଡ ପିଛାଇଦେବାରୁ ବାଳପେଣ୍ଡାଟି ତଳକୁ ପଛ ପଟେ ମେଜଆ ପର୍ଯ୍ୟନ୍ତ ଲମ୍ବିଗଲା । ବାଳଗୁଡ଼ିକ ଖୁବ ଲମ୍ବ ଓ କଳା ।

"ମୁଁ ଯେ କାହିଁକି ତା ହାତରୁ ପାନିଆଟି ନେଲି, କାହିଁକି ଯେ ତାର ସେହି ଲମ୍ବ କଳା ବାଳପେଣ୍ଡାଟି ହାତରେ ଧରିଲି କହି-ପାରିବ ନାହିଁ । କିନ୍ତୁ ସେ ବାଳକୁ ହାତରେ ଧରିଲାକ୍ଷଣି ଗୁଡ଼ାଏ ନାଗସାପ ଧରିଲାପରି ମୋ ଦେହରେ ଗୋଟାଏ ଚମକ ସଞ୍ଚରିଗଲା ।

"ମୋର ସେହି ଚମକ ଆଜଯାଏ ରହିଛି । ସେ କଥା ମନେ ପଡ଼ିଲା କ୍ଷଣି ଏବେ ମଧ୍ୟ ମୋର ଦେହ ଥରିଉଠେ ।

"ମୁଁ ତାର ବାଳକୁ କୁଣ୍ଡାଇଦେଲି; ହାତକୁ ତାହା ବରଫ ପରି ଥଣ୍ଡା ଲାଗୁଥାଏ । କୁଣ୍ଡାଇ ସାରି ମୋଡ଼ି ଗଣ୍ଠିଟିଏ ପକାଇ-ଦେଲି । ସେ ଗୋଟିଏ ଦୀର୍ଘଶ୍ୱାସ ପକାଇ ମୋତେ ପ୍ରଣାମ କଲା । ସେତେବେଳକୁ ତା ମନରେ ଆନନ୍ଦ ହୋଇଥିଲାଭଳି ଜଣାଗଲା । ହଠାତ୍ ସେ ମୋତେ ଧନ୍ୟବାଦ ଦେଇ ମୋ ହାତରୁ ପାନିଆଟି ନେଇଗଲା ଓ ଗୋଟାଏ ଖୋଲା ଦୁଆରବାଟେ ବାହାରକୁ ଚାଲିଗଲା ।

"ଗୋଟାଏ ଭୀଷଣ ସ୍ୱପ୍ନ ଦେଖିବା ପରେ ମନୁଷ୍ୟ ଯେପରି ଥରିଯାଏ, ମୁଁ ଉପରେ କେତେବେଳଯାଏ ସେହିପରି ଥରିଗଲି । ଶେଷରେ ମୋର ଚୈତନ୍ୟ ଫେରିଆସିଲା । ମୁଁ ଝରକା ପାଖକୁ ଦଉଡ଼ିଗଲି । ଖୁବ ଜୋର ପ୍ରୟୋଗ କରି ଝରକାର କବାଟକୁ ଟାଣିଦେଲି । ଝରକା ଫିଟିଲେ ଓ ଘରଭିତରକୁ ଯଥେଷ୍ଟ ଆଲୁଅ ପ୍ରବେଶ କଲା । ସ୍ତ୍ରୀ ଲୋକଟି ଯେଉଁ ଦୁଆରବାଟେ ବାହାରି ଯାଇ-

Digitized by srujanika@gmail.com

ଥିଲା, ସେହି ଦୁଆରପାଖକୁ ଦଉଡ଼ିଯାଇ ଦେଖିଲି, କବାଟ ବନ୍ଦ, ଚେଷ୍ଟାକଲେ ସୁଦ୍ଧା ଫିଟିଲାନାହିଁ ।

"ଏହାପରେ ସେ କୋଠରୀରୁ ପଳାଇ ଆସିବା ପାଇଁ ମୋର ମନ ଅଥୟ ହେଲା । ପରାଜିତ ସୈନ୍ୟମାନେ ଠିକ ଏହିପରି ଯୁଦ୍ଧ ବେଳେ ଶତ୍ରୁ ପାଖରୁ ପଳାଇବାକୁ ଇଚ୍ଛା କରିଥାନ୍ତି । ମୁଁ ତିନଥାକ ଚିଠି ଓ କାଗଜପତ୍ର ଧରି ତଳକୁ ପଳାଇ ଆସିଲି । ଆସିଲାବେଳେ ଥରକେ ଦୁଇ ତିନଟା ଲେଖାଏଁ ପାହାଚ ଡେଇଁ ଆସିଥିଲି । କିପରି ଯେ ବାହାରେ ପହଞ୍ଚିଲି ମୋର ଜ୍ଞାନ ନାହିଁ । ଟିକଏ ଦୂରରେ ମୋର ଘୋଡ଼ାକୁ ଦେଖିଲି । ଜିନ ଉପରକୁ ଡେଇଁପଡ଼ି ଘୋଡ଼ାକୁ ଦଉଡ଼ାଇ ଦେଲି ।

"ରୁଏନରେ ନିଜ ଘରେ ନ ପହଞ୍ଚିବାଯାଏ ମୁଁ ବାଟରେ ମୁହୂର୍ତ୍ତେ ସୁଦ୍ଧା ଅଟକିନଥିଲି । ଭୃତ୍ୟର ହାତକୁ ଘୋଡ଼ାର ଲଗାମଟା ବଢ଼ାଇଦେଇ ମୁଁ ଘରଭିତରକୁ ପଶିଗଲି । କବାଟ ବନ୍ଦକରି ଏକାନ୍ତରେ ଚିନ୍ତା କରିବାକୁ ଲାଗିଲି ।

"ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ମୋର ସନ୍ଦେହ ହେଲା, ଏ ସବୁ ମୋର ସାମୟିକ ବିକୃତ ମସ୍ତିଷ୍କର କଳ୍ପନା ଛଡ଼ା ଆଉ କିଛି ହୋଇନପାରେ । କେହି କେହି ଏକ ପ୍ରକାର ସ୍ନାୟୁବିକ ବିକାରର ବଶବର୍ତ୍ତୀ ହୋଇଥାନ୍ତି ; ହୁଏତ ମୁଁ ସେହିପରି ହୋଇଥିଲି । ମାନସିକ ଆତଙ୍କରୁ ମନୁଷ୍ୟ ଅଦ୍ଭୁତ ଦୃଶ୍ୟ ଦେଖିଥାଏ ଓ ସେହିଥିରୁ ହିଁ ଅପ୍ରାକୃତିକତା ବା ଅଲୌକିକତାର ଜନ୍ମ । ମୁଁ ହୁଏତ ସେହିପରି ମାନସିକ ଆତଙ୍କରୁ ଏସବୁ ଦେଖିଛି ।

"ମନଭିତରେ ଏହିପରି ଏକ ଧାରଣା ହେବା ମୁଁ ଝରକା ପାଖକୁ ଗଲି । ଦୈବାତ୍ ଛାତି ଉପରେ ମୋର ନଜର ପଡ଼ିଗଲା । ମୋର ସାମରିକ ପୋଷାକର ଉପରିଭାଗ ବାଳ ଲାଗିଥିଲା । ଗ୍ରେଟ

Digitized by srujanika@gmail.com

ବାଳ ନୁହେଁ, ସ୍ତ୍ରୀ ଲୋକର ଲମ୍ବ ବାଳ । କେତେଗୁଡ଼ାଏ ବାଳ ମୋର ବୋତାମରେ ମଧ୍ୟ ଲାଗିଥିଲା । ଥରଥର ହାତରେ ସେଗୁଡ଼ିକୁ ଗୋଟି ଗୋଟି କରି ବାହାରକୁ ଫିଙ୍ଗିଦେଲି ।

"ମୁଁ ଗୃହକରକୁ ଡ଼ାକିଲି । ସେ ଦିନ ମୁଁ ନିତାନ୍ତ ବିବ୍ରତ ହୋଇପଡ଼ିଥିବାରୁ ବନ୍ଧୁଙ୍କ ଘରକୁ ଗଲି ନାହିଁ । ଗଲେ ତାଙ୍କୁ କ'ଣ କହିବି ସ୍ଥିର କରିପାରିଲି ନାହିଁ । ମୁଁ ଚିଠିଗୁଡ଼ିକ ଜଣେ ସୈନିକ ହାତରେ ସେହି ବନ୍ଧୁଙ୍କ ପାଖକୁ ପଠାଇଦେଲି । ଚିଠିଗୁଡ଼ିକ ପାଇ ସେ ଖଣ୍ଡିଏ ରସିଦ ପଠାଇଦେଲେ । ସୈନିକଠାରୁ ଶୁଣିଲି ସେ ମୋ ବିଷୟରେ ଅନେକ କଥା ପଚାରିଥିଲେ । ସୈନିକ ତାଙ୍କୁ କହିଥିଲା ଯେ ମୋର ଦେହ ଖରାପ । ସୈନିକର ଉତ୍ତର ଶୁଣି ସେ ମୋ ପାଇଁ ଚିନ୍ତିତ ହୋଇପଡ଼ିଥିବା ଜାଣିଲି । ପ୍ରକୃତ କଥା ଜଣାଇବା ଉଦ୍ଦେଶ୍ୟରେ ମୁଁ ତତ୍ପର ଦିନ ସକାଳେ ବନ୍ଧୁଙ୍କ ଘରକୁ ଗଲି । ମାତ୍ର ତାଙ୍କର ଦେଖା ମିଳିଲା ନାହିଁ । ଖବର ପାଇଲି, ପୂର୍ବ ଦିନ ସନ୍ଧ୍ୟାରୁ ସେ କୁଆଡ଼େ ଯାଇଅଛନ୍ତି ; ଫେରି ନାହାନ୍ତି । ଆହୁରି ଥରେ ଗଲି; ମାତ୍ର ବନ୍ଧୁ ଫେରିନଥିଲେ । ଏହିପରି ସପ୍ତାହେ ଗଲା ; କିନ୍ତୁ ବନ୍ଧୁଙ୍କର ସାକ୍ଷାତ ମିଳିଲାନାହିଁ । ମୁଁ ଏ ବିଷୟ ପୋଲିସକୁ ଜଣାଇଲି । ପୋଲିସ ପକ୍ଷରୁ ଅନୁସନ୍ଧାନ କରାଗଲା, କିନ୍ତୁ ମୋର ବନ୍ଧୁ କୁଆଡ଼େ ଗଲେ, ତାର କିଛି ପତ୍ତା ମିଳିଲା ନାହିଁ ।

"ବନ୍ଧୁଙ୍କର ପରିତ୍ୟକ୍ତ ଘର ଖାନତଲ୍ଲାସ କରାଗଲା । ସେଠାରୁ କୌଣସି ସନ୍ଦେହଜନକ ପଦାର୍ଥ ମିଳିନଥିଲା । ସେଠାରେ କେହି ସ୍ତ୍ରୀ ଲୋକ କୌଣସିଠାରେ ଲୁଚି ରହିଥିବାର ସଙ୍କେତ ମିଳିଲାନାହିଁ ।

"ଏତେ ଅନୁସନ୍ଧାନ ପରେ କିଛି ନ ମିଳିବାରୁ ପୋଲିସ ନିରସ୍ତ ହେଲେ । ଏଥି ମଧ୍ୟରେ ଛପନ ବର୍ଷ ଗତ ହୋଇଗଲାଣି;

Digitized by srujanika@gmail.com

କିନ୍ତୁ ମୋ ବନ୍ଧୁଙ୍କର ବା ସେହି ସ୍ତ୍ରୀ ବିଷୟରେ କିଛି ମାତ୍ର ଶୁଣି-ପାରିନାହିଁ ।

“ଏ ଘଟନାକୁ ଆପଣମାନେ ଏକ ଭୌତିକ ବ୍ୟାପାର କହିବେ କି ଆଉ କଅଣ କହିବେ, ତାହା ନିଜେ ସ୍ଥିର କରନ୍ତୁ ।”

Digitized by srujanika@gmail.com

କୁଣ୍ଡୀ

ପାଗଳଖାନା ବୁଲି ଦେଖିସାରି ଆମେ ବାହାରିଆସିଲାବେଳେ ଅଗଣାର ଗୋଟିଏ କୋଣରେ ଜଣେ ଲୋକକୁ ଦେଖିଲୁ । ସେ ଗୋଟିଏ କୁକୁରକୁ ଆଦର କଲାପରି ଅଙ୍ଗଭଙ୍ଗୀ କରୁଥିଲା ଓ ମଝିରେ ମଝିରେ କହୁଥିଲା, "ତୁ ତୁ ଜକୋଟି; ଆ, ଆ, ଜକୋଟି; ତୁ ତୁ ।" ସତେ ଅବା ସେ କଳ୍ପନାଚକ୍ଷୁରେ ତା ଆଗରେ ଗୋଟିଏ କୁକୁରକୁ ଦେଖି ତାକୁ ଆଦର କରୁଥିଲା । ତାହାର ଏପ୍ରକାର ବିଚିତ୍ର ଆଚରଣ ଦେଖି ମୁଁ ଡାକ୍ତରଙ୍କୁ ପଚାରିଲି, "ଏ ଲୋକଟିର କଅଣ ହୋଇଛି ?"

ଡାକ୍ତର ଉତ୍ତର କଲେ, "ସେ ଗୋଟାଏ ଅଦ୍ଭୁତ ରୋଗୀ । ଆଗେ ସେ ଜଣେ ଭଦ୍ରଲୋକଙ୍କର କଚୁଆନ ଥିଲା । ତାର କୁଣ୍ଡୀକୁ ନଈରେ ବୁଡ଼ାଇ ମାରିଦେବା ପରେ ପାଗଳ ହୋଇଯାଇଛି ।"

ମୁଁ କହିଲି, "ସମସ୍ତ ସମୟରେ ସାମାନ୍ୟ ଘଟନା ମନୁଷ୍ୟର ହୃଦୟକୁ ଗଭୀରଭାବରେ ଆଲୋଡ଼ିତ କରିଥାଏ । ଦୟାକରି ଏହି ଲୋକଟିର ପାଗଳାମିର ଇତିହାସ କହିବେ କି ?"

ଡାକ୍ତର ମହାଶୟ ଏହି ରୋଗୀର ଜଣେ ବନ୍ଧୁଠାରୁ ତା'ର ରୋଗ ବିଷୟରେ ଯାହା ଜାଣିପାରିଥିଲେ, ତାହା ବର୍ଣ୍ଣନା କଲେ ।

"ପାରିସର ସହରତଳି ଅଞ୍ଚଳରେ ଜଣେ ଧନୀ ଭଦ୍ରବ୍ୟକ୍ତି ବାସ କରୁଥିଲେ । ଏହି ଲୋକଟି ତାଙ୍କର କଚୁଆନ ଥିଲା । ଏହାର ନାମ ଫ୍ରାଙ୍କୋଇ ।

Digitized by srujanika@gmail.com

ଭଦ୍ରବ୍ୟକ୍ତି ଗୋଟିଏ ପ୍ରକାଣ୍ଡ ହତାରେ ଏକ ସୁନ୍ଦର ଓ ଆଡ଼ମ୍ବରପୂର୍ଣ୍ଣ ଘରେ ବାସକରୁଥିଲେ । ତାଙ୍କର କେତେଜଣ ପୁଅାଝିଅ ଚାକର ଥିଲେ । ଘରଟି ସିନ୍ ନଦୀକୂଳରେ ଅବସ୍ଥିତ ଥିଲା । ଏହି ଫ୍ରାଙ୍କୋଇ ତାଙ୍କର ଗାଡ଼ି ଚଳାଉଥିଲା ଓ ଘୋଡ଼ାମାନଙ୍କର ଯତ୍ନ ନେଉଥିଲା । ସେ ଏଥିପୂର୍ବରୁ ମଫସଲରେ ଥିଲା । ତାର ଆଚାର ବ୍ୟବହାର ସହରର ଲୋକଙ୍କ ଆଚାର ବ୍ୟବହାରଠାରୁ ଭିନ୍ନ ଥିଲା ; କିନ୍ତୁ ସେ ବଡ଼ ସରଳପ୍ରକୃତିର ଲୋକଥିଲା ; ପ୍ରତାରଣା କଅଣ ଜାଣି ନ ଥିଲା । ବରଂ ଅନ୍ୟମାନେ ଅକ୍ଳେଶରେ ତାକୁ ପ୍ରତାରଣା କରିପାରୁଥିଲେ ।

ଦିନେ ସନ୍ଧ୍ୟାବେଳେ ସେ ଘରକୁ ଫେରିଲାବେଳେ ଗୋଟାଏ ବୁଲା କୁକୁରୀ ତା ପଛେ ପଛେ ଚାଲିଲା । ପ୍ରଥମେ ପ୍ରଥମେ ସେ ଏହାପ୍ରତି ଆଦୌ ଦୃଷ୍ଟି ଦେଇ ନ ଥିଲା ; କିନ୍ତୁ ଯେତେବେଳେ ସେ ତାହାର ପାଦର ଠିକ୍ ପଛକୁ ଚାଲିଆସିଲା, ସେତେବେଳେ ଫ୍ରାଙ୍କୋଇ ବୁଲିପଡ଼ି ଚାହିଁଲା । ସେ ଏହାକୁ ଚିହ୍ନିପାରିଲା ନାହିଁ । ଏହାକୁ ସେ ପୂର୍ବରୁ କେବେ ଦେଖିନଥିଲା ।

ଏହାର ଦେହରେ ଚମ ପ୍ରାୟ ନ ଥିଲା ; ହାଡ଼ଗୁଡ଼ିକ ଗଣିହୋଇଯାଉଥିଲା । ପେଟର ସ୍ତନ ଓହଳିପଡ଼ୁଥିଲା । ସେ ଯେ ଖାଇବାବିନା ଏପରି ହୋଇଯାଇଥିଲା, ଏହା ସ୍ପଷ୍ଟ ଜଣାପଡ଼ୁଥିଲା । ଲାଙ୍ଗୁଡ଼ଟିକୁ ସେ ପଛ ଗୋଡ଼ ଦୁଇଟି ମଧ୍ୟରେ ଜାକିଦେଇଥିଲା ଓ ତାର କାନଯୋଡ଼ିକ ଓହଳି ପଡ଼ିଥିଲା । ଫ୍ରାଙ୍କୋଇ ଛିଡ଼ାହେଲେ ସେ ଛିଡ଼ା ହେଉଥିଲା ଓ ଫ୍ରାଙ୍କୋଇ ଚାଲିଲେ ସେ ତା ପଛେ ପଛେ ଚାଲୁଥିଲା ।

ସେ ଏହି କୁକୁରୀକୁ ତଡ଼ିଦେବାକୁ ଚେଷ୍ଟାକରି ପାଟିକଲା—ଯାଃ, ବାହାର୍ । କୁକୁରୀ କିଛିଦୂର ପଳାଇ ବସିଗଲା । କିନ୍ତୁ ଫ୍ରାଙ୍କୋଇ

Digitized by srujanika@gmail.com

ଚାଲିବାକୁ ଆରମ୍ଭକରିବାରୁ ସେ ତା ପଛେ ପଛେ ଚାଲିଲା । ଏହିପରି ତିନି ଚାରିଥର ଘଟିବା ପରେ ଫ୍ରାଙ୍କୋଇ ତଳୁ ଢେଲା ଗୋଟାଇ ତାକୁ ମାରିବାର ଛଳନାକଲା । କୁତ୍ତୀ ପଳାଇଗଲା । କିନ୍ତୁ ଫ୍ରାଙ୍କୋଇ ଚାଲିବାକୁ ଆରମ୍ଭ କରନ୍ତେ ସେ ପୁଣି ତା'ପଛରେ ଚାଲିଲା ।

କୁତ୍ତୀଟିର ଦୁରବସ୍ଥା ଓ ତାର ଏପରି ଅନୁସରଣ କରୁଥିବା ଦେଖି ଫ୍ରାଙ୍କୋଇର ତା'ପ୍ରତି ଦୟା ଆସିଲା । ସେ 'ତୁ ତୁ' କରି ତାକୁ ଡାକିଲା । ପ୍ରଥମେ କୁତ୍ତୀଟି ଅତି ଭୟରେ ମୁଣ୍ଡ ନୁଆଁଇ ଲାଙ୍ଗୁଡ଼ ଜାକି ଧୀରେ ଧୀରେ ତା' ଆଡ଼କୁ ଗଲା । ତାର ଏଭଳି ଦୁର୍ବଳ ଦେହ ଦେଖି ଫ୍ରାଙ୍କୋଇର ଦୟା ହେଲା । ସେ ତାର ଅସ୍ଥିସାର ଦେହକୁ ଆଉଁସିଦେଇ ମନକୁ ମନ କହିଲା, "ହଉ, ମୋ ସାଥିରେ ଚାଲୁଛୁ ତ ଚାଲୁ ।" ତାର ମନର ଭାବ ବୁଝିଲାପରି କୁତ୍ତୀ ଲାଙ୍ଗୁଳ ହଲାଇ ତା ପାଦରେ ଘଷି ହୋଇଗଲା । କଚୁଆନ ଫ୍ରାଙ୍କୋଇ ପୁଣି ଚାଲିଲା । ଏବେ କୁତ୍ତୀ ତା ପଛରେ ନ ଚାଲି ତା ଆଗେ ଆଗେ ଚାଲିଲା । ଏପରିକି ଆନନ୍ଦର ଆତିଶଯ୍ୟରେ ବେଳେ ବେଳେ ଦୌଡ଼ିବାକୁ ଲାଗିଲା ।

କଚୁଆନ ତାକୁ ନେଇ ଅସ୍ତାବଲର ଗୋଟିଏ କଣରେ ନଡ଼ା ଉପରେ ଛାଡ଼ିଦେଲା ଓ ରନ୍ଧାଘରୁ କେତେଖଣ୍ଡ ରୁଟି ଆଣି ତା ଆଗରେ ପକାଇଦେଲା । ସେ ଅତି ଆଗ୍ରହରେ ତାକୁ ଖାଇଦେଇ ନଡ଼ାଉପରେ ଶୋଇପଡ଼ିଲା ।

ଏହାର ପରଦିନ କଚୁଆନ ତାର ମୁନିବଙ୍କୁ କହିଲା, "ମୁଁ ଗୋଟିଏ କୁତ୍ତୀ ଆଣିଛୁ । ସେଇଟି ବଡ଼ ଧୀରସ୍ଥିର, ବୁଦ୍ଧିଆ ଭଳି ଜଣାପଡ଼ୁଛି । ଭଲ କଥା ମାନିବ । ମୁଁ ତାକୁ ଘୋଡ଼ାଶାଳରେ ରଖିବି ।" ମୁନିବ କୌଣସି ଆପତ୍ତି ନ କରି ତାକୁ ପାଳିବାର ଅନୁମତି ଦେଲେ ।

Digitized by srujanika@gmail.com

କିଛିଦିନ ପରେ କୁତ୍ତୀର ଗୋଟିଏ ବଡ଼ ଦୋଷ ଥିବାର ଦେଖାଗଲା । ଅଳ୍ପଦିନ ଭିତରେ ତାର ଦେହ ପୂରିଆସିଲା ଓ ଦେହଯାକ ଗହଳିଆ ରୁମ ଉଠିଲା । ସେ ଆଖପାଖର ସବୁ କୁକୁରଙ୍କ ସହିତ ଭାବ ଲଗାଇଦେଲା । ଯେତେ କୁତ୍ତା ସେ ଅଞ୍ଚଳରେ ଥିଲେ ସମସ୍ତେ ଆସି ଘୋଡ଼ାଶାଳ ପାଖରେ ରୁଣ୍ଡହେଲେ । ସେ ଯୁଆଡ଼େ ଗଲା, ତା ପଛେ ପଛେ ଦଳେ କୁତ୍ତା ଗୋଡ଼ାଇଲେ । ସେମାନଙ୍କ ଭିତରୁ ଗୋଟିଏ ହେଲେ କାହାକୁ ସେ ଘୃଣା କରୁନଥିଲା । ଏହି ଦଳରେ ନାନାଶ୍ରେଣୀର କୁକୁର ଥିଲେ ; ଆକାରରେ କେହି ବିରାଡ଼ି ଭଳି ତ କେହି ଗଧ ପରି । ରାସ୍ତା ଉପରେ ସେ ତାର ଏହି ବନ୍ଧୁମାନଙ୍କୁ ଘେନି ସ୍ୱଚ୍ଛନ୍ଦରେ ବିହାର କରୁଥିଲା । ଯେତେବେଳେ ସେ କୌଣସି ଗଛମୂଳେ ବିଶ୍ରାମ ନେଉଥିଲା, ସେତେବେଳେ ତାର ଏହି ବନ୍ଧୁମାନେ ତାକୁ ବେଢି ରହୁଥିଲେ ।

ସେ ଅଞ୍ଚଳର ଲୋକେ ଏହି କୁତ୍ତୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ଏତେ କୁତ୍ତା କୌଣସି କୁତ୍ତୀକୁ ସବୁବେଳେ ବେଢ଼ି ରହୁଥିବାର ସେମାନେ କେବେ ଦେଖିନଥିଲେ । ସ୍ଥାନୀୟ ପଶୁଡାକ୍ତର ଏହାର କାରଣ ସ୍ଥିର କରିପାରିନଥିଲେ ।

କୁତ୍ତୀ ସନ୍ଧ୍ୟାବେଳକୁ ଘୋଡ଼ାଶାଳକୁ ଆସିଲେ ପଲେ କୁତ୍ତା ଘାତମତେ ଘରଟିକୁ ଆକ୍ରମଣ କରିପକାଉଥିଲେ । ସେମାନେ ହତାର ବାଡ଼ରେ ଥିବା ଫାଙ୍କମାନଙ୍କରେ ବଟିଯାଇ ଭିତରେ ପ୍ରବେଶ କରୁଥିଲେ । ସେମାନଙ୍କ ଉପଦ୍ରବରେ ମାଳୀ ବ୍ୟତିବ୍ୟସ୍ତ ହୋଇଯାଉଥିଲା । ଫୁଲଗଛ ଲଗାଇବାପାଇଁ ସେ କିଆରି କରିଥାଏ; କୁକୁରମାନେ ତାକୁ ଖୋଳିପକାନ୍ତି ; ଫୁଲଗଛଗୁଡ଼ିକୁ ଚକଟି ଭାଙ୍ଗି ପକାନ୍ତି । ସେମାନେ ରାତିଯାକ ଘୋଡ଼ାଶାଳ ଚାରିପାଖେ ଭୁକି କାହାରିକୁ

Digitized by srujanika@gmail.com

ଶୁଖାଇ ଦଅନ୍ତି ନାହିଁ । ଯେତେ ତଡ଼ିଲେ ସୁଦ୍ଧା ସେମାନେ ସେ ସ୍ଥାନ ଛାଡ଼ି ଯାଆନ୍ତି ନାହିଁ ।

ଦିନ ବେଳେ ମଧ୍ୟ ସେମାନଙ୍କଠାରୁ ନିସ୍ତାର ମିଳୁନଥିଲା । ସେମାନେ ଯେତେବେଳେ ଇଚ୍ଛା ସେତେବେଳେ ଘରେ ପଶିଯାଉଥିଲେ । ଘରର ଯେ କୌଣସି ଅଂଶରେ ସେମାନଙ୍କୁ ଦେଖିବାକୁ ମିଳୁଥିଲା । ସେମାନଙ୍କ ଭିତରେ ନାନା ରଙ୍ଗର, ନାନା ଜାତିର କୁକୁର ଥିଲେ ; ଶିକାରୀ କୁକୁର, ଓାହାଳ କୁକୁର ପ୍ରଭୃତି । କାହାର ରଙ୍ଗ କଳା, କାହାର ଧଳା, କାହାର ହଳଦିଆ, କାହାର ଅବା ଛିପଛିପିକିଆ । କାହାର ଲୋମ ରେଶମ ପରି ସୂକ୍ଷ୍ମ ଓ ଚିକ୍କଣ, କାହାର ମୋଟ, କାହାର ଲମ୍ବ, କାହାର ସାନ, କାହାର ଅବା ଆଦୌ ଲୋମ ନ ଥିଲା । ସେମାନଙ୍କ ଭିତରେ କେତୋଟା ନିଉଫାଉଣ୍ଡଲାଣ୍ଡ୍ କୁକୁର ଥିଲେ । ପିଲାମାନେ ସେମାନଙ୍କର ଚେହେରା ଦେଖି ଭୟରେ ଲୁଚୁଥିଲେ ।

ଏହିପରି କେତେ କୁକୁର କେଉଁଠାରୁ ଆସୁଥିଲେ, କିପରି ଆସୁଥିଲେ, କଅଣ ଖାଉଥିଲେ ପୁଣି କେଉଁଠାକୁ ଯାଉଥିଲେ, ତାହା କାହାରିକୁ ଜଣା ନ ଥିଲା ।

କୁଣ୍ଡୀଟି ଉପରେ ସମସ୍ତେ ବିରକ୍ତ ; କିନ୍ତୁ ଫ୍ରାଙ୍କୋଇର ସେ ଅତି ପ୍ରିୟ । ସେ ତାକୁ କଜୋଟି ବୋଲି ନାମ ଦେଇଥିଲା । ସେ କହେ, "ମୋ କଜୋଟିର ମଣିଷ ପରି ବୁଦ୍ଧି ; ଖାଲି କଥା କହି ପାରୁନାହିଁ ।"

ସେ କଜୋଟି ପାଇଁ ଗୋଟିଏ ସୁନ୍ଦର ନାଲି ଚମଡ଼ାର ଗଳାବନ୍ଧ (କଲର) ତିଆରି କରାଇ ଆଣିଲା । ସେଥିରେ ତମ୍ବା ପଟାଟିଏ ଲାଗିଥିଲା ଓ ସେହି ପଟା ଉପରେ ଖୋଦା ହୋଇଥିଲା "ମି: ଫ୍ରାଙ୍କୋଇଙ୍କର କ୍ଷୁଦ୍ର କଜୋଟି ।"

Digitized by srujanika@gmail.com

ଏଥି ମଧ୍ୟରେ କକୋଟି ଖୁବ୍ ମୋଟା ହୋଇ ଯାଇଥିଲା। ଆସିଲା ବେଳେ ସେ ଯେପରି କ୍ଷୀଣ ଥିଲା, ଏବେ ଫ୍ରାଙ୍କୋଇର ଯତ୍ନରେ ସେହିପରି ମୋଟା ହୋଇଗଲା। ତାର ପେଟଟି ଏତେ ଓହଳି ପଡ଼ିଥିଲା ଯେ ତାର ସ୍ତନଗୁଡ଼ିକ ପ୍ରାୟ ଭୂମିକୁ ସ୍ପର୍ଶ କରୁଥିଲା। ଚାଲିଲା ବେଳେ ତାକୁ କଷ୍ଟ ହେଉଥିଲା; ନିଃଶ୍ୱାସ ନେବାକୁ କଷ୍ଟ ହେଉଥିଲା ଓ ଜିଭ କାଢ଼ିରେ ଧକେଇ ହେଉଥିଲା। ସାମାନ୍ୟ ଦଉଡ଼ିଲେ ତାର କ୍ଳାନ୍ତି ଆସୁଥିଲା।

ଗୋଟିଏ ବିଷୟରେ ଅନ୍ୟ କୌଣସି କୁତ୍ତୀ ତାର ସମକକ୍ଷ ହେବାର ଆଶା ନ ଥିଲା। ସେ ପ୍ରତିବର୍ଷ ଚାରିଥର ଛୁଆ ଦେଉଥିଲା ଓ ପ୍ରତିଥର ଛୁଆମାନଙ୍କର ସଂଖ୍ୟା ଖୁବ୍ ବେଶି। ସେମାନଙ୍କ ଭିତରେ ଯେ କେତେ ଜାତିର ଛୁଆ ଥିଲେ, ତାର ସଂଖ୍ୟା କରିବା ଅସମ୍ଭବ। ଏମାନଙ୍କ ଉତ୍ପାତରୁ ରକ୍ଷା ପାଇବା ପାଇଁ ଫ୍ରାଙ୍କୋଇ ପ୍ରତ୍ୟେକ ଥର କେବଳ ଗୋଟିଏ ମାତ୍ର ଛୁଆ ମାଆ ପାଖରେ ରଖି ଅନ୍ୟମାନଙ୍କୁ ଅତି ନିର୍ଦ୍ଦୟ ଭାବରେ ନଦୀଗର୍ଭରେ ବିସର୍ଜନ ଦେଉଥିଲା।

କକୋଟି ହେତୁ ବଗିଚା ନଷ୍ଟ ହେଉଛି ବୋଲି ମାଳି ମୁନିବଙ୍କ ପାଖରେ ଆପତ୍ତି କଲା। ତାହା ପରେ ପରେ ପୂଝାରୀ ଅଭିଯୋଗ କଲା, "କୁକୁରମାନେ ଆସି ରନ୍ଧାଘରେ ପଶିଯାଉଛନ୍ତି; ଖାଇବା ଜିନିଷ ନେଇଯାଉଛନ୍ତି; କୋଇଲା ବାକ୍ସରେ ଶୋଉଛନ୍ତି। ଫ୍ରାଙ୍କୋଇର କୁତ୍ତୀକୁ ବିଦାୟ ନ କଲେ ରକ୍ଷା ନାହିଁ।"

ଏ ପ୍ରକାର ଆପତ୍ତି ଶୁଣି ଶୁଣି ମୁନିବ ଧୈର୍ଯ୍ୟ ଧରି ପାରିଲେ ନାହିଁ। ସେ ଫ୍ରାଙ୍କୋଇକୁ ଆଦେଶ ଦେଲେ, "ତୋର କକୋଟିକୁ ବାହାର କରି ଦେ।" ଫ୍ରାଙ୍କୋଇର ଦୁଃଖ କହିଲେ ନ ସରେ। କେହି କକୋଟିକୁ ଚାହାନ୍ତି ନାହିଁ। ତେଣୁ ସେ ତାକୁ ଦୂରକୁ ପଠାଇ ଦେବାକୁ ସ୍ଥିର କଲା। ଜଣେ ବସ ଡ୍ରାଇଭର ସହିତ ତାର

Digitized by srujanika@gmail.com

ବନ୍ଧୁତା ଥିଲା । ସେ କକୋଟିକୁ ତାହା ଜମ୍ମା ଦେଇ କହିଲା, "ଏହାକୁ ପାରିସର ଆରପାଖେ ଜଇନଭିଲ୍‌ରେ ଛାଡ଼ ଦେବ ।" ଡ୍ରାଇଭର ସକାଳୁ ତାକୁ ନେଇ ଜଇନଭିଲ୍‌ରେ ଛାଡ଼ ଦେଇ ଆସିଲା । କିନ୍ତୁ ସେଇ ଦିନ ସନ୍ଧ୍ୟାବେଳକୁ କକୋଟି ଫେରିଆସି ଫ୍ରାଙ୍କୋଇ ପାଖରେ ଉପସ୍ଥିତ ।

କକୋଟିକୁ ଆହୁରି ଦୂରରେ ଛାଡ଼ିବା ଆବଶ୍ୟକ ମନେ ହେଲା । ରେଳଗାଡ଼ିର ଜଣେ ଡ୍ରାଇଭର ସହିତ ବ୍ୟବସ୍ଥା ହେଲା ଯେ, ସେ କକୋଟିକୁ ରେଲଗାଡ଼ିରେ ନେଇ ହାଭର ଷ୍ଟେସନରେ ଛାଡ଼ ଦେବ । ଏଥିପାଇଁ ଡ୍ରାଇଭରକୁ ପାଞ୍ଚ ଫ୍ରାଙ୍କ ଦେବାକୁ ହେଲା ।

ଦୁଇ ଦିନ ପର୍ଯ୍ୟନ୍ତ କକୋଟିର ଦେଖା ନାହିଁ । ଘରର ସମସ୍ତେ ଶାନ୍ତି ଅନୁଭବ କଲେ; କେବଳ ଫ୍ରାଙ୍କୋଇର ମନ ବ୍ୟସ୍ତ ହେଉଥାଏ । ତୃତୀୟ ଦିନ ଦେଖାଗଲା କକୋଟି ଆସି ଘୋଡ଼ାଶାଳରେ । ତାର ଦେହ ଶୁଖି ଯାଇଛି, ହାଡ଼ ଦିଶୁଛି ।

ମୁନିବଙ୍କର ଟିକିଏ ଦୟା ହେଲା । ସେ ଫ୍ରାଙ୍କୋଇକୁ ଆଉ କିଛି କହିଲେ ନାହିଁ ।

କିନ୍ତୁ ଦେଖାଗଲା, କକୋଟି ଫେରି ଆସିବା ସଙ୍ଗେ ସଙ୍ଗେ କୁକୁର ଦଳଙ୍କର ପୁନରାୟ ଆବିର୍ଭାବ ହେଲା । ସେମାନଙ୍କର ଆକ୍ରମଣ ମଧ୍ୟ ଆହୁରି ଭୀଷଣ ହେଲା । ଦିନେ ପୁଷ୍କାଣୀ ଗୋଟିଏ ଭୋଜି ନିମନ୍ତେ ରାନ୍ଧିବାର ବ୍ୟବସ୍ଥା କରୁଥିଲା । ଗୋଟାଏ କୁକୁର ହଠାତ୍ ରନ୍ଧାଘରେ ପଶି ମରା ହୋଇଥିବା କୁକୁଡ଼ାଟାକୁ ନେଇ ପଳାଇଲା ।

ନାନା ଆପତ୍ତି ଶୁଣି ମୁନିବ ବିରକ୍ତ ହୋଇଗଲେ । ସେ କଚୁଆନକୁ ଡାକି କହିଲେ, "ଦେଖ ଫ୍ରାଙ୍କୋଇ, କାଲି ସକାଳୁ ସେ କୁଣ୍ଡୀକୁ ନେଇ ନଈରେ ବୁଡ଼ାଇ ମାରିଦେବୁ । ନୋହିଲେ ତୋତେ ଚାକିରିରୁ ବାହାର କରିଦେବି ।"

Digitized by srujanika@gmail.com

ଫ୍ରାଙ୍କୋଇ ମୁଣ୍ଡରେ ବଜ୍ର ପଡ଼ିଲା । ସେ କକୋଟିର ମାୟା ଛାଡ଼ିବ ନା ଚାକିରିର ମାୟା ଛାଡ଼ିବ ! ଚାକିରି ଛାଡ଼ିଯିବ ବୋଲି ସେ ନିଜର ଜିନିଷ ପତ୍ର ବନ୍ଧାବନ୍ଧି କରିବାକୁ ଗଲା । କିନ୍ତୁ ଏହି ସମୟରେ ସେ ପୁଣି ଭାବିଲା, "ଏ କୁତ୍ତୀକୁ ସାଙ୍ଗରେ ନେଇ ଗଲେ, ମୁଁ କଅଣ କରିବି ? ଆଉ କେଉଁଠି ଚାକିରି ମିଳିବ ? ମୁଁ ଏଠାରେ ଭଲ ଖାଇବାକୁ ପାଉଛି, ଭଲ ଦରମା ମଧ୍ୟ ମିଳୁଛି । କୁତ୍ତୀଟାଏ ଲାଗି ଏଭଳି ଚାକିରି ଛାଡ଼ି ଯିବା ଉଚିତ ହେବ ନାହିଁ ।" ନିଜର ସ୍ୱାର୍ଥ ବିଷୟ ଭାବି ସେ ପରଦିନ କୁତ୍ତୀକୁ ଚିରଦିନ ପାଇଁ ବିଦାୟ ଦେବାକୁ ସ୍ଥିର କଲା ।

ରାତିସାରା ତାକୁ ନିଦ ହେଲା ନାହିଁ । ଖୁବ ସକାଳୁ ଉଠି ସେ ଖଣ୍ଡିଏ ଲମ୍ବ ଦଉଡ଼ି ଆଣି କକୋଟିକୁ ଖୋଜିବାକୁ ଗଲା । ଘୋଡ଼ା ଶାଳରେ ପଶିଲା କ୍ଷଣି କକୋଟି ଉଠି ତା ପାଖକୁ ଆନନ୍ଦରେ ଦଉଡ଼ି ଆସିଲା ଓ ତା ପାଦରେ ଘଷି ହେଲା । ଫ୍ରାଙ୍କୋଇର ମନ ଦୁର୍ବଳ ହୋଇ ଆସିଲା। ସେ ତାକୁ ଆଉଁଷି ଗେଲ କଲା ; ତାକୁ କେତେଥର ଚୁମ୍ବନ ଦେଲା ଓ ସ୍ନେହରେ ଡାକିଲା, "କକୋଟି, ଆ ମୋ କକୋଟି ।"

ପାଖରେ କେଉଁଠି ଛଅଟା ବାଜିଲା । ଫ୍ରାଙ୍କୋଇ ଗତ ସନ୍ଧ୍ୟାରେ ତା ମୁନିବଙ୍କ ଆଦେଶ ସ୍ମରଣ କଲା । ଆଉ ଡେରି କରିବାକୁ ସମୟ ନାହିଁ । ସେ କକୋଟିକୁ ଡାକିଲା । କକୋଟି ଆନନ୍ଦରେ ଲାଂଗୁଡ଼ ହଲାଇ ତା ପଛେ ପଛେ ଯିବାକୁ ଲାଗିଲା । ତାର ଧାରଣା ଫ୍ରାଙ୍କୋଇ ତାକୁ ବୁଲି ଯିବାପାଇଁ ଡାକୁଛି ।

ନଦୀ କୂଳରେ ପହଂଚି ସେ ଦଉଡ଼ିର ଗୋଟିଏ ମୁଣ୍ଡକୁ କଲର ସହିତ ଦୃଢ଼ ରୂପେ ବାନ୍ଧିଲା ; ଖଣ୍ଡିଏ ବଡ଼ ପଥର ଆଣି ତାହାକୁ ଦଉଡ଼ିର ଅନ୍ୟ ମୁଣ୍ଡରେ ବାନ୍ଧିଲା । ତାହା ପରେ ସେ

Digitized by srujanika@gmail.com

କକୋଟିକୁ କୋଳରେ ଧରି ବାରମ୍ବାର ଚୁମ୍ବନ ଦେଲା । ତାପରେ ତାର ଗଳାକୁ ଦୃଢ଼ ଭାବରେ ଧରି ଆଦର କରୁ କରୁ ତାକୁ ନଦୀ ଗର୍ଭକୁ ଫିଙ୍ଗିବାକୁ ବସିଲା, କିନ୍ତୁ ଠିକ ଶେଷ ମୁହୂର୍ତ୍ତରେ ଫିଙ୍ଗି ପାରିଲା ନାହିଁ ।

ଏହିପରି ଆଠ ଦଶ ଥର ବ୍ୟର୍ଥ ଚେଷ୍ଟା କରି ଶେଷରେ ସେ ମନକୁ ଦୃଢ଼ କଲା ଓ ଦେହର ସମସ୍ତ ଶକ୍ତି ପ୍ରୟୋଗ କରି କକୋଟିକୁ ନଦୀ ଗର୍ଭକୁ ଫିଙ୍ଗିଦେଲା । ସେ ପହଁରିବା ପାଇଁ ପ୍ରାଣପଣେ ଚେଷ୍ଟା କଲା ; କିନ୍ତୁ ପଥରର ଓଜନରେ ତାର ମୁଣ୍ଡ ପାଣିରେ ବୁଡ଼ିଗଲା । ପଛ ଗୋଡ଼ ଦୁଇଟା କିଛି ସମୟ ଯାଏ ପାଣି ଉପରେ ଛଟପଟ ହୋଇ ବୁଡ଼ିଗଲା । କକୋଟି ପାଣି ଭିତରେ ଲୁଚିଗଲା । କେତୋଟି ବୁଦ୍‌ବୁଦ୍ ପାଣି ଉପରକୁ ଉଠି କିଛି ସମୟ ପରେ ଉଭେଇ ଗଲା ।

ଫ୍ରାଙ୍କୋଇର ମୁହଁ ଶୁଖିଗଲା ; ତାର ବୁଦ୍ଧି ଲୋପ ପାଇଲା । ତାର ଗୁଣ୍ଡି କଂପିଗଲା । ତାର ମନେ ହେଲା, କକୋଟି ନର୍କର କାଦୁଅରେ ଛଟପଟ ହେଉଛି । ହାୟ, କକୋଟି ମୋ ବିଷୟରେ କଅଣ ଭାବୁଥିବ !

ସେ ପ୍ରାୟ ପାଗଳ ଅବସ୍ଥାରେ ଘରକୁ ଫେରିଲା । ପ୍ରାୟ ମାସେ ପର୍ଯ୍ୟନ୍ତ ସେ ଉଠିପାରିଲା ନାହିଁ । ପ୍ରତିଦିନ ରାତିରେ ସେ କକୋଟିକୁ ସ୍ୱପ୍ନ ଦେଖିଲା । ସେ ମନେକଲେ କକୋଟି ତାର ହାତକୁ ଚାଟୁଛି ; କକୋଟି ଭୁକୁଛି ।

ଡାକ୍ତରଙ୍କୁ ଡକାଇ ଚିକିତ୍ସା କରାଗଲା । କିଛିଦିନ ପରେ ତାର ଦେହ ଭଲ ହୋଇ ଆସିଲା । ତାର ପ୍ରଭୁଙ୍କର ରୁଏନ ନିକଟରେ ଖଣ୍ଡିଏ ଜମିଦାରୀ ଥିଲା । ସେଠାରେ କିଛିଦିନ କଟାଇବାକୁ ସେମାନେ ଫ୍ରାଙ୍କୋଇକୁ ନେଇଗଲେ । ସେମାନଙ୍କର ଏଠାକାର ଘରଟି ମଧ୍ୟ ସେଇ ସିନ୍ ନଦୀ କୂଳରେ ।

Digitized by srujanika@gmail.com

ଫ୍ରାଙ୍କୋଇ ନଦୀକୁ ଯାଇ ସେଥିରେ ସ୍ନାନ କରୁଥିଲା । ଘୋଡ଼ାଘାସୀ ମଧ୍ୟ ତାର ସଙ୍ଗରେ ସ୍ନାନ କରିବାକୁ ଯାଉଥିଲା । ବେଳେ ବେଳେ ଦୁହେଁ ନଦୀରେ ପହଁରୁଥିଲେ ।

ଦିନେ ଦୁହେଁ ପରସ୍ପର ପାଣି ଫିଙ୍ଗାଫିଙ୍ଗି ହୋଇ ପହଁରୁଥିଲା-ବେଳେ ହଠାତ୍ ଫ୍ରାଙ୍କୋଇ କହିଲା, "ଦେଖିଲୁ, ଦେଖିଲୁ, ଗୋଟାଏ ମେଣ୍ଢା ଭାସିଆସୁଛି । ଭଲ ତରକାରି ହେବ ।"

ଏହା ପ୍ରକୃତରେ ଗୋଟିଏ ମଲା ଜୀବ ; ଅନେକଦିନରୁ ପଚି ସଢ଼ି ଫୁଲିଯାଇଥିଲା । ଚମଡ଼ପରେ ଗୋଟିଏ ହେଲେ ଲୁମ ନ ଥିଲା । ପାଦ ଗୁଡ଼ିକ ଉପରକୁ ରହିଥିଲା ।

ଫ୍ରାଙ୍କୋଇ ଏହା ନିକଟକୁ ପହଁରି ଯାଉ ଯାଉ ଥଟ୍ଟାକରି କହିଲା, "ଆରେ, ଖୁବ୍ ବଡ଼ଟାଏ ; ଭଲ ମାଲ୍ । ବହୁତ ମାଂସ ବାହାରିବ ।"

ପଚ୍ଚ ଶବର ଗନ୍ଧ ସହି ନ ପାରି ସେ ଏହାଠାରୁ ଟିକିଏ ଦୂରରେ ରହି ଏହାର ଗୁଡ଼ିପାଖେ ପହଁରିବାକୁ ଲାଗିଲା ।

ହଠାତ୍ ସେ ଏହାକୁ ଏକ ଦୃଷ୍ଟିରେ ଚାହିଁ ଏହାର ଖୁବ୍ ନିକଟକୁ ପହଁରିଗଲା । ଦେଖିଲା, ତା'ବେକରେ ଗୋଟାଏ କଲର । ସେ ଏହାକୁ ଧରି ଶବଟାକୁ ନିଜପାଖକୁ ଟାଣି ନେଇଆସିଲା । ସେଥିରେ ଲାଗିଥିବା ପିତ୍ତଳ ପଟାକୁ ଭଲକରି ଚାହିଁ ତାର ଉପରର ଲେଖାକୁ ପଢ଼ିଲା—"ମି: ଫ୍ରାଙ୍କୋଇଙ୍କର ଶ୍ରୀମତୀ କକୋଟି ।"

କକୋଟିକୁ ଯେଉଁଠାରେ ବିସର୍ଜନ ଦିଆଯାଇଥିଲା, ସେଠାରୁ ଷାଠିଏମାଇଲ ଦୂରରେ ତାର ପ୍ରଭୁଙ୍କ ସହିତ ପୁଣି ମିଳନ ହେଲା ।

ଫ୍ରାଙ୍କୋଇ ଗୋଟାଏ ବିକଟ ଚିତ୍କାର କରି କରି କୂଳକୁ ପହଁରି ଆସିଲା । କୂଳରେ ପହଞ୍ଚି ସେ ଉଲଗ୍ନ ଅବସ୍ଥାରେ ଦଉଡ଼ିବାକୁ ଲାଗିଲା । ସେହି ଦିନଠାରୁ ସେ ପାଗଳ ହୋଇଯାଇଛି ।"

Digitized by srujanika@gmail.com